# ଭୁବନେଶ୍ୱର କୋର୍ଟ ଉଡ଼ାଇ ଦେବାକୁ ଧମକ

- ସନ୍ଧାନୀ କୁକୁର, ବମ୍ ସ୍କ୍ୱାଡ୍ ତନାଘନା ପରେ କିଛି ମିଳିଲାନି
- ବିଦେଶରୁ ମେଲ୍ ଆସୁଥିବାରୁ ଲିଙ୍କ୍ ପାଇପାରୁନି କ୍ରାଇମ୍‌ବ୍ରାଞ୍ଚ
- ଖୁବ୍‌ଶୀଘ୍ର ମେଲ୍ ପଠାଉଥିବା ଦୁର୍ବୃତ୍ତ ଠାବ ହେବେ: କ୍ରାଇମ୍‌ବ୍ରାଞ୍ଚ ଡିଜି

ଭୁବନେଶ୍ୱର,୧୨।୩(ତ୍ରିନାଥ ମହାନ୍ତି)






ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା କୋର୍ଟ ପରିସରରେ ସନ୍ଧାନୀ କୁକୁର ସହାୟତାରେ ବମ୍ ସ୍କ୍ୱାଡ୍ ଯାଞ୍ଚ କରୁଛି।

ଗତ କିଛି ସପ୍ତାହଧରି ରାଜ୍ୟର ବିଭିନ୍ନ କୋର୍ଟକୁ ବୋମା ଧମକ ମିଳୁଥିବାବେଳେ ଗୁରୁବାର ଅନୁରୂପଭାବେ ଭୁବନେଶ୍ୱର କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଖୋର୍ଦ୍ଧା ଜିଲା ଜଜ୍‌ଙ୍କ ମେଲ୍ ଆଇଡିକୁ ଧମକ ଆସିଥିଲା। ଏହି ମେଲ୍ ଦେଖିବା ପରେ ତୁରନ୍ତ ବଡ଼ଗଡ଼ ଥାନାକୁ ଜଣାଇ ଦିଆଯାଇଥିଲା। ଖବରପାଇ ବଡ଼ଗଡ଼ ଥାନା ପୋଲିସ, ସନ୍ଧାନୀ କୁକୁର ଓ ବମ ସ୍କ୍ୱାଡ୍ ତୁରନ୍ତ କୋର୍ଟ ପରିସରରେ ପହଞ୍ଚି ତନ୍ନତନ୍ନ କରି ସମସ୍ତ କୋଠରି ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଘଟଣାସ୍ଥଳରେ ବଡ଼ଗଡ଼ ଥାନା ପୋଲିସ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଯାଞ୍ଚ କରାଯାଇଥିଲା। କୋର୍ଟର କୋଣ ଅନୁକୋଣରେ ଯାଞ୍ଚ ପରେ ସେଭଳି କିଛି ବୋମା ନ ଥିବା ସ୍ପଷ୍ଟ ହୋଇଥିଲା। ବୋମା ଧମକ କେଉଁ ମେଲ୍ ଆଇଡିରୁ ଆସିଥିଲା ତାହା ଛାନଭିନ୍ କରୁଛି ପୋଲିସ।

ଗୁରୁବାର ପୂର୍ବାହ୍ନ ସାଢେ ୧୦ଟାରେ ହଠାତ୍ ଡିଷ୍ଟ୍ରିକ୍ଟ ଜଜ୍‌ଙ୍କ ମେଲ୍‌କୁ ବୋମାରେ ଉଡ଼ାଇ ଦେବାକୁ ଧମକ ଆସିଥିଲା। ଏହି କଥା ତୁରନ୍ତ ପ୍ରଚାର ହୋଇଯିବା ମାତ୍ରେ ଆଇନଜୀବୀ, ବିଚାରପତି ଏବଂ ଅନ୍ୟ କର୍ମଚାରୀମାନେ ବାହାରକୁ ବାହାରି ଆସିଥିଲେ। ପୋଲିସକୁ ଖବର ଦେବାପରେ ପୋଲିସ ସନ୍ଧାନୀ କୁକୁର, ବୋମା ନିଷ୍କ୍ରିୟକାରୀ ଟିମ୍ ଛାନ୍‌ଭିନ କରିଥିଲେ। ପୋଲିସ କୋର୍ଟ କର୍ମଚାରୀ, ମାଜିଷ୍ଟ୍ରେଟ ଏବଂ ଓକିଲଙ୍କ ସହ ଆଲୋଚନା କରି ଆସିଥିବା ମେଲ୍ ଆଇଡିର ସମସ୍ତ ଲିଙ୍କ୍ ନେଇଛି। ଏହି ବୋମା ଧମକ ପାଇଁ କିଛି ସମୟ ଲାଗି କୋର୍ଟ କାର୍ଯ୍ୟ ବନ୍ଦ ରହିଥିଲା। ପୂର୍ବରୁ ମଧ୍ୟ ହାଇକୋର୍ଟ, ସମ୍ବଲପୁର, ଦେବଗଡ଼, ପୁରୀ ଏବଂ ଫୁଲବାଣୀ କୋର୍ଟକୁ ଉଡ଼ାଇ ଦେବାକୁ ଧମକ ଦିଆଯାଇଥିଲା। ବିଭିନ୍ନ କୋର୍ଟକୁ ଧମକ ଦିଆଯାଉଥିବାବେଳେ ଧମକପୂର୍ଣ୍ଣ ମେଲ୍ ପଠାଉଥିବା ଦୁର୍ବୃତ୍ତଙ୍କୁ କ୍ରାଇମ୍‌ବ୍ରାଞ୍ଚ ଏବଂ ପୋଲିସ ଧରିବାରେ ବିଫଳ ହୋଇଛି। କିଏ ଏବଂ କ'ଣ ପାଇଁ କୋର୍ଟକୁ ଉଡ଼ାଇ ଦେବାକୁ ବୋମା ଧମକ ଦେଉଛି ତାହା ଜଣାପଡୁନାହିଁ। ଏଭଳି ଧମକ ଦେଇ ଦୁର୍ବୃତ୍ତ ମଜା ନେଉଥିବା କେତେକ ଆଇନଜୀବୀ ମତ ଦେଇଛନ୍ତି। ତେବେ ବିଦେଶରୁ ଏହି ମେଲ୍ ଆସୁଥିବାରୁ ଏହାର ଆଇଡିକୁ ଚିହ୍ନଟ କରିବା କ୍ରାଇମ୍‌ବ୍ରାଞ୍ଚ ପକ୍ଷେ କଷ୍ଟକର ହେଉଛି। ବିଭିନ୍ନ ଡାର୍କ ସାଇଟ୍‌ରୁ ଏଭଳି ମେଲ୍ କରାଯାଉଥିବାରୁ ଠାବ କରିବା କଷ୍ଟକର ବୋଲି ପୋଲିସ କହିଛି। ଏନେଇ କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି, ଏହି ମାମଲାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚ କରୁଛି। ବିଦେଶରୁ ଏହି ମେଲ୍ ଆସୁଥିବାରୁ ଏହି ଆଇଡିକୁ ଚିହ୍ନଟ କରିବାରେ କ୍ରାଇମ୍‌ବ୍ରାଞ୍ଚ ଲାଗିପଡ଼ିଛି। ଖୁବ୍‌ଶୀଘ୍ର ଦୁର୍ବୃତ୍ତଙ୍କୁ ଠାବ କରାଯିବ ବୋଲି ମିଶ୍ର କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ମାହେଶ୍ୱରୀ



@ ପ୍ରଦୀପ



@ ପ୍ରଶାନ୍ତ



@ ରୂପେଶ



@ ସୁଶୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସାମ୍ବାଦିକଙ୍କ ସମସ୍ୟା, ଦାବି ନେଇ ଆଲୋଚନା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୨।୩(ସୌମ୍ୟରଞ୍ଜନ ରାଉତ)

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୁରୁବାର ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରିଛନ୍ତି। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର ସିଂଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଇଣ୍ଡିଆନ ୟୁନିଅନ ଅଫ୍ ୱର୍କିଂ ଜର୍ନାଲିଷ୍ଟସ୍ (ଆଇୟୁଡବ୍ଲ୍ୟୁଜେ)ର ସର୍ବଭାରତୀୟ ସଭାପତି ପୀତବାସ ମିଶ୍ର, ଓଡ଼ିଶା ରାଜ୍ୟ ସଭାପତି ଭାଗବତ ପ୍ରସାଦ ତ୍ରିପାଠୀ, ଭୁବନେଶ୍ୱର କାର୍ଯ୍ୟାଳୟ ସଭାପତି ହୃଷୀକେଶ ମହାନ୍ତି ଓ ଉପସଭାପତି ରବି ରାୟ ପ୍ରମୁଖ ଯୋଗଦେଇ ସାମ୍ବାଦିକଙ୍କ ଆର୍ଥିକ ସୁରକ୍ଷା ପାଇଁ ପେନସନ ଯୋଜନା ଲାଗୁ କରିବା, ଖବରଦାତାମାନଙ୍କୁ ସରକାରୀ ସ୍ୱୀକୃତି ମାନ୍ୟତା ପାଇଁ ରାଜ୍ୟ ଆକ୍ରିଡିଟେଶନ୍ କମିଟି ପୁନର୍ଗଠନ କରାଯିବା, ସରକାରୀ ବିଜ୍ଞାପନ ଆବଣ୍ଟନରେ ଅଧିକ ସୁବିଧା କରାଯିବା, ସାମ୍ବାଦିକମାନଙ୍କୁ ପରିଚୟପତ୍ର ପ୍ରଦାନ ପ୍ରସଙ୍ଗରେ ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା। ମୁଖ୍ୟ ଶାସନ ସଚିବ ସମସ୍ତ ପ୍ରସଙ୍ଗକୁ ଭଲଭାବେ ଅନୁଧ୍ୟାନ କରି ପରବର୍ତ୍ତୀ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।




ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହ ଆଇୟୁଡବ୍ଲ୍ୟୁଜେ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

## ମଞ୍ଚେଶ୍ୱର ରେଳଡବା ମରାମତି କାରଖାନାରେ ନିଆଁ



ରେଳ ଡବାରେ ଲାଗିଥିବା ନିଆଁକୁ ପାଣି ପକାଇ ଲିଭାଯାଉଛି।

ଭୁବନେଶ୍ୱର,୧୨।୩(ତ୍ରିନାଥ ମହାନ୍ତି)



- ସ୍କ୍ରାପ୍ ବେଳେ ନିଆଁ ଝୁଲାରୁ ଅଗ୍ନିକାଣ୍ଡ
- ଗୋଟିଏ ବଗି, ଏକାଧିକ କଞ୍ଚାମାଲ ଜଳିଗଲା
- କୁକୁଡ଼ା ପର ପାଇଁ ଭରତପୁର ଜଙ୍ଗଲରେ ନିଆଁ

ଗୋଟିଏ ଦିନରେ ରାଜଧାନୀରେ ଦୁଇଟି ସ୍ଥାନରେ ଅଗ୍ନିକାଣ୍ଡ ଘଟିଛି। ଗୋଟିଏ ଭରତପୁର ଜଙ୍ଗଲରେ ଲାଗିଥିବାବେଳେ ଅନ୍ୟଟି ମଞ୍ଚେଶ୍ୱର ରେଳଡବା ମରାମତି କାରଖାନାରେ ଲାଗିଥିଲା। ଅଗ୍ନିକାଣ୍ଡରେ କାରଖାନା ପାଚେରି କଡ଼ରେ ଥିବା ଗୋଟିଏ ରେଳ ଡବା ଏବଂ ଏକାଧିକ କଞ୍ଚାମାଲ ପୋଡ଼ି ପାଉଁଶ ହୋଇଯାଇଛି। ସ୍କ୍ରାପ୍ ପାଇଁ ରଖାଯାଇଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିଯାଇଥିବା ସୂଚନା ମିଳିଛି। ଖବରପାଇ ମଞ୍ଚେଶ୍ୱର ଏବଂ ଚନ୍ଦ୍ରଶେଖରପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ୫ଟି ଦମକଳ ଗାଡ଼ି ଏବଂ ୧୫ ଜଣ କର୍ମଚାରୀ ପ୍ରାୟ ଏକ ଘଣ୍ଟା ପରିଶ୍ରମ କରିବା ପରେ ନିଆଁ ଆୟତ୍ତ ହୋଇଥିଲା।

ମିଳିଥିବା ସୂଚନା ଅନୁସାରେ, ପୁରୁଣା ରେଳ ଡବା ନିଲାମ ହେବା ପରେ ଏକ ସଂସ୍ଥା ଏହାକୁ ସ୍କ୍ରାପ କରୁଥିଲେ। ଗ୍ୟାସ୍ କଟର ସାହାଯ୍ୟରେ କାଟି ସବୁ ପାର୍ଟସକୁ ଅଲଗା କରୁଥିଲେ। ଅପରାହ୍ନରେ ଗ୍ୟାସ୍ କଟର ନିଆଁ ଝୁଲରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଫଳରେ ପାଚେରି ପାର୍ଶ୍ୱରେ ଥିବା ଗୋଟିଏ ରେଳ ଡବା, ସ୍କ୍ରାପ ହୋଇଥିବା କିଛି ସାମଗ୍ରୀ ଏବଂ ସେଠାରେ ରଖାଯାଇଥିବା ରେଲୱେର କିଛି କଞ୍ଚାମାଲ ପୋଡ଼ି ଯାଇଥିବା ସୂଚନା ମିଳିଛି।

ଅନ୍ୟପଟରେ ଗୁରୁବାର ସକାଳେ ଭରତପୁର ଜଙ୍ଗଲରେ ନିଆଁ ଲାଗିଥିଲା। ଖବର ପାଇ ଚନ୍ଦ୍ରଶେଖରପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସ୍ଥାନୀୟ ଚିକେନ୍ ଦୋକାନୀ କୁକୁଡ଼ା ପରକୁ ପାଚେରି କଡ଼ରେ ଫିଙ୍ଗୁଛନ୍ତି। କିଛି ଦିନ ପରେ ତାହା ଦୁର୍ଗନ୍ଧ ହେଉଥିବାରୁ ସେଥିରେ ନିଆଁ ଲଗାଉଛନ୍ତି। ଏହି ନିଆଁ ବ୍ୟାପୀ ଜଙ୍ଗଲରେ ଥିବା ବାଉଁଶ ବଣକୁ ମାଡ଼ିଥିଲା। ଠିକ୍ ସମୟରେ ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚିବାରୁ ନିଆଁକୁ ଆୟତ୍ତ କରାଯାଇଥିଲା। ସେହିପରି ବୁଧବାର ବିଳମ୍ବିତ ରାତିରେ କଳିଙ୍ଗ ଷ୍ଟୁଡିଓ ଛକ ନିକଟରେ ଥିବା ଏକ ପରିବା ଦୋକାନରେ ନିଆଁ ଲାଗି ୧୦ଟି ଦୋକାନ ପୋଡ଼ିଯାଇଥିଲା।

## କଟକରୁ ସାଲିଆସାହି ପର୍ଯ୍ୟନ୍ତ ଚାଲିଲା 'ଆମ ବସ୍'

ଭୁବନେଶ୍ୱର, ୧୨।୩ (ବନ୍ଦନା ସେଠୀ)

କଟକ ନେତାଜୀ ବସ୍ ଟର୍ମିନାଲ୍‌ରୁ ସାଲିଆସାହି ପର୍ଯ୍ୟନ୍ତ ଆମ ବସ୍ ଚଳାଚଳ ଗୁରୁବାରଠାରୁ ଆରମ୍ଭ କରିଛି। ପୂର୍ବରୁ ରୁଟ୍ ନଂ. ୧୫ରେ କଟକ ନେତାଜୀ ବସ୍ ଟର୍ମିନାଲରୁ ଇନ୍‌ଫୋସିଟି, ଶୈଳଶ୍ରୀ ବିହାର ଦେଇ ଉତ୍କଳ ହସ୍ପିଟାଲ ପର୍ଯ୍ୟନ୍ତ ବସ ଚଳାଚଳ କରୁଥିଲା। ତେବେ ଲୋକଙ୍କ ଚାହିଦା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ସେବା ସାଲିଆ ସାହି ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଫଳରେ ବୁଦ୍ଧ ବିହାର ଏବଂ ସାଲିଆ ସାହିରେ ବସବାସ କରୁଥିବା ସାଧାରଣଲୋକେ ଉପକୃତ ହୋଇପାରିବେ। ଏନେଇ ମାର୍ଚ୍ଚ ୧୦ରେ ବୁଦ୍ଧ ବିହାର ଏବଂ ସାଲିଆ ସାହି ବାସିନ୍ଦାଙ୍କ ପକ୍ଷରୁ କ୍ରୁଟ୍‌କୁ ଅନୁରୋଧ କରାଯାଇଥିଲା। କ୍ରୁଟ୍ ଅଧିକାରୀମାନେ ଏହାକୁ ଗୁରୁତ୍ୱ ଦେବା ସହ ରୁଟ୍ ସର୍ଭେ କରିବା ପରେ ତୁରନ୍ତ ପଦକ୍ଷେପ ନେଇଥିବାରୁ ସ୍ଥାନୀୟ ବାସିନ୍ଦା ଖୁସିବ୍ୟକ୍ତ କରିଛନ୍ତି।

## ମିଶନ ଶକ୍ତି ହେଉଛି ମହିଳା ନେତୃତ୍ୱାଧୀନ ଆନ୍ଦୋଳନ

ଭୁବନେଶ୍ୱର,୧୨।୩(ସୁଚିସ୍ମିତା ସାହୁ)

### ପ୍ରଥମ ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀ ଉଦ୍‌ଯାପିତ

ମିଶନ ଶକ୍ତି ବିଭାଗ ପକ୍ଷରୁ ପ୍ରଥମଥର ପାଇଁ ପୁରୀ କୋଣାର୍କଠାରେ ଚାଲିଥିବା ୬ଦିନିଆ 'ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀ' ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ସମ୍ବୋଧିତ କରିବା ସହ ବିକଶିତ ଓଡ଼ିଶା ଗଠନରେ ସେମାନଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ମିଶନ ଶକ୍ତି କେବଳ ଏକ ସରକାରୀ କାର୍ଯ୍ୟକ୍ରମ ହୋଇ ରହିନାହିଁ, ବରଂ ଏହା ଓଡ଼ିଶାରେ ଏକ ଶକ୍ତିଶାଳୀ ମହିଳା-ନେତୃତ୍ୱାଧୀନ ରୂପାନ୍ତରଣ ଆନ୍ଦୋଳନରେ ପରିଣତ ହୋଇଛି। ଏହି ସମ୍ମିଳନୀ ମାଧ୍ୟମରେ ମହିଳାମାନଙ୍କୁ ନେତୃତ୍ୱ, ଭାବନାତ୍ମକ ବୁଦ୍ଧିମତ୍ତା, ଦକ୍ଷତା ବିକାଶ ଏବଂ ଷ୍ଟାର୍ଟ-ଅପ୍ ସୁଯୋଗ ବିଷୟରେ ପ୍ରଶିକ୍ଷଣ ଦିଆଯାଇଛି, ଯାହା ଆଗାମୀ ଦିନରେ ଓଡ଼ିଶାକୁ ଏକ ନୂଆ ଦିଗ୍‌ଦର୍ଶନ ଦେବ ବୋଲି ପ୍ରଭାତୀ କହିଛନ୍ତି। ସମ୍ମିଳନୀରେ ୩୩୮ଟି ବ୍ଲକସ୍ତରୀୟ ମହାସଂଘର ୬୭୬ଜଣ ସଭାପତି ଓ ସମ୍ପାଦିକାଙ୍କୁ ମିଶାଇ ସମୁଦାୟ ୬୭୬ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ମିଶନ ଶକ୍ତି ଶାସନ ସଚିବ ମାନସୀ ନିମ୍ଭାଲ, ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀଙ୍କ ସହ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ମିଶନ ଶକ୍ତି ମହିଳାମାନେ ସ୍ୱାଗତ କରୁଛନ୍ତି।

## କମୁଛି ଡାକ ଟିକେଟ ସଂଗ୍ରହ

କଟକ,୧୨।୩(କୁମାରଶ୍ରୀ)




- ଅଧା ଦିନ କାର୍ଯ୍ୟାଳୟରେ ତାଲା
- ଦୁର୍ଦ୍ଦିନରେ କଟକ ଫିଲାଟେଲିକ୍ ବ୍ୟୁରୋ

ରାଜ୍ୟର ସର୍ବପ୍ରଥମ ତଥା ୭୮ବର୍ଷର ପୁରୁଣା ଫିଲାଟେଲିକ୍ ବ୍ୟୁରୋ ଏବେ ଦୁର୍ଦ୍ଦିନ ଦେଇ ଗତି କରୁଛି। ମାସକୁ କାଁଭାଁ ଡାକ ଟିକେଟ ସଂଗ୍ରହକାରୀଙ୍କ ପାଦ ପଡୁଛି କାର୍ଯ୍ୟାଳୟରେ। ନଚେତ୍ କାହାର ଟିକେଟ ଆବଶ୍ୟକ ହେଲେ ଫୋନ୍ କରି ଆସିଲେ କାର୍ଯ୍ୟାଳୟ ଖୋଲାଯାଉଛି। ଡାକ ଟିକେଟ ସଂଗ୍ରହ ପ୍ରତି ସାଧାରଣରେ ଉତ୍କଣ୍ଠା ହ୍ରାସ ପାଇବା ଯୋଗୁ ଏଭଳି ସ୍ଥିତି ଉପୁଜିଲାଣି। ଏ ଦିଗରେ ଡାକ ବିଭାଗର ତତ୍ପରତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ଡାକ ଟିକେଟ ସଂଗ୍ରହ ପ୍ରତି ଉତ୍ସାହ ସୃଷ୍ଟି କରିବା ଡାକ ବିଭାଗର ଦାୟିତ୍ୱ। ହେଲେ ବିଭାଗର ଅବହେଳା ଯୋଗୁ କଟକ ଫିଲାଟେଲିକ୍ ବ୍ୟୁରୋ ଅଣଦେଖା ହୋଇ ପଡ଼ିଥିବା ଅଭିଯୋଗ ହେଉଛି।

ଦେଶ ସ୍ୱାଧୀନ ହେବା ପରେ ୧୯୪୮ ଅଗଷ୍ଟ ୧୫ରେ ଦେଶର ୯ଟି ସ୍ଥାନରେ ଭାରତୀୟ ଡାକ ବିଭାଗ ପକ୍ଷରୁ ଫିଲାଟେଲିକ ବ୍ୟୁରୋ ପ୍ରତିଷ୍ଠା ହୋଇଥିଲା। ତନ୍ମଧ୍ୟରେ କଟକରେ ଗୋଟିଏ କେନ୍ଦ୍ର ଖୋଲାଯାଇଥିଲା। ବକ୍ସିବଜାରସ୍ଥିତ ଜିପିଓ କାର୍ଯ୍ୟାଳୟ ପରିସରରେ ଫିଲାଟେଲିକ ବ୍ୟୁରୋ କାର୍ଯ୍ୟ କରୁଛି। ଡାକ ବିଭାଗ ପକ୍ଷରୁ ଜାରି କରାଯାଇଥିବା ସାଧାରଣ ଡାକ ଟିକେଟ ସମେତ ସ୍ମାରକ ଡାକ ଟିକେଟ, ପ୍ରଥମ ଦିବସ ଆବରଣ, ସ୍ୱତନ୍ତ୍ର ଆବରଣ, ପୋଷ୍ଟକାର୍ଡ, ଲଫାପା, ମିନିଏଚର, ସୈନ୍ୟବାହିନୀର ସ୍ୱତନ୍ତ୍ର ଡାକ ଆବରଣ ଏବଂ ଡାକ ସାମଗ୍ରୀମାନ ଏଠାରେ ଉପଲବ୍ଧ ରୁହେ। କିଛି ବର୍ଷ ପୂର୍ବେ ଡାକ ଟିକେଟ ସଂଗ୍ରହ ପ୍ରତି ଯୁବପିଢ଼ିଙ୍କ ମଧ୍ୟରେ ଉତ୍କଣ୍ଠା ପରିଲକ୍ଷିତ ହେଉଥିଲା। ରାଜସ୍ୱ ସଂଗ୍ରହ ମଧ୍ୟ ଆଶାତୀତ ଭଲ ରହିଥିଲା। ୨୦୧୯ରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ଫିଲାଟେଲିକ ବ୍ୟୁରୋ କାର୍ଯ୍ୟାଳୟର ନବୀକରଣ ହୋଇଥିଲା। ମାତ୍ର ୨ବର୍ଷ ପରେ ଅର୍ଥାତ୍ ୨୦୨୧ ଜୁଲାଇ ୮ରେ ଭାରତୀୟ ଡାକ ବିଭାଗ ପକ୍ଷରୁ ଏକ ନୋଟିସ୍ ଜାରି କରାଯାଇଥିଲା। ପ୍ରଦର୍ଶନରେ ନିକୃଷ୍ଟତା ଦୃଷ୍ଟିରୁ ଦେଶର ୩୧ଟି ସ୍ଥାନରେ ଥିବା ଫିଲାଟେଲିକ ବ୍ୟୁରୋ କାର୍ଯ୍ୟାଳୟକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେ ସମୟରେ ଓଡ଼ିଶା ଫିଲାଟେଲିକ ସଂଘ ସମେତ କଟକର ଅନେକ ସମାଜସେବୀ ପ୍ରତିବାଦ କରିବାରୁ ଡାକ ବିଭାଗର ନିଷ୍ପତ୍ତି ବଦଳିଥିଲା।

ଫିଲାଟେଲିକ ବ୍ୟୁରୋ କାର୍ଯ୍ୟାଳୟର ଜଣେ ପୂର୍ବତନ କର୍ମଚାରୀ ଆଲୋଚନା ପ୍ରସଙ୍ଗରେ କହିଛନ୍ତି, ଟିକେଟ ବିକ୍ରି ୮୦ ପ୍ରତିଶତ ହ୍ରାସ ପାଇଲାଣି। ଦୀନ ଦୟାଲ ସ୍ପର୍ଶ ଯୋଜନା ମେଧାବୃତ୍ତି ଜରିଆରେ ପ୍ରତିଯୋଗିତା କରି କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ୬ ହଜାର ଟଙ୍କା ଦିଆଯାଉଛି। ଯେଉଁ ଅର୍ଥ ରାଶିରେ ସେମାନେ ଷ୍ଟାମ୍ପ ଟିକେଟ କିଣିବେ। ହେଲେ ତାହା ମଧ୍ୟ ବିଫଳ ହେଉଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବକ୍ସିବଜାର ଜିପିଓର ସିନିୟର ପୋଷ୍ଟମାଷ୍ଟର ଅସିତ ନାୟକଙ୍କୁ ପଚାରିବାରୁ ଫିଲାଟେଲିକ ବ୍ୟୁରୋରେ କୌଣସି ସମସ୍ୟା ନ ଥିବା ସେ କହିଥିଲେ।

## ସଂକ୍ଷେପରେ

### ନୀଳକଣ୍ଠେଶ୍ୱର ମନ୍ଦିରରୁ ସାମଗ୍ରୀ, ଟଙ୍କା ଚୋରି

ବାଲିପାଟଣା, ୧୨।୩(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ରାଜସ ଗ୍ରାମର ନୀଳକଣ୍ଠେଶ୍ୱର ମନ୍ଦିରରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ଠାକୁରଙ୍କ ଗରା, ଘଣ୍ଟ, ଘଣ୍ଟି, ତସଲା, ପିତଳ ଥାଳି, ଅନ୍ୟାନ୍ୟ ବାସନ ଏବଂ ଆଲମିରା ଭାଙ୍ଗି ୪୦ହଜାର ଟଙ୍କା ଲୁଟି ନେଇଛନ୍ତି। ଗୁରୁବାର ଏନେଇ ପୂଜକ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ଅଭିଯୋଗକ୍ରମେ ବାଲିପାଟଣା ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ବୁଧବାର ରାତିରେ ମନ୍ଦିରର ପୂଜକ ସୁବାସ କୁମାର ପଣ୍ଡା ପଖାଳ ଧୂପ ସାରି ମନ୍ଦିର ଫାଟକ ବନ୍ଦ କରି ଘରକୁ ଯାଇଥିଲେ। ଗୁରୁବାର ସକାଳେ ଶ୍ରଦ୍ଧାଳୁମାନେ ପୂଜା ପାଇଁ ମନ୍ଦିରକୁ ଆସିଥିବା ବେଳେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ପରେ ପୂଜକ ଚୋରି ସମ୍ପର୍କରେ ଥାନାରେ ଏତଲା ଦେଇଥିଲେ।

### 'ନୀରବ ନଦୀର ସୁଅ', 'ଗୀତ ଫୁଲର ମହକ' ଲୋକାର୍ପିତ

ଭୁବନେଶ୍ୱର, ୧୨।୩ (ସୌମ୍ୟରଞ୍ଜନ ରାଉତ)

ଲେଖକ ଡ. ଗୋବିନ୍ଦ ଚନ୍ଦ୍ର ଦାଶଙ୍କ ୨ଟି କବିତା ପୁସ୍ତକ 'ନୀରବ ନଦୀର ସୁଅ' ଓ 'ଗୀତ ଫୁଲର ମହକ' ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ବୁଧବାର ଲୋକାର୍ପଣ ହୋଇଯାଇଛି। ସାହିତ୍ୟିକ ଡ. ରବିନାରାୟଣ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ମୁଖ୍ୟ ଅତିଥି ଭାବେ ସିନେ ଅଭିନେତା ପ୍ରଶାନ୍ତ ନନ୍ଦ, ଅନ୍ୟତମ ଅତିଥି ଭାବେ ନାଟ୍ୟକାର ଡ. ରମେଶ ଦାଶ, ଡ. ରମେଶ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଥିଲେ। ଭାଷାବିତ୍ ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିକାଶ ଦାସ ଧନ୍ୟବାଦ ଅର୍ପଣ ଦେଇଥିଲେ।

### ରୋଟାରୀ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

ଭୁବନେଶ୍ୱର, ୧୨।୩(ସୌମ୍ୟରଞ୍ଜନ ରାଉତ)

ରୋଟାରୀ କ୍ଲବ ଭୁବନେଶ୍ୱର ଆଞ୍ଜେଲା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଗୁରୁବାର ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରୋଟାରୀ ଜିଲା ୩୨୬୨ ପ୍ରାନ୍ତପାଳ ରୋଟାରିଆନ୍ ମନୋଜ କୁମାର ତ୍ରିପାଠୀ ଯୋଗଦେଇ ରୋଟାରୀ କ୍ଲବମାନେ କିଭଳି ସମାଜସେବାରେ ନିଜକୁ ବ୍ରତୀ କରିଛନ୍ତି ତାହା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ରୋଜାଲିନ ପାଙ୍ଗଣୀ ମିଶ୍ର, ଡ. ପ୍ରତିଭା ମହାରଥୀ, ସାଧନା ମିଶ୍ର, ଋତୁପର୍ଣ୍ଣା ମହାନ୍ତି ପ୍ରମୁଖ ଯୋଗଦେଇ ମହିଳାଙ୍କ ସମ୍ମାନ, ସୁରକ୍ଷା, ପ୍ରଗତି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳ ହୋଇଥିବା ୧୦ଜଣ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ୨ଜଣ ବ୍ୟକ୍ତିଙ୍କୁ ହୁଇଲ୍ ଚେୟାର ଓ ସ୍ୱାବଲମ୍ବୀ ପାଇଁ ୨ ମହିଳାଙ୍କୁ ସିଲେଇ ମେଶିନ ପ୍ରଦାନ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ରୋଟାରୀ ଡିଷ୍ଟ୍ରିକ୍ଟ-୩୨୬୨ର ନାରୀ ସଶକ୍ତୀକରଣ ଅଧକ୍ଷା ରୋଟାରିଆନ୍ ମମତା ବାଜପେୟୀ ଓ ସହ ଅଧକ୍ଷା ଅର୍ପିତା ମହାନ୍ତି ଯୋଗଥିଲେ। ରୋଟାରୀ କ୍ଲବ ଆଞ୍ଜେଲା ସଭାପତି ରୋଟାରିଆନ ସୁରଭି ଦାଶ, ସମ୍ପାଦିକା ରୋଟାରିଆନ ଅମିତା ମିଶ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଦଳି ପରେ କ୍ୱାର୍ଟର୍ସ ଛାଡୁନାହାନ୍ତି

**ଜେଲ, ପୋଲିସ କର୍ମଚାରୀଙ୍କ ରାଜଧାନୀ ମୋହ**

- ବିଗୃହ ବିଭାଗ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦେଲେ ନିର୍ଦ୍ଦେଶ
- କ୍ୱାର୍ଟର୍ସ ନ ଛାଡ଼ିଲେ ନୂତନ ସ୍ଥାନରେ ଯୋଗଦେଇ ପାରିବେନି
- ରାଜଧାନୀରେ ସର୍ବାଧିକ ସରକାରୀ କ୍ୱାର୍ଟର୍ସର ମାଡ଼ି ବସିଛନ୍ତି

ଭୁବନେଶ୍ୱର, ୧୨।୩(ତ୍ରିନାଥ ମହାନ୍ତି)

ବଦଳି ପରେ ଅନେକ ସରକାରୀ କର୍ମଚାରୀ କ୍ୱାର୍ଟର୍ସ ଛାଡୁନାହାନ୍ତି। ବିଶେଷଭାବେ ଭୁବନେଶ୍ୱରରେ ସରକାରୀ କ୍ୱାର୍ଟର୍ସ ପାଇଥିବା କର୍ମଚାରୀଙ୍କ ଅନ୍ୟତ୍ର ବଦଳି ସତ୍ତ୍ୱେ ସେମାନେ କ୍ୱାର୍ଟର୍ସ ଛାଡ଼ିଯାଉନାହାନ୍ତି। ଫଳରେ ଏଠାକୁ ବଦଳି ହୋଇ ଆସୁଥିବା ଅଧିକାରୀ ବା କର୍ମଚାରୀମାନେ କ୍ୱାର୍ଟର୍ସ ନ ପାଇ ବାହାରେ ଘର ଭଡ଼ା କରି ରହୁଥିବା ଦେଖିବାକୁ ମିଳୁଛି। ଜେଲ ଏବଂ ପୋଲିସ ବିଭାଗର କର୍ମଚାରୀଙ୍କ କ୍ଷେତ୍ରରେ ଏଭଳି ଘଟଣା ଅଧିକ ଦେଖିବାକୁ ମିଳୁଛି। ସେମାନେ ଗୋଟିଏ ଜାଗାରେ ଡ୍ୟୁଟି କରୁଥିବାବେଳେ ପୁରୁଣା ସ୍ଥାନରେ ରହୁଥିବା ସରକାରୀ କ୍ୱାର୍ଟର୍ସ ଛାଡୁ ନାହାନ୍ତି। ନିକଟରେ ଝାରପଡ଼ା ଜେଲ କ୍ୟାମ୍ପସରେ ଥିବା ସରକାରୀ କ୍ୱାର୍ଟର୍ସରେ ଆତ୍ମହତ୍ୟା କରିଥିବା ନୟାଗଡ଼ ଜେଲର ୱାର୍ଡର ସାରଥି ପ୍ରଧାନ ମାମଲାରୁ ଏହା ଜଣାପଡ଼ିଛି। କାରଣ ସାରଥି ୨ ବର୍ଷ ତଳେ ନୟାଗଡ଼ ଜେଲକୁ ବଦଳି ହୋଇଯାଇଥିଲେ ସୁଦ୍ଧା ଝାରପଡ଼ା ଜେଲ କ୍ୟାମ୍ପସରେ ଥିବା ସରକାରୀ କ୍ୱାର୍ଟର୍ସରେ ରହୁଥିଲେ। ଏହା ଜଣାପଡ଼ିବା ପରେ ଗୃହ ବିଭାଗ ଅଧିକ କଠୋର ହୋଇଛି। ଜେଲ ଏବଂ ପୋଲିସ ବିଭାଗର ଡିଜିଙ୍କୁ ଗୃହ ବିଭାଗ ପକ୍ଷରୁ ଏକ ନୋଟିସ କରାଯାଇଛି। ଯେଉଁଥିରେ ପୋଲିସ ଏବଂ ଜେଲ ବିଭାଗର କର୍ମଚାରୀଙ୍କ ବଦଳି ଅନ୍ୟ ଜିଲାକୁ ହେଲେ ସେମାନେ ତୁରନ୍ତ ସରକାରୀ କ୍ୱାର୍ଟର୍ସ ଖାଲି କରିବେ। ନ ହେଲେ ସେମାନେ ନୂତନ ସ୍ଥାନରେ କାର୍ଯ୍ୟ କରିପାରିବେ ନାହିଁ ବୋଲି ଚିଠିରେ କୁହାଯାଇଛି। ଏନେଇ ପୋଲିସ ଡିଜି ଏବଂ ଜେଲ ଡିଜି ନିଜ ବିଭାଗର ଅଧିକାରୀଙ୍କୁ ତାଗିଦ୍ କରିବା ସହ ସମସ୍ତଙ୍କୁ ସର୍କୁଲାର ଜାରି କରାଯାଇଥିବା ଜଣାପଡ଼ିଛି। ଯେଉଁମାନେ ବଦଳି ପରେ ମଧ୍ୟ ସରକାରୀ କ୍ୱାର୍ଟର୍ସ ଛାଡୁନାହାନ୍ତି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଗୃହ ବିଭାଗ କହିଥିବା ଜଣାପଡ଼ିଛି।

ରାଜଧାନୀରେ ଭଲ ପାଠପଢ଼ା ସହ ମେଡିକାଲ ସୁବିଧା ମିଳୁଛି। ଯେଉଁଥିପାଇଁ ଏକାଧିକ ସରକାରୀ କର୍ମଚାରୀଙ୍କ ପିଲା ଏଠାରେ ଭଲ ସ୍କୁଲରେ ପାଠ ପଢୁଛନ୍ତି। ତେଣୁ ସେମାନେ ସରକାରୀ କ୍ୱାର୍ଟର୍ସ ଛାଡ଼ିଦେଲେ ପରିବାର ଲୋକ ଏବଂ ପିଲାଙ୍କ ପାଇଁ ଘର ଭଡ଼ା ନେବାକୁ ପଡ଼ିଛି। ବର୍ତ୍ତମାନ ରାଜଧାନୀରେ ପରିବାର ପାଇଁ ଘର ଭଡ଼ା ନେଲେ ତାହା ଆକାଶ ଛୁଆଁ ରହୁଛି। ତେଣୁ ପୋଲିସ କର୍ମଚାରୀଙ୍କ ବଦଳି ହେଲେ ସେମାନେ କ୍ୱାର୍ଟର୍ସ ଜାଣିଶୁଣି ଛାଡୁନାହାନ୍ତି। ଅନ୍ୟ ଜିଲାରେ ସେ କାର୍ଯ୍ୟକଲେ ମଧ୍ୟ ସରକାରୀ କ୍ୱାର୍ଟର୍ସରେ ତାଙ୍କ ପିଲା ଏବଂ ପରିବାର ରହୁଛନ୍ତି। ଅନେକ ସମୟରେ ସମ୍ପର୍କୀୟ ଏବଂ ବନ୍ଧୁବାନ୍ଧବ ବୁଲିବାକୁ ଭୁବନେଶ୍ୱର ଆସିଲେ ଏଠାରେ ଥିବା ସରକାରୀ କ୍ୱାର୍ଟର୍ସରେ ରହୁଛନ୍ତି। ଭୁବନେଶ୍ୱରରେ ସମସ୍ତ ସୁବିଧା ଥିବାରୁ ଜେଲ ବିଭାଗ ଏବଂ ପୋଲିସ ବିଭାଗର କର୍ମଚାରୀ ଜାଣିଶୁଣି କ୍ୱାର୍ଟର୍ସ ଛାଡୁନାହାନ୍ତି। ଜେଲ ବିଭାଗର ଜଣେ ଅଧିକାରୀ କହିଛନ୍ତି, ପୁରୁଣା କର୍ମଚାରୀ ସରକାରୀ କ୍ୱାର୍ଟର୍ସ ଛାଡୁ ନ ଥିବାରୁ ସେମାନେ ହଇରାଣ ହେଉଛନ୍ତି। ଘର ଫାଙ୍କା ନ ଥିବାରୁ ସେମାନଙ୍କୁ କ୍ୱାର୍ଟର୍ସ ମିଳୁନାହିଁ। ବାଧ୍ୟ ହୋଇ ଘର ଭଡ଼ା ନେଇ ରହୁଛନ୍ତି। ସେ କ୍ୱାର୍ଟର୍ସ ପାଇଁ ଦୌଡୁଥିଲେ ମଧ୍ୟ ଖାଲି ହେଲେ ଆଲଟ କରାଯିବ ବୋଲି କୁହାଯାଉଛି। ବଦଳି ସହ ତୁରନ୍ତ ସରକାରୀ କ୍ୱାର୍ଟର୍ସ ଖାଲିବାକୁ ନିର୍ଦ୍ଦେଶ କଡ଼ାକଡ଼ି କରାଗଲେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ଅଧିକାରୀ ଜଣଙ୍କ କହିଛନ୍ତି।



ଗୋ ହତ୍ୟାକାରୀଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରିବା ଦାବିରେ ଓଡ଼ିଶା ଗୋ ପୁତ୍ର ପରିବାର ପକ୍ଷରୁ ଗୁରୁବାର ଭୁବନେଶ୍ୱରଠାରେ ଗୋ ସୁରକ୍ଷା ଆନ୍ଦୋଳନ ଅବସରରେ ଆରମ୍ଭ ହୋଇଥିବା ଆମରଣ ଅନଶନ। (ଫଟୋ- ମନୋରଞ୍ଜନ ମିଶ୍ର)

## ବିମାନ ମଡେଲ ନିର୍ମାଣ ଜାଣିଲେ ଛାତ୍ରୀଛାତ୍ର




ଭୁବନେଶ୍ୱର, ୧୨।୩ (ଅନୁରାଧା ମହାରଣା)

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର୍)ର ଯାନ୍ତ୍ରିକ ବିଜ୍ଞାନ ବିଭାଗ ପକ୍ଷରୁ ବିମାନ ଆକୃତି ନିର୍ମାଣ କର୍ମଶାଳା ଗୁରୁବାର ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରିଥିବାବେଳେ ବୈଜ୍ଞାନିକ ଡା. ଏ. ପି. ଦାଶ ଓ ବୈଜ୍ଞାନିକ ଭଗତ ଅତିଥି ଭାବେ ଯୋଗଦେଇଥିଲେ। ଜାତୀୟ ପୁରସ୍କାରପ୍ରାପ୍ତ ବିଜ୍ଞାନ ପ୍ରଚାରକ ମାଧବ ଖାରେ ଓ ଡା. ସିଦ୍ଧାର୍ଥ ଖାରେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। କର୍ମଶାଳାରେ ଛାତ୍ରୀଛାତ୍ରଙ୍କୁ ବିମାନ ମଡେଲ ନିର୍ମାଣ ଓ ଉଡାଣ ପ୍ରକ୍ରିୟା ସମ୍ବନ୍ଧରେ ପ୍ରାୟୋଗିକ ହ୍ୟାଣ୍ଡ୍ସ-ଅନ ଟ୍ରେନିଂ ଦିଆଯାଉଛି। ଛାତ୍ରୀଛାତ୍ର ନିଜେ ବିମାନ ମଡେଲ ତିଆରି କରି ତାହାର ଉଡାଣ ପ୍ରକ୍ରିୟାକୁ ବୁଝିବାର ସୁଯୋଗ ପାଉଛନ୍ତି। ଏହା ତାଙ୍କର ପ୍ରାୟୋଗିକ କୌଶଳ ଓ ବୈଜ୍ଞାନିକ ଚିନ୍ତାଧାରାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

## ରାଜମିସ୍ତ୍ରିଙ୍କ ଝୁଲନ୍ତା ମୃତଦେହ ଜବତ

ପୁରୁଣା ଭୁବନେଶ୍ୱର/ପିପିଲି, ୧୨।୩ (ସୁବାସ ଚନ୍ଦ୍ର ପ୍ରଧାନ/ଦୁର୍ଗାମାଧବ ମିଶ୍ର)

କୌଶଲ୍ୟାଗଙ୍ଗ ଫାଣ୍ଡି ଅଧୀନ ଗୋବିନ୍ଦପୁର ଗ୍ରାମରୁ ଗୁରୁବାର ପୋଲିସ ଜଣେ ରାଜମିସ୍ତ୍ରିଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ଗଞ୍ଜାମ ଜିଲା କୋଟିନଡ଼ା ଥାନା ଅଧୀନ ହରିଡ଼ାପଦ ଗ୍ରାମର ରାଜମୋହନ ନାହକ(୩୨)। ସୂଚନା ମୁତାବକ, ଗୋବିନ୍ଦପୁର ଗ୍ରାମରେ ରାଜମୋହନ ଭଡ଼ାରେ ରହୁଥିଲେ। ସେ ରାଜମିସ୍ତ୍ରି ଭାବେ କାମ କରୁଥିବା ବେଳେ ତାଙ୍କ ସ୍ତ୍ରୀ ନିକଟ ଆପାର୍ଟମେଣ୍ଟରେ କାମକରି ଗୁଜରାଣ ମେଣ୍ଟାଉଥିଲେ। ଗୁରୁବାର ରାଜମୋହନଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏନେଇ ଫାଣ୍ଡି ଇନ୍‌ଚାର୍ଜ ଚିତ୍ତରଞ୍ଜନ ଦାସ କହିଛନ୍ତି ଯେ, ରାଜମୋହନଙ୍କ ସ୍ତ୍ରୀ ଏବଂ ତାଙ୍କ ଛୋଟପୁଅ ପାଖରେ ରହିଆସୁଥିବା ବେଳେ ସେମାନେ କେଉଁଆଡ଼େ ପଳାଇଛନ୍ତି। ଫଳରେ ମୃତକଙ୍କ ପରିବାର ସହ ଯୋଗାଯୋଗ କରିବାରେ ବିଳମ୍ବ ହୋଇଥିଲା। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଦାସ କହିଛନ୍ତି।

## ରାଜଧାନୀର ୨୦ଛକରେ ଲାଗିଲା ବୋଲାର୍ଡସ

**ନିୟମ ଉଲ୍ଲଂଘନ କଲେ କଟିବ ଚାଲାଣ**

- ଜରୁରିକାଳୀନ ସେବା ପାଇଁ ରାସ୍ତାର ବାମ ପାର୍ଶ୍ୱ ଫାଙ୍କା ରଖିବାକୁ ବ୍ୟବସ୍ଥା



ଭୁବନେଶ୍ୱର, ୧୨।୩(ତ୍ରିନାଥ ମହାନ୍ତି): ପୂର୍ବରୁ ଅମାନିଆମାନେ ବିଭିନ୍ନ ଛକରେ ରାସ୍ତାର ବାମ ପାର୍ଶ୍ୱରେ ଗାଡ଼ି ରଖୁଥିଲେ। ଫଳରେ ଆମ୍ବୁଲାନ୍ସ ଏବଂ ଅନ୍ୟ ଜରୁରିକାଳୀନ ସେବା ଯୋଗାଉଥିବା ଗାଡ଼ି ସହଜରେ ଯାଇପାରୁ ନ ଥିଲା। କିନ୍ତୁ ଏଥର ପୋଲିସ ଆକ୍ସନ ମୋଡକୁ ଆସିଛି। ରାସ୍ତାର ବାମ ପାର୍ଶ୍ୱକୁ ଫାଙ୍କା ରଖିବା ପାଇଁ ୨୦ଟି ଛକରେ ବୋଲାର୍ଡସ(ରୋଡ୍ ବ୍ୟାରିକେଡ୍) ଲଗାଇଛି। ଫଳରେ ବାମ ପାର୍ଶ୍ୱରେ କେହି ଗାଡ଼ି ରଖିବେ ନାହିଁ। ଯେଉଁମାନେ ଗାଡ଼ି ବାମପାର୍ଶ୍ୱରେ ରଖିବେ କିମ୍ବା ଏହାକୁ ଭାଙ୍ଗିବେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟ୍ରାଫିକ ଡିସିପି ତପନ ମହାନ୍ତି କହିଛନ୍ତି। ଏହା କିଭଳି କାର୍ଯ୍ୟକାରୀ କରୁଛି ତାହାକୁ ଅନୁଧ୍ୟାନ କରିବା ପାଇଁ ଅତିରିକ୍ତ ପୋଲିସ କମିଶର, ଟ୍ରାଫିକ୍ ଡିସିପି ଏବଂ ଅନ୍ୟ ଷ୍ଟାଫ୍ ବିଭିନ୍ନ ଛକ ବୁଲି ଦେଖିଛନ୍ତି।

ପ୍ରଥମ ଏକ ମାସ ଲୋକଙ୍କୁ ସଚେତନ କରିବା ପାଇଁ ଛଡ଼ାଯିବ। ପରେ କଡ଼ାକଡ଼ି ହେବ ଏନ୍‌ଫୋର୍ସମେଣ୍ଟ। ଯେଉଁମାନେ ଛକର ବାମପାର୍ଶ୍ୱ ବୋଲାର୍ଡସ ଡେଇଁ ଛିଡ଼ା ହୋଇଥିବେ, ସେମାନଙ୍କ ଘରକୁ ଚାଲାଣ ଯିବ। ସହରରେ ଲାଗିଥିବା ୧ହଜାର ସିସିଟିଭିରୁ ନିୟମ ଉଲ୍ଲଂଘନକାରୀଙ୍କୁ ଚିହ୍ନଟ କରାଯାଇ ଘରକୁ ଚାଲାଣ ପଠାଯିବ। ପ୍ରାଥମିକ ପର୍ଯ୍ୟାୟରେ ରାଜଧାନୀର ୨୦ଟି ଛକରେ ଏହି ବୋଲାର୍ଡସ ଲାଗିଛି। ଏହା ସଫଳ ହେଲେ ସହରର ଅନ୍ୟ ସ୍ଥାନରେ ଲଗାଯିବ। ଯେଉଁମାନେ ସିଧା ଏବଂ ଡାହାଣପଟକୁ ଯିବାକୁ ଥିବେ ସେମାନେ ବୋଲାର୍ଡସ ଭିତରେ ଛିଡ଼ା ହେବ। ଫଳରେ ବାମ ପଟ ଫାଙ୍କା ରହିବ। ଏହା ଲାଗିବା ପରେ ଟ୍ରାଫିକ ନିୟନ୍ତ୍ରଣ କିଛି ମାତ୍ରାରେ ସହାୟକ ହେଉଛି ବୋଲି ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ କହିଛନ୍ତି।

## କବି ଭକ୍ତଚରଣଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ଭୁବନେଶ୍ୱର, ୧୨।୩(ସୌମ୍ୟରଞ୍ଜନ ରାଉତ)

କବି ଭକ୍ତଚରଣ ସାଂସ୍କୃତିକ ପରିଷଦର ସାଧାରଣ ଅଧିବେଶନ ଡେଲ୍‌ଟା କଲୋନୀସ୍ଥିତ ମା' ଦୁର୍ଗାଦେଈ ମନ୍ଦିର ନିକଟ ପରିଷଦ କାର୍ଯ୍ୟାଳୟଠାରେ ପୂର୍ବତନ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ଉପଦେଷ୍ଟା ବସନ୍ତ କୁମାର ପାଇକରାୟ, ପୂର୍ବତନ ଟେଲିଫୋନ୍ ଅଫିସର ରାସବିହାରୀ ବେହେରା, କିଶୋର ସାହୁ, ଶ୍ରୀକାନ୍ତ ପଟ୍ଟନାୟକ, ଲକ୍ଷ୍ମୀଧର ଖଟେଇ, ପ୍ରଶାନ୍ତ ପ୍ରଧାନ, ଭରତ ସାହୁ, ରମେଶ ମହାପାତ୍ର, ସର୍ବେଶ୍ୱର ରାଉତରାୟ, କୈଳାସ ପ୍ରଧାନ, ପୀତବାସ ମାନସିଂ ପ୍ରମୁଖ ଯୋଗଦେଇ କବିଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଭୁବନେଶ୍ୱରରେ କବି ଭକ୍ତଚରଣଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। କବିଙ୍କ ମଥୁରାମଙ୍ଗଳ ବହିର ନୂତନ ସଙ୍କଳନ କରି ବହୁଳ ପ୍ରସାର ପ୍ରଚାର ପାଇଁ ରାଜ୍ୟ ସଂସ୍କୃତ ବିଭାଗକୁ ପ୍ରସ୍ତାବ ପଠାଯାଇଛି ବୋଲି ଉପଦେଷ୍ଟା ପାଇକରାୟ ପ୍ରକାଶ କରିଥିଲେ।

## ପ୍ରବାସୀ ପଶ୍ଚିମବଙ୍ଗ ଶ୍ରମିକଙ୍କ ଉପରେ ଆକ୍ରମଣ ବନ୍ଦ କରିବାକୁ ସିଟୁର ଆହ୍ୱାନ




ଶ୍ରମିକ ସମ୍ମିଳନୀରେ ଯୋଗଦେଇଥିବା ସିଆଇଟିୟୁ କର୍ମକର୍ତ୍ତାମାନେ।

ଭୁବନେଶ୍ୱର, ୧୨।୩(ବନ୍ଦନା ସେଠୀ)

ଓଡ଼ିଶାରେ କାର୍ଯ୍ୟ କରୁଥିବା ପଶ୍ଚିମବଙ୍ଗ ସମେତ ବିଭିନ୍ନ ରାଜ୍ୟର ପ୍ରବାସୀ ଶ୍ରମିକଙ୍କ ଉପରେ ଧର୍ମୀୟ ସଂଘବଦ୍ଧ ଆକ୍ରମଣକୁ ନିନ୍ଦା କରିଛି ସିଆଇଟିୟୁ (ସିଟୁ) ଓଡ଼ିଶା ରାଜ୍ୟ କମିଟି। ପ୍ରତିବାଦରେ ପ୍ରବାସୀ ଶ୍ରମିକଙ୍କ ଏକ ସମ୍ମିଳନୀ ଗୁରୁବାର ଉତ୍କଳମଣି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଡ଼ୋଶୀ ପଶ୍ଚିମବଙ୍ଗ, ବିହାର ଆଦି ରାଜ୍ୟର ବହୁ ଲୋକ ବର୍ଷ ବର୍ଷ ଧରି ଓଡ଼ିଶାରେ ନିର୍ମାଣ ଶିଳ୍ପ ଓ କୃଷି କ୍ଷେତ୍ରରେ ଶ୍ରମିକ ଭାବେ କାର୍ଯ୍ୟ କରିବା ସହ ଛୋଟମୋଟ ବ୍ୟବସାୟ କରିଆସୁଛନ୍ତି। ସେମାନେ ଓଡ଼ିଶା ଅର୍ଥନୀତିର ଉନ୍ନତିରେ ସହାୟକ ହେବା ସହ ନିଜ ପରିବାର ଚଳାଉଛନ୍ତି। ମାତ୍ର ରାଜ୍ୟରେ ଭାଜପା ସରକାର ଆସିବା ପରେ ସେମାନଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି। ଆଧାର କାର୍ଡ ଚେକ୍ ନାମରେ ଗାଡ଼ି ଭାଙ୍ଗୁଛନ୍ତି, ଟଙ୍କାପଇସା ଛଡ଼ାଇ ନେଇ ତୁରନ୍ତ ଓଡ଼ିଶା ଛାଡ଼ି ଯିବାକୁ ଧମକ ଦେଉଛନ୍ତି। ଏହି ଅକଥନୀୟ ଅତ୍ୟାଚାର ବେଆଇନ, ଅଗଣତାନ୍ତ୍ରିକ ବୋଲି ସିଟୁ ପକ୍ଷରୁ ଅଭିଯୋଗ କରାଯିବା ସହ ଏହାକୁ ବନ୍ଦ କରିବାକୁ ଆହ୍ୱାନ ଦିଆଯାଇଛି। ସିଟୁ ରାଜ୍ୟ କୋଷାଧ୍ୟକ୍ଷ ଉଲ୍ଲାସ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ମହାନ୍ତି, ପଶ୍ଚିମବଙ୍ଗ ସିଆଇଟିୟୁ ପରିଜାଇ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ କମ୍ରେଡ୍ ଆଶାଦୁଲ୍ଲା, ରାଜ୍ୟ ସମ୍ପାଦକ ଏବଂ ପ୍ରବାସୀ ଶ୍ରମିକ ଶାଖା ନେତା ପ୍ରଦୀପ୍ତ ନାୟକ, ସତ୍ୟାନନ୍ଦ ବେହେରା, କ୍ଷତିଗ୍ରସ୍ତ ପ୍ରବାସୀ ଶ୍ରମିକ ନେତା ସେକ୍ ନସିମ୍, ସେକ୍ ରହିମ, ମାନବାଧିକାର କର୍ମୀ ବାଘାମ୍ବର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସଂଖ୍ୟାଲଘୁ ନିରୀହ ଭାରତୀୟ ନାଗରିକଙ୍କ ଉପରେ ଅସାମ୍ବିଧାନିକ ଅମାନୁଷିକ ଆକ୍ରମଣକୁ ଦୃଢ଼ ନିନ୍ଦା କରିଥିଲେ।

## ଗୌତମନଗର ବସ୍ତିରେ ପୁଣି ବୁଲିଲା ଖଣ୍ଡା



- ମାସ୍କ ପିନ୍ଧି ଆସି ଯାହାକୁ ପାଇଲେ ହାଣିଲେ
- ୨ ଜଣ ଯୁବକ ଗୁରୁତର, ଗିରଫ ଦାବିରେ ରାସ୍ତାରୋକୋ

ଭୁବନେଶ୍ୱର, ୧୨।୩(ତ୍ରିନାଥ ମହାନ୍ତି)

ଗୌତମନଗର ବସ୍ତିରେ ଗୁରୁବାର ଅପରାହ୍ନରେ ଖଣ୍ଡା ବୁଲିଛି। ୫ଜଣ ଦୁର୍ବୃତ୍ତ ମୁହଁରେ ମାସ୍କ ବାନ୍ଧି ଖଣ୍ଡାରେ ଯାହାକୁ ପାଇଲେ ହାଣିଲେ। ଏତିକିରେ ଅଭିଯୁକ୍ତଙ୍କ ରାଗ ଶାନ୍ତ ହୋଇ ନ ଥିଲା। ଘରର କବାଟ ଏବଂ ଘର ବାହାରେ ପାର୍କିଂ ହୋଇଥିବା ଗାଡ଼ିକୁ ମଧ୍ୟ ହାଣି ପକାଇଥିଲେ ଅଭିଯୁକ୍ତ। ଏହି ଆକ୍ରମଣରେ ୨ଜଣ ଗୁରୁତର ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଆହତ ୨ଯୁବକ ହେଲେ ବାମନ ସାହାଣୀ ଓ ସୀମାଞ୍ଚଳ ସେଠୀ। ଖବରପାଇ ପୋଲିସ ବସ୍ତିରେ ପହଞ୍ଚି ଘଟଣା ବିଷୟରେ ପଚାରି ବୁଝିଥିଲା। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି ଏବଂ ବସ୍ତିରେ ବାରମ୍ବାର ଏଭଳି ଖଣ୍ଡା, ବୋମା ଫୁଟୁଥିବାରୁ ଏଠାରେ ଆଉଟ୍‌ପୋଷ୍ଟ କରିବା ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ବଡ଼ଗଡ଼ ଥାନା ଏବଂ କ୍ୟାପିଟାଲ ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବାକୁ ଚଢ଼ାଉ ଜୋରଦାର କରିଛି। ବସ୍ତିବାସିନ୍ଦାଙ୍କ କହିବା କଥା ଗୌତମ ନଗରରେ ଏହିପରି ୬ ଥର ଆକ୍ରମଣ ଘଟଣା ଘଟିଲାଣି। ନିକଟରେ ବିଧାନସଭା, କ୍ୟାପିଟାଲ ଥାନା ପୋଲିସ, ଡିଜି ପୋଲିସ ଥାଇବି ଦିନ ଦ୍ୱିପ୍ରହରରେ ଲୋକଙ୍କ ଉପରେ ଆକ୍ରମଣ ହେଉଛି। ବସ୍ତିବାସିନ୍ଦା ନିଜକୁ ଅସୁରକ୍ଷିତ ମଣିବା ସହ ସୁରକ୍ଷା ଦାବିରେ ରାସ୍ତାକୁ ଓହ୍ଲାଇ ରାସ୍ତାରୋକୋ କରିବା ସହ ନ୍ୟାୟ ଦାବି କରିଛନ୍ତି।

## ଅଜଣା ଲୋକଙ୍କଠାରୁ ଆକାଉଣ୍ଟରେ ଟଙ୍କା ନେଇ ଫସିଲେ

**ଠକେଇର ଶିକାର ହେଲେ ପେଟ୍ରୋଲ ପମ୍ପ କର୍ମଚାରୀ**

- ସିସିଟିଭି ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ






ଭୁବନେଶ୍ୱର, ୧୨।୩(ତ୍ରିନାଥ ମହାନ୍ତି)

ଅଜଣା ଲୋକଙ୍କୁ ସହଯୋଗ କରି ପେଟ୍ରୋଲ ଟାଙ୍କି କର୍ମଚାରୀ ଫସିଛନ୍ତି। ତାଙ୍କ ଆକାଉଣ୍ଟ ନମ୍ବର ନେଇ ସାଇବର ଠକେଇରେ ବ୍ୟବହାର କରିଥିଲେ ଅଭିଯୁକ୍ତ। ଆକାଉଣ୍ଟକୁ ମହାରାଷ୍ଟ୍ର ଏବଂ କୋଲକାତା ପୋଲିସ ଫ୍ରିଜ୍ କଲା ପରେ ମୁଣ୍ଡରେ ଚେତା ପଶିଥିଲା। ଏନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଆକାଉଣ୍ଟରେ ଟଙ୍କା କାରବାର କରିଥିବା ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆଇଆର୍‌ସି ଭିଲେଜର ସନ୍ତୋଷ ନାୟକ। ତାଙ୍କ ନିକଟରୁ ଗୋଟିଏ ମୋବାଇଲ୍ ଫୋନ୍ ଏବଂ ଏକ କାର୍ ଜବତ କରାଯାଇଛି।

ପୋଲିସ ସୂଚନାନୁସାରେ, ଗିରଫ ସନ୍ତୋଷ ସାଇବର ଠକଙ୍କ ଏଜେଣ୍ଟ ଭାବରେ କାମ କରନ୍ତି। ବିଭିନ୍ନ ପେଟ୍ରୋଲ ପମ୍ପକୁ ଯାଇ ସେଠାରେ ଥିବା କର୍ମଚାରୀଙ୍କୁ କିଛି ଟଙ୍କାର ଲୋଭ ଦେଖାଇ ଟଙ୍କା ଟ୍ରାଞ୍ଜାକ୍‌ଶନ କରନ୍ତି। ଆକାଉଣ୍ଟରେ ଠକେଇ ଟଙ୍କା ପଠାନ୍ତି ଓ ସେମାନଙ୍କ ଠାରୁ କ୍ୟାଶ୍ ନେଇ ଚମ୍ପଟ ମାରନ୍ତି। ରାଜଧାନୀରେ ଏଭଳି ଏକ ଘଟଣାର ଶିକାର ହୋଇଛନ୍ତି ଜଣେ ପେଟ୍ରୋଲ ପମ୍ପ କର୍ମଚାରୀ। ଅଭିଯୋଗକାରୀ କିଶୋର ଚନ୍ଦ୍ର ଜେନା ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ଅଞ୍ଚଳରେ ରୁହନ୍ତି। ସେ କ୍ରିଷ୍ଣା ଫିଲିଂ ଷ୍ଟେଶନରେ ଚାକିରି କରନ୍ତି। ଗତ ୬ ତାରିଖ ସନ୍ଧ୍ୟା ପ୍ରାୟ ୫ଟାରେ କିଶୋର ପେଟ୍ରୋଲ ପମ୍ପରେ ଡ୍ୟୁଟିରେ ଥିବାବେଳେ ଅଭିଯୁକ୍ତ ସନ୍ତୋଷ ତାଙ୍କ ପାଖକୁ ଆସିଥିଲେ। ତାଙ୍କ ଭାଇଙ୍କୁ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଏବଂ ଚିକିତ୍ସା ପାଇଁ ତୁରନ୍ତ ନଗଦ ଟଙ୍କାର ଆବଶ୍ୟକତା ଅଛି ବୋଲି କହିଥିଲେ। ସେ କିଶୋରଙ୍କୁ ତାଙ୍କର ଫୋନ୍‌ପେ ସ୍କାନରରେ ୪୯ହଜାର ଟଙ୍କା ପଠାଇବା ପରେ ତାଙ୍କୁ କ୍ୟାଶ ଦେବାକୁ ଅନୁରୋଧ କରିଥିଲେ। କିଶୋର ଏହି କଥାରେ ବିଶ୍ୱାସ କରି ସ୍କାନର ମାଧ୍ୟମରେ ଟଙ୍କା ଗ୍ରହଣ କରି ସନ୍ତୋଷଙ୍କୁ ୪୮ହଜାର ଟଙ୍କା ଦେଇଥିଲେ। ଏହାର ପରଦିନ କିଶୋରଙ୍କ ଆକାଉଣ୍ଟ ଫ୍ରିଜ୍ ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ପରେ ତାଙ୍କ ଆକାଉଣ୍ଟ ସାଇବର ଠକେଇରେ ବ୍ୟବହାର ହୋଇଥିବା ଜାଣିବାକୁ ପାଇଥିଲା। ତଦନ୍ତ ପରେ ପୋଲିସ ସନ୍ତୋଷଙ୍କୁ ଗିରଫ କରିଥିଲା। ପଚରାଉଚରାବେଳେ ସନ୍ତୋଷ କାର ମାଲିକ ଅଭିଷେକ ମହାପାତ୍ରଙ୍କ ନିର୍ଦ୍ଦେଶରେ ଏହି କାମ କରିଥିଲେ । ନଗଦ ଟଙ୍କା ଅଭିଷେକ ନେଇଥିବାବେଳେ ତାଙ୍କୁ ୧ହଜାର ଟଙ୍କା ଦେଇଥିବା ସନ୍ତୋଷ କହିଥିଲେ। ଅଭିଷେକ ଏକ ସାଇବର ନେଟ୍‌ୱର୍କରେ କାମ କରୁଥିବା ତଦନ୍ତବେଳେ ଜାଣିବାକୁ ପାଇଛି।

# ରଥିପୁରରେ ବଢୁଛି ଖଣି ମାଫିଆଙ୍କ ଦୌରାତ୍ମ୍ୟ

## ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ

**ଖୋର୍ଦ୍ଧା,୧୨।୩(ପ୍ରଭାତ ପାଣିଗ୍ରାହୀ)**

ଜଟଣୀ ତହସିଲ ଅନ୍ତର୍ଗତ ରଥିପୁର ମୌଜାରେ ଖଣି ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ଏହି ଅଞ୍ଚଳରେ ଦିବାରାତ୍ର ବେଆଇନ ଭାବେ ଖଣି ଖନନ ଚାଲିଛି। ପ୍ରତିବାଦ କଲେ ମାଫିଆମାନେ ଭଡ଼ାଟିଆ ଗୁଣ୍ଡା ଲଗାଇ ବନ୍ଧୁକ ଦେଖାଇ ଭୟଭୀତ କରୁଛନ୍ତି। ଏପରିକି ଜଟଣୀ ଥାନାରେ ମିଥ୍ୟା କେଶରେ ଫସାଇ ହଇରାଣ କରୁଛନ୍ତି। ଏ ସଂକ୍ରାନ୍ତରେ ଗୁରୁବାର ଗ୍ରାମର କେତେଜଣ ବ୍ୟକ୍ତି ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଏହି ମୌଜା ଅଞ୍ଚଳରେ ମାଫିଆମାନେ ଦିବାରାତ୍ର ବେଆଇନ ଭାବେ ପଥର, ବାଲି, ମୋରମ ଚୋରାଚାଲାଣ କରୁଛନ୍ତି। ଦୈନିକ ଶତାଧିକ ଟ୍ରକରେ ପଥର, ମୋରମ ଚାଲାଣ ହେଉଛି। ନିକଟରେ ଏହାର ପ୍ରତିବାଦ କରିବାରୁ ମାଫିଆ ଏବଂ ତାଙ୍କ ସହଯୋଗୀମାନେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏପରିକି ଜଣେ ବ୍ୟକ୍ତି ବନ୍ଧୁକ ବାହାର କରି ବ୍ଲାଙ୍କ ଫାଏରିଂ ମଧ୍ୟ କରିଥିଲା। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରାଯାଇଥିଲା। ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ ସତ୍ତ୍ୱେ ସେମାନଙ୍କ ନାମରେ କେଶ ହେବା ପରିବର୍ତ୍ତେ ଆମ ନାମରେ ପାଲଟା ମାମଲା ରୁଜୁ ହୋଇଥିଲା। ଏନେଇ ଅଭିଯୋଗକାରୀ ଜଟଣୀ ପୋଲିସର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଗ୍ରାମର ଜଣେ ଯୁବକଙ୍କ ନାଁରେ ମିଥ୍ୟା କେଶ ଆଧାରରେ କମିଶନରେଟ ପୋଲିସ ଡିସିପିଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଡିସିପିଙ୍କ ନିର୍ଦ୍ଦେଶରେ ସମ୍ପୃକ୍ତ ମାଫିଆଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ପୋଲିସର ଛତ୍ରଛାୟା ତଳେ ମାଫିଆ ବେଫିକର ଭାବେ ପଥର, ବାଲି, ମୋରମ ଚାଲାଣ କରୁଛନ୍ତି। ମାଫିଆଙ୍କ ସହ ପୋଲିସର ମଧୁଚନ୍ଦ୍ରିକା ଯୋଗୁ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି ବୋଲି ଅଭିଯୋଗକାରୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହାର ଏକ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ବେଆଇନ ଖଣି ଖନନ ସଂକ୍ରାନ୍ତରେ ଖଣି ଉପନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ ପରେ ବିଭାଗୀୟ ଅଧିକାରୀ ପହଞ୍ଚି ଘଟଣାସ୍ଥଳରୁ ସମସ୍ତ ଗାଡି ଜବତ କରି ଥାନା ଜିମା ଦେଇଛନ୍ତି। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ଜଟଣୀ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି, ଉପରୋକ୍ତ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ କପୋଳକଳ୍ପିତ। ଦୁଇ ଗୋଷ୍ଠୀ ମଧ୍ୟରେ ଖଣି କାରବାରକୁ ନେଇ ଚାଲିଥିବା ବିବାଦକୁ ନେଇ ପୋଲିସ ଉପରେ ଦୋଷ ଲଦୁଛନ୍ତି। ଏକାଧିକ ଅଭିଯୋଗକାରୀଙ୍କ ନାମରେ ଥାନାରେ ପୂର୍ବରୁ ଆପରାଧିକ ମାମଲା ରହିଛି। ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ।

## ବନ୍ଧୁକ ସହ ଗୁଳି ଜବତ, ଯୁବକ ଗିରଫ

**ବୋଲଗଡ଼,୧୨।୩(ଦେବବ୍ରତ ହୋତା)**



ବୋଲଗଡ଼ ଥାନା ଅଧୀନ ରାଜସୁନାଖଳା ଶୁଖୁଆ ବଜାର ଅଞ୍ଚଳରେ ଗୁରୁବାର ବନ୍ଧୁକ ରଖି ବୁଲୁଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ସଦର ଥାନା ଅଧୀନ ବଙ୍ଗିଦା ଗ୍ରାମର ସୁନୀଲ କୁମାର ରାଉତ ଓରଫ ଧଡୁ (୨୬)। ତାଙ୍କ ନିକଟରୁ ଏକ ବିନା ଲାଇସେନ୍ସ ୯ଏମ୍‌ଏମ୍ ପିସ୍ତଲ ଏବଂ ଦୁଇ ରାଉଣ୍ଡ ଗୁଳି ଜବତ ହୋଇଛି। ସୂଚନାନୁଯାୟୀ, ଆଇଆଇସି ସୁକାନ୍ତ ଦଳେଇ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ରାଜସୁନାଖଳା ବଜାର ପାଖରେ ବନ୍ଧୁକ ରଖି ବୁଲୁଥିବା ଉପରୋକ୍ତ ଯୁବକଙ୍କୁ ଧରିବା ପାଇଁ ଏଏସ୍‌ଆଇ ଉମାଶଙ୍କର ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ଏଏସ୍‌ଆଇ ରାଜେନ୍ଦ୍ର ବେହେରା, କନ୍‌ଷ୍ଟେବଳ ରମେଶ ଚନ୍ଦ୍ର ପ୍ରଧାନ ଓ ନର୍ମଦା ପ୍ରଧାନଙ୍କୁ ସାଥିରେ ନେଇ ଶୁଖୁଆ ବଜାର ନିକଟରୁ ସମ୍ପୃକ୍ତ ଯୁବକଙ୍କୁ ଧରି ବୋଲଗଡ଼ ଥାନାକୁ ଆଣିବା ସହ ପିସ୍ତଲ ଓ ଗୁଳି ଜବତ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୨୦୫/୨୬) ରୁଜୁ ପରେ ସମ୍ପୃକ୍ତ ସୁନୀଲଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ତଦନ୍ତ ଅଧିକାରୀ ଏସ୍‌ଆଇ ହାଡୁବନ୍ଧୁ ଦାସ କହିଛନ୍ତି।

## ୧୯ରୁ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ

**ବେଗୁନିଆ,୧୨।୩(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆସ୍ଥିତ ଦୁର୍ଗା ମଣ୍ଡପ ପରିସରରେ ଆଧ୍ୟାତ୍ମିକ ପରିଷଦ ପକ୍ଷରୁ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଆସନ୍ତା ୧୯ତାରିଖରୁ ଆରମ୍ଭ ହୋଇ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟହ ପୂର୍ବାହ୍ନରେ ପାରାୟଣ ଏବଂ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ବ୍ୟାସ ବିପିନ ବିହାରୀ ମହାପାତ୍ର ରହିଥିବା ବେଳେ ପ୍ରବକ୍ତା ହରିହର ଜେନା, ଗୋପାଳ ଚନ୍ଦ୍ର ରାୟଗୁରୁ, ଡ. ମିହିର ପଟ୍ଟନାୟକ, ଗୁରୁ ପ୍ରସାଦ ମହାପାତ୍ର, ଅଶୋକ ଦାଶ, ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ପ୍ରବଚନ ଦେବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



ବିଜେଡିଆସ୍ଥିତ କପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା ପାଇଁ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଚାଲିଛି। (ଫଟୋ: ମାନସ ଚନ୍ଦ୍ର ପଟ୍ଟନାୟକ)

## ଦେଶୀମଦ ସହ ୨ ଗାଡ଼ି ଜବତ, ୨ ଗିରଫ

**ବାଲୁଗାଁ/ବାଣପୁର,୧୨।୩ (ସଂଗ୍ରାମ ପାଇକରାୟ/ଦିଲୀପ କୁମାର ସ୍ୱାଇଁ)**

ବାଲୁଗାଁ ଅବକାରୀ ବିଭାଗ ଗୁରୁବାର ପୃଥକ୍ ଭାବେ ଚଢ଼ାଉ କରି ମୋଟ ୧୮୪ ଲିଟର ଦେଶୀମଦ ଜବତ କରିବା ସହ ୨ଜଣ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଣପୁର ଥାନା ଦାଶରଥିପୁର ଗ୍ରାମର ହେମନ୍ତ ଘଡ଼ାଇ। ତାଙ୍କ ନିକଟରୁ ୮୦ଲିଟର ମଦ ଏବଂ ଏକ ସ୍କୁଟି ଜବତ ହୋଇଛି। ସେହିପରି ଅନ୍ୟ ଜଣେ ଅଭିଯୁକ୍ତ କୋଷରଡ଼ା ଗ୍ରାମର କାହ୍ନା ଶବରଙ୍କଠାରୁ ୧୦୪ ଲିଟର ମଦ ସହ ଏକ ବାଇକ୍ ଜବତ କରାଯାଇଛି। ବାଣପୁର କଲେଜ ନିକଟ ହାତୀମୁଣ୍ଡା ଏବଂ ବାଲେଡିହ ଛକଠାରେ ଚଢ଼ାଉ କରି ଏହି ବେଆଇନ ମଦ ବିକ୍ରେତାଙ୍କୁ ଗିରଫ କରାଯାଇଥିଲା। ବିଭାଗ ପକ୍ଷରୁ ଏନେଇ ପୃଥକ୍ ଭାବେ ଦୁଇଟି ମାମଲା ରୁଜୁ କରାଯାଇଛି। ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉରେ ଏଏସ୍‌ଆଇ ରାମଚନ୍ଦ୍ର ଜେନା, କନ୍‌ଷ୍ଟେବଲ୍ ଅଶେଷ ପ୍ରଧାନ, ରଞ୍ଜିତ ପଟେଲ, ମନୋଜ ଜୟସିଂହ, ସୁନିତା ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

## ବେଡେରାଗୋଡ଼ି ପୋଖରୀର ପୁନରୁଦ୍ଧାର ଦାବି



**ଖୋର୍ଦ୍ଧା,୧୨।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ନରଣଗଡ଼ ପଞ୍ଚାୟତ ଅଧୀନ ହାଡ଼ପଦା ଗ୍ରାମବାସୀ ଗ୍ରାମରେ ପାଣି ସମସ୍ୟା ନେଇ ଗୁରୁବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଗ୍ରାମର ବେଡେରାଗୋଡ଼ି ପୋଖରୀର ପୁନରୁଦ୍ଧାର ଏବଂ ସାମୂହିକ ପାଇଖାନା ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବେଡେରାଗୋଡ଼ି ପୋଖରୀ ଉପରେ ହାଡ଼ପଦା ଗ୍ରାମ ସମେତ ୧୦ଖଣ୍ଡ ଗ୍ରାମବାସୀ ନିର୍ଭର କରନ୍ତି। ପର୍ବପର୍ବାଣିଠାରୁ ଆରମ୍ଭ କରି ଲୋକଙ୍କ ଦୈନନ୍ଦିନ ବ୍ୟବହାର ସ୍ନାନ, ଶୁଦ୍ଧିକ୍ରିୟା, ଗୃହପାଳିତ ପଶୁପକ୍ଷୀ ନିର୍ଭର କରିଥାନ୍ତି। ତେବେ ମାର୍ଚ୍ଚ ମାସ ଆରମ୍ଭରୁ ଏହି ପୋଖରୀରେ ପାଣି ନାହିଁ। ଆବଶ୍ୟକ ପରିମାଣର ନଳକୂପ ନ ଥିବାରୁ ଗ୍ରାମବାସୀ ପାଣି ପାଇଁ ହଇରାଣ ହେଉଛନ୍ତି। ଅନ୍ୟପଟେ ଗ୍ରାମର ଅଧିକାଂଶ ଲୋକେ ଗରିବ ଶ୍ରେଣୀର। ଏକାଧିକଙ୍କ ଘରେ ପାଇଖାନା ନ ଥିବାରୁ ବାହାରେ ମଳତ୍ୟାଗ କରୁଛନ୍ତି। ଫଳରେ ପରିବେଶ ଦୂଷିତ ହେଉଛି। ଗ୍ରାମବାସୀଙ୍କ ସାମୂହିକ ଦୃଷ୍ଟିରୁ ଉକ୍ତ ପୋଖରୀର ପୁନରୁଦ୍ଧାର ସହ ସ୍ୱଚ୍ଛ ଭାରତ ମିଶନରେ ଗ୍ରାମରେ ପାଇଖାନା ନିର୍ମାଣ ପାଇଁ ଦାବି କରିଛନ୍ତି। ଗ୍ରାମବାସୀଙ୍କ ସମସ୍ୟା ସମାଧାନ ପ୍ରତି ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ



**ବାଲୁଗାଁ,୧୨।୩(ସଂଗ୍ରାମ ପାଇକରାୟ)**

ବାଲୁଗାଁ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଅଧ୍ୟାପକ ସୁବାସ ଶ୍ରୀଚନ୍ଦନ, କୈଳାସ ଚନ୍ଦ୍ର ମହାରଣା, ବିଦ୍ୟାଧର ଜୁଝାରସିଂହ, ଅଧ୍ୟାପିକା ମୋନାଲିସା ମାନସିଂହ, ମନସ୍ୱିନୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାର ଗୁରୁତ୍ୱ ଓ ମହତ୍ତ୍ୱ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ ଓଡ଼ିଆ ଭାଷାର ପ୍ରାମାଣିକ ତଥ୍ୟ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଧୋବି ଚରଣ ପରିଡ଼ା ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ।

## ସରିଲା ହରିରାଜପୁର ପଞ୍ଚଦୋଳ ମେଳଣ

**ଜଟଣୀ,୧୨।୩(ରବୀନ୍ଦ୍ରନାଥ ମହାକୁଡ଼)**

ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ପଞ୍ଚଦୋଳ ମେଳଣ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗୋଧୂଳି ବେଳାରେ ହରିହର ଭେଟ ହୋଇଥିଲା। ସମସ୍ତ ଠାକୁରଙ୍କ ସହିତ ସ୍ଥାନାଧିପତି ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ଭେଟ ପରେ ଆମନ୍ତ୍ରିତ ଠାକୁରମାନେ ସ୍ୱ ସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶେଷରେ ସ୍ଥାନାଧିପତି ପଶ୍ଚିମାଶମ୍ଭୁ ସୋମନାଥ ଦେବ, ଅରାଗଡ଼ର କୁନ୍ତେଶ୍ୱର ଦେବ, କୁସୁମାଟିର ଗଡେଶ୍ୱର ଦେବ, କନ୍ଥିଆ ଗ୍ରାମର ବାଲୁଙ୍କେଶ୍ୱର ଦେବ, ଭଁସରର ନୀଳକଣ୍ଠେଶ୍ୱର ଦେବ ଏବଂ ହରିରାଜପୁରର ବାଳମୁକୁନ୍ଦ ଦେବଙ୍କ ମଧ୍ୟରେ ହରିହର ଭେଟ ଉତ୍ସବ ହୋଇଥିଲା। ଏହି ସମୟରେ ଭକ୍ତମାନେ ଠାକୁରଙ୍କୁ ଅବିର ଅର୍ପଣ କରିବା ସହିତ ଦୋଳ ବିମାନଙ୍କ ମଧ୍ୟରେ ଘେରିନାଚ ପରେ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କୁ ଅଧରପଣା ଅର୍ପଣ କରାଯାଇଥିଲା। ଠାକୁରଙ୍କ ସମସ୍ତ ଦେବନୀତି ପରେ ଆମନ୍ତ୍ରିତ ଠାକୁରଙ୍କ ଠାରେ ଭୋଗ ଆଟିକା ଲାଗି କରାଯାଇଥିଲା। ପାରମ୍ପରିକ ବାଦ୍ୟ, ନୃତ୍ୟ, ଭଜନ କୀର୍ତ୍ତନ, ଘଣ୍ଟ ଘଣ୍ଟା, ଭେରି ତୂରୀ ଏବଂ ଭକ୍ତଙ୍କ ହରିବୋଲ, ହୁଳହୁଳିରେ ମେଳଣ ପଡ଼ିଆ ପ୍ରକମ୍ପିତ ହୋଇଉଠିଥିଲା। ଗୋଧୂଳି ବେଳାରେ ହରିହର ଭେଟ ପରେ ଠାକୁରମାନେ ଫଗୁ ଖେଳିବା ପରେ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଏହି ଭେଟ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମୀନାବଜାର, ପଲ୍ଲିଶ୍ରୀ ମେଳା ସହିତ ବିଭିନ୍ନ ଷ୍ଟଲ୍‌ରେ ଲୋକଙ୍କ ଗହଳି ଜମିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଡେଲାଙ୍ଗ ବ୍ଲକ ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏହି ମେଳଣକୁ ହରିରାଜପୁର ମେଳଣ ପରିଷଦର ସମସ୍ତ ସଦସ୍ୟ, ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ବହୁ ସାମାଜିକ କର୍ମୀ ଏବଂ ବ୍ୟବସାୟୀମାନେ ସହଯୋଗ କରିଥିବା ମେଳଣ ପରିଷଦ ପକ୍ଷରୁ ସମ୍ପାଦକ ପ୍ରସନ୍ନ ମହାରଥୀ କହିଛନ୍ତି।



ହରିରାଜପୁର ମେଳଣ ପଡ଼ିଆରେ ପଞ୍ଚଦୋଳ ଠାକୁରଙ୍କ ହରିହର ଭେଟ ଦେଖିବାକୁ ଶ୍ରଦ୍ଧାଳୁଙ୍କ ସମାଗମ।

## ନିରାକାରପୁରରେ ବଢୁଛି ମାଙ୍କଡ଼ଙ୍କ ଉପଦ୍ରବ

**ନିରାକାରପୁର,୧୨।୩(ମାନସ ଚନ୍ଦ୍ର ପଟ୍ଟନାୟକ)**

ଗତ ୫ ମାସ ହେବ ନିରାକାରପୁର ଅଞ୍ଚଳରେ ମାଙ୍କଡ଼ଙ୍କ ଉପଦ୍ରବ ବଢ଼ିଚାଲିଛି। ଗୁରୁବାର ମାଙ୍କଡ଼ କାମୁଡ଼ାରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ପୁରୀ ଜିଲା କଣାସ ବ୍ଲକ ଅଧୀନ ଗଡ଼ବଳଭଦ୍ରପୁର ଗ୍ରାମର ସାଧବାଣୀ ଭୁଜବଳ। ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସାଧବାଣୀ ନିରାକାରପୁରସ୍ଥିତ ଜଣେ ବନ୍ଧୁଙ୍କ ଘରକୁ ଯାଉଥିବା ବେଳେ ଗେଟ୍ ବଜାର ନିକଟରେ ଏକ ମାଙ୍କଡ଼ ତାଙ୍କୁ କାମୁଡ଼ି ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କ ଚିତ୍କାର ଶୁଣି ଜଣେ ସମ୍ପର୍କୀୟ ପହଞ୍ଚିବା ପରେ ମାଙ୍କଡ଼ଟି ଛାଡ଼ି ପଳାଇଥିଲା। ଆହତ ସାଧବାଣୀଙ୍କୁ ପ୍ରଥମେ ଖୋର୍ଦ୍ଧା ଏବଂ ପରେ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନାଥାଉ କି, କିଛିମାସ ପୂର୍ବେ ସ୍ଥାନୀୟ ଗେଟ୍ ବଜାରସ୍ଥିତ କନକଲତା ରାଉତରାୟ (୭୫) ଓ ଭାଗୀରଥି ପ୍ରଧାନ (୫୮), ମଙ୍ଗଳାଯୋଡ଼ି ଅଞ୍ଚଳର ପ୍ରଭାସିନୀ ବେହେରା (୩୫) ମାଙ୍କଡ଼ କାମୁଡ଼ାରେ ଆହତ ହୋଇଥିଲେ। ସେହିପରି ଗତ ଜୁଲାଇ ୧୪ରେ ମାଙ୍କଡ଼ ଆକ୍ରମଣର ଶିକାର ହୋଇ ଛାତ ଉପରୁ ଖସି ରାମେଶ୍ୱର ପଞ୍ଚାୟତ ଖଜୁରିପଡ଼ା ଗ୍ରାମର ନଳିନୀ ବାରିକଙ୍କ ମୃତ୍ୟୁ ହୋଇଥିଲା। ଅନୁରୂପ ଭାବେ ମାଙ୍କଡ଼ପଲ୍ଲ ବାରିରେ ଥିବା ପନିପରିବା ଖାଇବା ସହ ନଷ୍ଟ କରୁଛନ୍ତି। ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବା ସହ ମାଙ୍କଡ଼ଙ୍କୁ ଘଉଡ଼ାଇବା ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ଟାଙ୍ଗୀ ରେଞ୍ଜର ଦେବାଶିଷ ଭୋଇ କହିଛନ୍ତି, ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ଏହାର ସ୍ଥାୟୀ ସମାଧାନ କରାଯିବ।

## ଚୋରାମଦ ବେପାରୀଙ୍କୁ ୩ବର୍ଷ ଜେଲ ଦଣ୍ଡାଦେଶ

**ବାଲୁଗାଁ,୧୨।୩(ସଂଗ୍ରାମ ପାଇକରାୟ)**

ଏକ ଚୋରାମଦ କାରବାର ମାମଲାର ବିଚାର କରି ବୁଧବାର ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ୩ବର୍ଷ ଜେଲ ଦଣ୍ଡାଦେଶ ସହିତ ୧୦ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଅଭିଯୁକ୍ତ ହେଲେ ବାଲୁଗାଁ ଥାନା ଅଧୀନ ବଡ଼କୁଳ ଗ୍ରାମର ରାମଚନ୍ଦ୍ର ସାହୁ (୪୭)। ଜରିମାନା ଅନାଦାୟ ଅତିରିକ୍ତ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ପ୍ରକାଶ ଯେ, ଗତ ଜାନୁଆରୀ ୧୯ତାରିଖ ସକାଳ ପ୍ରାୟ ୭ଟାରେ ବାଲୁଗାଁ ଅବକାରୀ ଅଧିକାରୀ ଅଜିତ୍‌କୁମାର ପାତ୍ରଙ୍କ ନେତୃତ୍ୱରେ ଏଏସ୍‌ଆଇ ମୀନକେତନ ମାହାଳିକ ସଦଳବଳ ପାଟ୍ରୋଲିଂ କରୁଥିବା ବେଳେ ବଡ଼କୁଳ ବଜାର ନିକଟ ସୁବୁଦ୍ଧିପାଟଣା ଛକ ଅଞ୍ଚଳରେ ବେଆଇନ ମଦ କାରବାର ଚାଲିଥିବା ନେଇ ସୂଚନା ପାଇଥିଲେ। ସଙ୍ଗେ ସଙ୍ଗେ ଉକ୍ତ ସ୍ଥାନରେ ଚଢ଼ାଉ କରି ସମ୍ପୃକ୍ତ ବ୍ୟବସାୟୀ ରାମଚନ୍ଦ୍ରଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୩୨ଟି ଆସ୍କାଫର୍ଟି ଦେଶୀ ମଦ ବୋତଲ ଜବତ କରିଥିଲେ। ବାଲୁଗାଁ ଅବକାରୀ ବିଭାଗ ଏନେଇ ଏକ ମାମଲା (ନଂ.୨୬୩/ ୨୫-୨୬) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ମାମଲାଟି କୋର୍ଟରେ ବିଚାରାଧୀନ ଥିଲା। ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ କୁମାର ନନ୍ଦ ଏବଂ ହରେକୃଷ୍ଣ ଜଗଦେବ ମାମଲା ପରିଚାଳନା କରିଥିଲେ।

## ଦିବ୍ୟାଙ୍ଗ ଜମ୍ମେଶ୍ୱରଙ୍କୁ ମିଳୁନି ଆବାସ



**ଖୋର୍ଦ୍ଧା,୧୨।୩(ପ୍ରଭାତ ପାଣିଗ୍ରାହୀ)**

ଦିବ୍ୟାଙ୍ଗମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ତେବେ ସ୍ଥାନୀୟ ସ୍ତରରେ ପ୍ରଶାସନିକ ଅବହେଳା କିମ୍ବା ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଦିବ୍ୟାଙ୍ଗମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏଭଳି ଏକ ଅଭିଯୋଗ ଆସିଛି ବେଗୁନିଆ ବ୍ଲକ ଗଡ଼ମାଣିତ୍ରୀ ପଞ୍ଚାୟତ ଛିଆମ ଗ୍ରାମରୁ। ଏହି ଗ୍ରାମର ପ୍ରାଣନାଥ ବେହେରାଙ୍କ ବଡ଼ପୁଅ ଜମ୍ମେଶ୍ୱର(୩୦) ୯୦% ଦିବ୍ୟାଙ୍ଗ। ଠିକ୍ କକକକ ଭାବେ ଚଲାବୁଲା କରିପାରୁନାହାନ୍ତି। ପକ୍କା ଘରଟିଏ ପାଇବା ପାଇଁ ପରିବାର ଲୋକେ ବାରମ୍ବାର ସ୍ଥାନୀୟ ପ୍ରଶାସନଠାରୁ ଜିଲା ପ୍ରଶାସନ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ପ୍ରତିଶ୍ରୁତି ବ୍ୟତୀତ କୌଣସି ସହଯୋଗ ମିଳୁ ନ ଥିବା ପରିବାର ଲୋକେ ଗଣମାଧ୍ୟମ ଆଗରେ କହିଛନ୍ତି। ତେବେ ବ୍ଲକ ପ୍ରଶାସନ ପକ୍ଷରୁ ଏକ ହୁଇଲ୍‌ଚେୟାର ପ୍ରଦାନ କରାଯାଇଛି। ଅନ୍ୟ ସୁବିଧା ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଅଭିଯୋଗ ମୁତାବକ, ପ୍ରାଣନାଥ ଜଣେ ଦିନ ମଜୁରିଆ। ଦୈନିକ କାମକୁ ଗଲେ ପରିବାର ଚଳେ। ତାଙ୍କ ପୁଅ ଜମ୍ମେଶ୍ୱର ପିଲାବେଳୁ ଦିବ୍ୟାଙ୍ଗ। ଆର୍ଥିକ ଅଭାବରୁ ଅଧିକ ଚିକିତ୍ସା ସମ୍ଭବ ହୋଇପାରିନଥିଲା। ଦୀର୍ଘ ୨୫ବର୍ଷ ଧରି ସେ ଶଯ୍ୟାଶାୟୀ। ମା'ବାପା, ଭାଇ ତାଙ୍କ ସେବା କରୁଛନ୍ତି। ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଇନାହିଁ। ଜମ୍ମେଶ୍ୱରଙ୍କ ନାଁରେ ପୂର୍ବରୁ ରାଶନକାର୍ଡ ଥିବା ବେଳେ ତାହାକୁ କାଟି ଦିଆଯାଇଛି। ତାଙ୍କ ନାଁ ରାଶନକାର୍ଡରେ ଯୋଡ଼ିବା ସହ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରିବାକୁ ପରିବାର ଲୋକେ ଦାବି କରିଛନ୍ତି। ପୂର୍ବରୁ ଆବାସ ଯୋଜନା ସର୍ଭେ କରାଯାଇଥିବା ବେଳେ ତାଙ୍କ ପରିବାରକୁ ଏଥିରୁ ବାଦ୍ ଦିଆଯାଇଛି। ଏନେଇ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ କହିଛନ୍ତି, ଆବାସ ଯୋଜନା ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇବା ପାଇଁ ବ୍ୟବସ୍ଥା କରାଯିବ।

## ପୃଥକ୍ ସ୍ଥାନରୁ ୫୬ ମଇଁଷି ଉଦ୍ଧାର, ୨ ଟ୍ରକ୍ ଜବତ

**ଖୋର୍ଦ୍ଧା/ନିରାକାରପୁର,୧୨।୩ (ପ୍ରଭାତ ପାଣିଗ୍ରାହୀ/ମାନସ ଚନ୍ଦ୍ର ପଟ୍ଟନାୟକ)**





ଖୋର୍ଦ୍ଧା ସଦର ଥାନା ପୋଲିସ ଗୁରୁବାର ୧୬ନଂ. ଜାତୀୟ ରାଜପଥର ପଣ୍ଡିତ ଢାବା ନିକଟରୁ ଏକ ମଇଁଷି ବୋଝେଇ ଟ୍ରକ୍ ଜବତ କରିଛି। ପୋଲିସ ଗାଡ଼ିରୁ ୨୮ଟି ମଇଁଷି ଉଦ୍ଧାର କରିଥିବା ବେଳେ ଜଣଙ୍କୁ ଗିରଫ କରିଛି। ସେ ହେଲେ କଟକ ଜିଲା ସାଲେପୁର ଥାନା ଅନ୍ତର୍ଗତ ଫୋଗଲର ଏସ୍. କେ. ସକିଲ(୩୦)। ସୂଚନା ମୁତାବକ, ଏକ ଟ୍ରକ୍ (ଓଡି ୩୪ ଡବ୍ଲ୍ୟୁ ୭୬୯୪)ରେ ବେଆଇନ ଭାବେ ମଇଁଷି ଚାଲାଣ ହେଉଥିବା ଖବରପାଇ ବଜରଙ୍ଗ ଦଳ ସଦସ୍ୟମାନେ ଉକ୍ତ ଗାଡ଼ିକୁ ଜାତୀୟ ରାଜପଥର ବିଭିନ୍ନ ଛକରେ ଅଟକାଇବାକୁ ଚେଷ୍ଟା କରିଥିଲେ। ତେବେ ଡ୍ରାଇଭର ଗାଡ଼ିକୁ ସ୍ପିଡ୍‌ରେ ନେଇଥିଲେ ମଧ୍ୟ ଅନ୍ୟ ଏକ ଟିମ୍ ପଣ୍ଡିତ ଢାବା ନିକଟରେ ଅଟକାଇଥିଲେ। ଏହା ପରେ ବଜରଙ୍ଗ ଦଳ ସଦସ୍ୟମାନେ ଟ୍ରକ ଏବଂ ଡ୍ରାଇଭରଙ୍କୁ ପୋଲିସ ଜିମା ଦେବା ପରେ ମଇଁଷିଙ୍କୁ ଉଦ୍ଧାର କରାଯାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୦୮/୨୬) ରୁଜୁ କରିବା ସହ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଟ୍ରକଟି କଟକରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିଲା। ଉଦ୍ଧାର ମଇଁଷିଙ୍କୁ ପ୍ରାଥମିକ ଚିକିତ୍ସା ପରେ ନାରୁଣୀସ୍ଥିତ ଅମୃତଧାରା ଟ୍ରଷ୍ଟରେ ଛଡ଼ାଯାଇଛି।

ସେହିପରି ନିରାକାରପୁର ଥାନା ପୋଲିସ ଗୁରୁବାର ମଇଁଷି ବୋଝେଇ ଏକ ଟ୍ରକ୍‌କୁ ଜବତ କରିଛି। ୨୮ ମଇଁଷିଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୩ଟିର ମୃତ୍ୟୁ ଘଟିଛି। ତେବେ ଗାଡ଼ିଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସୂଚନା ମୁତାବକ, ଖୋର୍ଦ୍ଧାପଟୁ ଏକ ମଇଁଷି ବୋଝେଇ ଟ୍ରକ୍ (ଓଡି ୩୪ଟି ୩୫୦୪) ବ୍ରହ୍ମପୁର ଅଭିମୁଖେ ଯାଉଥିଲା। କୌଣସି ସୂତ୍ରରୁ ଖବରପାଇ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ଉକ୍ତ ଟ୍ରକର ପିଛା କରିଥିଲେ। ୧୬ନଂ. ଜାତୀୟ ରାଜପଥର ସୁନେଇରୁପେଇ ଛକ ପୂର୍ବରୁ ଟ୍ରକର ଟାୟାର ପ୍ରମ୍ଚର ହୋଇଯିବାରୁ ଚାଳକ ରାସ୍ତା ଉପରେ ଗାଡ଼ିକୁ ରଖି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଉକ୍ତ ଟ୍ରକ୍‌ରୁ ମଇଁଷିଙ୍କୁ ଉଦ୍ଧାର କରିଥିଲା। ବାଲୁଗାଁସ୍ଥିତ ଗୋଶାଳାକୁ ଉଦ୍ଧାର ମଇଁଷିଙ୍କୁ ପଠାଯିବା ସହ ମୃତ ମଇଁଷିଗୁଡ଼ିକୁ ପୋତି ଦିଆଯାଇଛି। ଏନେଇ ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ କହିଛନ୍ତି, ଟ୍ରକରେ ମଇଁଷିଙ୍କୁ କେଉଁଠାକୁ ପଠାଯାଉଥିଲା, ଏଥିରେ କେଉଁମାନେ ସଂଶ୍ଳିଷ୍ଟ ଅଛନ୍ତି, ତାହାର ତଦନ୍ତ ଜାରି ରହିଛି।

# ଗୋଧୂଳିଲଗ୍ନରେ ହରିହର ଭେଟ

ଡେଲାଙ୍ଗ, ୧୨।୩(ରଶ୍ମିରଞ୍ଜନ ପ୍ରଧାନ)

ଗୋଧୂଳି ଲଗ୍ନରେ ହରିହର ଭେଟରେ ହରିରାଜପୁର ମେଳଣ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବ, ଅରାଗଡ଼ର ଶ୍ରୀକୁନ୍ତେଶ୍ୱର ଦେବ, କୁସୁମାଟିର ଶ୍ରୀଗଟେଶ୍ୱର ଦେବ, କନ୍ତିଆର ଶ୍ରୀବାଲୁଙ୍କେଶ୍ୱର ଦେବ, ଟାଙ୍ଗି ଭଁସରର ଶ୍ରୀନୀଳକଣ୍ଠେଶ୍ୱର ଦେବ, ହରିରାଜପୁର ବାଳମୁକୁନ୍ଦ ଦେବ ପ୍ରମୁଖଙ୍କ ହରିହର ଭେଟ ହୋଇଥିଲା। ହରିହର ଭେଟପରେ ଝୁଣ୍ଟିଲାଗି ହୋଇଥିବା ସମସ୍ତ ବିମାନ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଭେଟ ସମୟରେ ସମସ୍ତ ଦୋଳବିମାନଙ୍କୁ ଭକ୍ତମାନେ ଅବିର ଅର୍ପଣ କରିବା ସହିତ ଦୋଳବିମାନ ମଧ୍ୟରେ ଘେରିନାଚ କରାଯାଇ ରତ୍ନବେଦୀ ଚାରିପଟେ ୭ ଘେରା ବୁଲି ବେଦୀ ଉପରେ ବିରାଜମାନ ହୋଇଥିଲେ। ସେଠାରେ ପୂଜାର୍ଚ୍ଚନା କରାଯାଇ ଅଧରପଣା ସମର୍ପଣ ଓ ମନ୍ଦିରକୁ ଫେରିବା ବାଟରେ ଦୁଆରୀ ଭୋଗ ଖାଇ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଏହି ଭେଟ ଦେଖିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଅନେକ ଶ୍ରଦ୍ଧାଳୁ ଏହି ଭେଟ ବେଳରେ ଫଗୁ ଅର୍ପଣ କରିଥିଲେ। ଫଗୁ ଅର୍ପଣ ଓ ପ୍ରଭୁଙ୍କ ପାଦୁକ ପାଇବାପରେ ମାନସିକଧାରୀମାନେ ଉପବାସ ଭଙ୍ଗ କରିଥିଲେ।


ହରିହର ଭେଟ କରାଯାଉଛି ।

**ଅଧରପଣା ପରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କଲେ ପ୍ରଭୁ ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବ**

### କବିତା ଆସର ଓ ପୁସ୍ତକ ଉନ୍ମୋଚିତ

ନିମାଇଁ ସାହିତ୍ୟ ସଂସଦ ଓ ହରିରାଜପୁର ମେଳଣ କମିଟି ପକ୍ଷରୁ ଆଧାତ୍ମିକ କବିତା ପାଠୋତ୍ସବ ସୂଚନା କେନ୍ଦ୍ର ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ପ୍ରେମାନନ୍ଦ ମଲ୍ଲିକଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବୟିତ୍ରୀ ପ୍ରମିଳା ପଟ୍ଟନାୟକ, ଗୀତାରାଣୀ ରଞ୍ଜିତ, ନଳିନୀପ୍ରଭା ପଟ୍ଟନାୟକ, କବି ରବୀନ୍ଦ୍ର ଷଡଙ୍ଗୀ, ଦିଲ୍ଲୀପ କୁମାର ଧାଉଡ଼ିଆ ପ୍ରମୁଖଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିବା ସହିତ ପୁସ୍ତକ 'ଧାରା ଶ୍ରାବଣୀ' ଓ 'ଝରା ସେଫାଳୀ' ଉନ୍ମୋଚିତ ହୋଇଥିଲା। ସେହିପରି ପିତାପାଣିଆ ମଞ୍ଚରେ ପଶ୍ଚିମାଶମ୍ଭୁ ଯୁବ ସଂଗଠନ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ କବି ଭିକାରୀ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାହିତ୍ୟ ଆସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ଲେଖକ ଡା. ଅରବିନ୍ଦ ରାୟ, ଅଜୟ ମହାପାତ୍ର, ଏକାଡେମୀର ସହ ସଚିବ ସଞ୍ଜୟ କୁମାର ଛୁଆଳସିଂହ, ଗ୍ରନ୍ଥକାର ଅର୍ଜୁନ ଘଡେଇ, ଯୁବ ସଂଗଠନର ସମ୍ପାଦକ ବାସୁଦେବ ସାହୁ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିବା ସହିତ ମୁଖପତ୍ର 'ପଞ୍ଚଦୋଳ ପ୍ରସଙ୍ଗ' ଲୋକାର୍ପଣ କରିଥିଲେ।

### ମାଗଣା ସ୍ୱାସ୍ଥ୍ୟସେବା

ହରିରାଜପୁର ମେଳଣରେ ଭୁବନେଶ୍ୱର ହାଇଟେକ ମେଡିକାଲ ଓ କଲେଜ ପକ୍ଷରୁ ୫ ଦିନିଆ ମାଗଣା ସ୍ୱାସ୍ଥ୍ୟସେବା ଶିବିରର ଆୟୋଜନ କରାଯାଇଥିଲା। ଏଠାରେ ୩ ହଜାରରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବିତରଣ କରାଯାଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି।

### ଜଳଦାନ ସେବା ଶିବିର ଓ ଅନ୍ନ ପ୍ରସାଦ ବିତରଣ

ହରିରାଜପୁର ମେଳଣର ଅନ୍ତିମ ଦିବସରେ ପ୍ରଚଣ୍ଡ ରୌଦ୍ରତାପ ଅନୁଭୂତ ହେଉଥିବା ବେଳେ ସେବା ହିଁ ଜୀବନର ଲକ୍ଷ୍ୟ, ଗଡ଼ମୋଟରୀ ମଣ୍ଡଳ ସହିତ ଅନ୍ୟାନ୍ୟ ଯୁବ ସଂଗଠନଗୁଡ଼ିକ ପକ୍ଷରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ଜଳଦାନ ସେବା ଶିବିରର ଆୟୋଜନ କରାଯାଇଥିଲା। ସେହିପରି ଶ୍ରୀଜଗନ୍ନାଥ ପଞ୍ଚସଖା ସେବା ଓ ଉତ୍କଳ ବ୍ୟବସାୟୀ ସଂଘ ପକ୍ଷରୁ ଜଟଣୀ-ପିପିଲି ରାସ୍ତାର ହରିରାଜପୁର ଛକ ନିକଟରେ ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା।

### ମେଳଣରେ ଅନେକ ଲୁଟର ଶିକାର

ମେଳଣ ଭିଡ଼ରେ ୨୪ରୁ ଅଧିକ ଶ୍ରଦ୍ଧାଳୁ ସୁନା ଚେନ ଓ ମୋବାଇଲ ଲୁଟ୍‌ର ଶିକାର ହୋଇଥିବା ଜଣାପଡ଼ିଛି। ମେଳଣ ପଡ଼ିଆରେ ଖୋଲିଥିବା ଉଠାଦୋକାନରୁ ବିଭିନ୍ନ ଜିନିଷ କ୍ରୟ କରିବା ପାଇଁ ବୁଲୁଥିବା ସମୟରେ ଲୁଟେରାଙ୍କ ଶିକାର ହୋଇଛନ୍ତି। ହରିହର ଭେଟ ସମୟରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ମଧ୍ୟରେ ଅନେକ ଲୁଟେରାଙ୍କ ଶିକାର ହୋଇଥିଲେ। ଚଳିତ ବର୍ଷ ପୋଲିସ ପକ୍ଷରୁ ମେଳଣ ପରିଚାଳନାରେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲେ ମଧ୍ୟ ଅନେକ ଶ୍ରଦ୍ଧାଳୁ ଲୁଟେରାଙ୍କ ଶିକାର ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୧୯ ଜଣଙ୍କ ମୋବାଇଲ ଓ ୭ରୁ ଉର୍ଦ୍ଧ୍ୱ ମହିଳାଙ୍କ ସୁନା ଚେନ ଚୋରି ହୋଇଥିବା ହରିରାଜପୁର ଫାଣ୍ଡିରେ ଅଭିଯୋଗ ହୋଇଛି।

# ଏଲ୍‌ପିଜି କଳାବଜାରି, ୪୮ ସିଲିଣ୍ଡର ଜବତ

ପୁରୀ, ୧୨।୩(ଅଜିତ୍ କୁମାର ମହାନ୍ତି)

ଜିଲାରେ ବେଆଇନ ଭାବେ ଏଲ୍‌ପିଜି ସିଲିଣ୍ଡର ମହଜୁଦ କରି କଳାବଜାରୀ ମାଧ୍ୟମରେ ବିକ୍ରୟ କରାଯାଉଥିବା ସମ୍ବନ୍ଧରେ ମିଳୁଥିବା ସୂଚନାକୁ ଆଧାର କରି ପୁରୀ ପୋଲିସ ଦ୍ୱାରା ସହରର ବିଭିନ୍ନ ଥାନା ଅଞ୍ଚଳରେ ଏକ ବିଶେଷ ଯାଞ୍ଚ ଅଭିଯାନ କରାଯାଇଛି। ଏହି ଅଭିଯାନ ସମୟରେ ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ମହଜୁଦ୍ କରି କଳାବଜାରି କରୁଥିବା କିଛି ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ବିଶେଷ ଅଭିଯାନ ଅନୁସାରେ ପୁରୀ ସହର ଅନ୍ତର୍ଗତ ବିଭିନ୍ନ ଥାନା ଅଞ୍ଚଳରୁ ଏଲ୍‌ପିଜି ସିଲିଣ୍ଡର ଜବତ କରାଯାଇଛି।

ସି ବିଚ୍ ଥାନା ଅଞ୍ଚଳରୁ ୧୬ଟି ବଡ଼ ଏଲ୍‌ପିଜି ସିଲିଣ୍ଡର (କମର୍ସିଆଲ ଓ ଡୋମେଷ୍ଟିକ) ଏବଂ ୮ଟି ଛୋଟ ୫ ଲିଟର ସିଲିଣ୍ଡର ଜବତ କରାଯାଇଛି। ବାସେଳୀସାହି ଥାନା ଅଞ୍ଚଳରୁ ୫ଟି ବଡ଼ ଏଲ୍‌ପିଜି ସିଲିଣ୍ଡର ଏବଂ ୨ଟି ୫ ଲିଟର ଛୋଟ ସିଲିଣ୍ଡର ଜବତ କରାଯାଇଛି। ଟାଉନ ଥାନା ଅଞ୍ଚଳରୁ ୬ଟି ବଡ଼ ଏଲ୍‌ପିଜି ସିଲିଣ୍ଡର ଏବଂ ୧୫ଟି ୫ ଲିଟର ଛୋଟ ସିଲିଣ୍ଡର ଜବତ କରାଯାଇଛି। କୁମ୍ଭାରପଡ଼ା ଥାନା ଅଞ୍ଚଳରୁ ୫ଟି ବଡ଼ ଏଲ୍‌ପିଜି ସିଲିଣ୍ଡର ଏବଂ ଗୋଟିଏ ୫ ଲିଟର ଛୋଟ ସିଲିଣ୍ଡର ଜବତ କରାଯାଇଛି। ଏହି ଅଭିଯାନ ସମୟରେ ସହରର ବିଭିନ୍ନ ଥାନା ଅଞ୍ଚଳରୁ ବେଆଇନ ଭାବେ ଏଲ୍‌ପିଜି ସିଲିଣ୍ଡର ମହଜୁଦ୍ କରି କଳାବଜାରି କରୁଥିବା ସନ୍ଦେହରେ ମୋଟ ୬ ଜଣଙ୍କୁ ଅଟକ ରଖାଯାଇଛି। ସମ୍ପୃକ୍ତ ଘଟଣାରେ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ ପାଇଁ ତଦନ୍ତ ଜାରି ରହିଛି। ପୋଲିସ ପକ୍ଷରୁ କୁହାଯାଇଛି, ଏଲ୍‌ପିଜି ସିଲିଣ୍ଡରର ବେଆଇନ ମହଜୁଦ୍, କଳାବଜାରି କିମ୍ବା ଅନୁମତି ବିନା ବ୍ୟବସାୟ କରିବା ଗୁରୁତର ଅପରାଧ। ଏପରି କାର୍ଯ୍ୟକଳାପ ବିରୋଧରେ ପୋଲିସ ଆଗାମୀ ଦିନରେ ମଧ୍ୟ କଡ଼ା ଅଭିଯାନ ଜାରି ରଖିବ। ସାଧାରଣ ଲୋକଙ୍କୁ ମଧ୍ୟ ଅନୁରୋଧ କରାଯାଉଛି, ଯଦି କୌଣସି ସ୍ଥାନରେ ବେଆଇନ ଭାବେ ଗ୍ୟାସ ସିଲିଣ୍ଡର କଳାବଜାରୀ କିମ୍ବା ବିନା ଅନୁମତିରେ ମହଜୁଦ୍ କରାଯାଉଥିବା ସମ୍ବନ୍ଧରେ ସୂଚନା ମିଳେ, ତେବେ ନିକଟସ୍ଥ ଥାନା କିମ୍ବା ୧୧୨ରେ ପୋଲିସକୁ ଅବଗତ କରିବାକୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଗୁରୁବାର ବିଭିନ୍ନ ଗ୍ୟାସ୍ ଗୋଦାମରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

# ରୁଦ୍ରାଣୀ ଯୁବକ ସଂଘ ଗୃହ ଉଦ୍‌ଘାଟିତ

ସାକ୍ଷୀଗୋପାଳ, ୧୨।୩(ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ପେଣ୍ଠପଡ଼ା ପଞ୍ଚାୟତର ସାନକାଞ୍ଜିଆସ୍ଥିତ ରୁଦ୍ରାଣୀ ଯୁବକ ସଂଘର ତୃତୀୟ ମହଲା ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ ନୂତନ ଗୃହର ଶୁଭ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ସମିତିସଭ୍ୟ ଦୀପକ ଶତପଥୀ, ବାଉରୀବନ୍ଧୁ ସ୍ୱାଇଁ, ତ୍ରିଲୋଚନ ରଥ, ଉମେଶ ପ୍ରଧାନ, ପ୍ରତାପ କୁମାର ବେହେରା, ରୁଦ୍ରାଣୀ ଯୁବକ ସଂଘ ସଭାପତି ସମ୍ବିତ ପ୍ରଧାନ, ସମ୍ପାଦକ ବିଶ୍ୱଜିତ ପ୍ରଧାନ ପ୍ରମୁଖଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ବୁଣାସାହି ଠାରୁ ଗ୍ରାମ ଶ୍ମଶାନ ପର୍ଯ୍ୟନ୍ତ ଗୋଡ଼ି ସିମେଣ୍ଟ ଢଳେଇ ରାସ୍ତା ନିର୍ମାଣ ପାଇଁ ବିଧାୟକ ମିଶ୍ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୨।୩।୨୦୨୬

| | |
|---|---|
| ୪,୩୭,୩୩୫ ଟଙ୍କା | |
| ସୁନା | ୧.୩୦୦ ଗ୍ରାମ୍ |
| ରୁପା | ୧୭ ଗ୍ରାମ୍ |

# ସଂସ୍କୃତି, ପରମ୍ପରାର ପରିଚୟ ବହନ କରେ ମହୋତ୍ସବ


ବାର୍ଷିକ ଦୋଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ ।

କାକଟପୁର/ଅସ୍ତରଙ୍ଗ, ୧୨।୩ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

**ତୃତୀୟ ବାର୍ଷିକ ଦୋଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

କାକଟପୁର ତହସିଲ ଛକ ମେଳଣ ପଡ଼ିଆରେ ଚାଲିଥିବା କାକଟପୁର ଦୋଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଗୋଟିପୁଅ, ବାଜାଜଣାଲ, ସୁଗମ ସଙ୍ଗୀତ ଓ କ୍ରିଷ୍ଣା ରାଉତ ଓ ଗ୍ରୁପ କମେଡି ସହ କଳାକାରଙ୍କ ସଙ୍ଗୀତ ଓ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ଏହି ଅବସରରେ ତୃତୀୟ ବାର୍ଷିକ ଦୋଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅଭ୍ୟର୍ଥନା କମିଟି ସମ୍ପାଦକ ପ୍ରତାପ ଚନ୍ଦ୍ର ପରିଡ଼ାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ, ମୁଖ୍ୟବକ୍ତା ଭାବେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ଈଶ୍ୱର ଚନ୍ଦ୍ର ବେହେରା, ଉମାଶଙ୍କର ଆଚାର୍ଯ୍ୟ, ରଘୁନାଥ ମହାପାତ୍ର, ସରୋଜ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଯେଉଁ କଳା ସଂସ୍କୃତି ଗର୍ବିତ କରିଛି ତାକୁ ଭୁଲିବା ଉଚିତ ନୁହେଁ ବୋଲି କହିଥିଲେ। ମୁଖ୍ୟବକ୍ତା ସିନେ ଅଭିନେତା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ କହିଛନ୍ତି, ସଂସ୍କୃତି, ପରମ୍ପରାର ପରିଚୟ ବହନ କରେ ମହୋତ୍ସବ। ଲୁକ୍କାୟିତ ପ୍ରତିଭା କିପରି ଆଗକୁ ଆସିପାରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କଡ଼ାକଡ଼ି କରାଯାଇଥିଲା।

### ୫ ବରିଷ୍ଠ ନାଗରିକ ଜିଲାସ୍ତରରେ ସମ୍ମାନିତ

ଯୋଗେଶ୍ୱରପୁର, ୧୨।୩(ରଶ୍ମିରଞ୍ଜନ ସାହୁ)

ପୁରୀ ଜିଲା ସିନିୟର୍ ସିଟିଜେନ ଫୋରମ୍‌ର ସପ୍ତମ ବାର୍ଷିକ ଉତ୍ସବ ପୁରୀ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋପ ବ୍ଲକ ନୟାହାଟ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ୫ଜଣ ସଦସ୍ୟଙ୍କୁ ଜିଲା ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଦେବାଶିଷ ଦାସ ସମ୍ମାନିତ କରିଥିଲେ। ସେମାନେ ହେଲେ ମନୁ ବିଶ୍ୱାଳ, ହରିହର ସ୍ୱାଇଁ, ବେଣୁ ସ୍ୱାଇଁ, ନଟବର ସେଠୀ ଓ କୃଷ୍ଣଚନ୍ଦ୍ର ଖଟୋଇ। ଏଥିରେ ପୁରୀ ଜିଲା ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଭ୍ୟ କୃଷ୍ଣଚନ୍ଦ୍ର ବାରିକ, କରୁଣାକର ପାତ୍ର ପ୍ରମୁଖ ଉକ୍ତ ଉତ୍ସବରେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଦୀର୍ଘାୟୁ କାମନା କରିଥିଲେ।

### ବାଙ୍ଗିରିପୋଷିରେ ଲାଗିଲା ଶାଗୁଆନ ଗଛ

ପୁରୀ, ୧୨।୩(ଅଜିତ୍ କୁମାର ମହାନ୍ତି)

ମୟୂରଭଞ୍ଜର ବାଙ୍ଗିରିପୋଷିସ୍ଥ ଲକ୍ଷ୍ମୀକାନ୍ତ ଦାଶ ମହାବିଦ୍ୟାଳୟ ଓ ବିନୋଦିନୀ ପଟ୍ଟନାୟକ ବିଦ୍ୟାଳୟ ପରିସରରେ ଓଡ଼ିଶା ଯୁବ ଚେତନା ସଂଗଠନ, ନିର୍ମାଲ୍ୟ, ମିଶନ ଓଡ଼ିଶା ଓ ଭକ୍ତି ନିର୍ମାଲ୍ୟ ସଂଗଠନର ମିଳିତ ସହଯୋଗରେ ଶାଗୁଆନ ଗଛ ଲଗାଯାଇଛି। ପରିବେଶପ୍ରେମୀ ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଙ୍ଗିରିପୋଷି ଜଙ୍ଗଲ ବିଭାଗର କର୍ମଚାରୀ, ରୁଷ୍‌ଫେରନ୍ତା ଡାକ୍ତର ଜ୍ୟୋତି ଦାସ, ଓଡ଼ିଶା ବନ ଉନ୍ନୟନ ନିଗମର ସୁରେନ୍ଦ୍ର ଦାସ, ସୁଲୋଚନା ମିଶ୍ର, ରଶ୍ମିରଞ୍ଜନ ଦାଶ, ଜ୍ୟୋତି ପ୍ରକାଶ ମହାପାତ୍ର, ରାଜେନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଆଗାମୀ ବର୍ଷାଋତୁରେ ମୟୂରଭଞ୍ଜ ନଦୀ ଅବବାହିକାରେ ବ୍ୟାପକ ବୃକ୍ଷରୋପଣ କରାଯିବ ବୋଲି ପ୍ରକୃତିପ୍ରେମୀ ଡ. ବିଶ୍ୱନାଥ ମିଶ୍ର ଜଣାଇଛନ୍ତି।

# ଯୁବକଙ୍କୁ ଭଙ୍ଗା ବୋତଲରେ ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

ବଳଙ୍ଗା, ୧୨।୩(କେଦାରେଶ୍ୱର ନନ୍ଦ)

ବଳଙ୍ଗା ପଞ୍ଚଦୋଳ ମେଳଣ ଉପଲକ୍ଷେ ଚାଲିଥିବା ବାଣ ପ୍ରତିଯୋଗିତାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଭଙ୍ଗା ବୋତଲରେ ହତ୍ୟା ଉଦ୍ୟମ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ନଂ.୮୩/୨୬ରେ ଏକ ମାମଲା ରୁଜୁ ହୋଇ ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫକରି ଗୁରୁବାର କୋର୍ଟଚାଲାଣ କରାଯାଇଛି। ପୋଲିସ ଏହି ଘଟଣାରେ ଭଙ୍ଗା ବୋତଲ ସହ ଗୋଟିଏ ଛୁରି ଅଭିଯୁକ୍ତଙ୍କଠାରୁ ଜବତ କରିଛି। ଗିରଫ ଅଭିଯୁକ୍ତ ଉକ୍ତ ଥାନା ଚକବଳଙ୍ଗା ଗ୍ରାମର ରାକେଶ ବେହେରା ଓ ବିଜୁ ବେହେରା ବୋଲି ପୋଲିସ ସୂଚନା ଦେଇଛି।

ଚକବଳଙ୍ଗା ଗ୍ରାମର ରଜନୀ ଖଟୁଆଙ୍କ ପତ୍ନୀ ପ୍ରିୟତମା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ରାତିରେ ବଳଙ୍ଗା ମେଳଣପଡ଼ିଆରେ ବାଣ ପ୍ରତିଯୋଗିତା ହେଉଥିବାରୁ ପ୍ରିୟତମାଙ୍କ ପୁଅ ନିରଞ୍ଜନ ସାଙ୍ଗ ଆଲୋକ ଦଳେଇଙ୍କ ସହ ବାଣ ଦେଖିବାକୁ ଯାଇଥିଲେ। ପୂର୍ବ ଆକ୍ରୋଶକୁ ନେଇ ସେଠାରେ ରାକେଶ, ବିଜୁ ନିରଞ୍ଜନ ଓ ଆଲୋକଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ଏନେଇ ନିରଞ୍ଜନ ତାଙ୍କ ସମ୍ପର୍କୀୟ ଭାଇ ମହାଦେବ ବରାଳଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଖବରପାଇ ମହାଦେବ ଘଟଣାସ୍ଥଳରେ ପହଞ୍ଚି ରାକେଶ ଓ ବିଜୁଙ୍କୁ ପ୍ରତିବାଦ କରିଥିଲେ। ହଠାତ୍ ବିଜୁ ଉତ୍ତ୍ୟକ୍ତ ହୋଇ ହାତରେ ଧରିଥିବା ଏକ ବୋତଲ ଭାଙ୍ଗି ମହାବୀରଙ୍କ ପେଟକୁ ଭୁସି ଦେଇଥିଲେ। ମହାବୀର ପିନ୍ଧିଥିବା ଜିନ୍ସ ପ୍ୟାଣ୍ଟରେ ଥିବା ବେଲ୍ଟ ଯୋଗୁ କୌଣସି କ୍ଷତି ହୋଇ ନ ଥିଲା। ପରେ ଲୋକମାନେ ଭିଡ଼ ଜମାଇବା ଦେଖି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ।

# ଆୟୁର୍ବେଦ ସ୍ୱାସ୍ଥ୍ୟ ପରାମର୍ଶ, ନିଃଶୁଳ୍କ ଚିକିତ୍ସା

ପୁରୀ, ୧୨।୩(ଅଜିତ୍ କୁମାର ମହାନ୍ତି)

'ସମ୍ପର୍କ' ପକ୍ଷରୁ ଏକ ଆୟୁର୍ବେଦ ସ୍ୱାସ୍ଥ୍ୟ ପରାମର୍ଶ ଓ ନିଃଶୁଳ୍କ ଚିକିତ୍ସା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମହିଳାଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଯଥା ସ୍ତ୍ରୀ ରୋଗ, ସନ୍ଧି ଓ ସ୍ନାୟୁ ଯନ୍ତ୍ରଣା, ତ୍ୱଚା ସମସ୍ୟା, ପାଚନତନ୍ତ୍ର ସମସ୍ୟା, ରକ୍ତଚାପ ଓ ମଧୁମେହ ସମେତ ବିଭିନ୍ନ ରୋଗ ପାଇଁ ଆୟୁର୍ବେଦିକ ପରାମର୍ଶ ଓ ଔଷଧ ପ୍ରଦାନ କରାଯାଇଥିଲା। ଅଭିଜ୍ଞ ଆୟୁର୍ବେଦ ଚିକିତ୍ସକ ପ୍ରଫେସର ସୁଦେଷ୍ଣା ମେହେର, ଡା. ଜସ୍ମିତା ପ୍ରିୟଦର୍ଶିନୀ ଓ ଡା. ଶିବାନୀ ଦାସ ଯୋଗଦେଇ ରୋଗୀଙ୍କର ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଚିକିତ୍ସା ପରାମର୍ଶ ଦେଇଥିଲେ। ଶିବିରରେ ସ୍ଥାନୀୟ ଅଞ୍ଚଳର ୧୫୦ରୁ ଅଧିକ ମହିଳା ଯୋଗ ଦେଇଥିଲେ। ଏହି ଅବସରରେ ସମ୍ପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ କହିଛନ୍ତି, ସମାଜରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ସହିତ ପାରମ୍ପରିକ ଚିକିତ୍ସା ପ୍ରଣାଳୀ ପ୍ରତି ଲୋକଙ୍କର ଆସ୍ଥା ବଢ଼ାଇବା ପାଇଁ ସମ୍ପର୍କ ପକ୍ଷରୁ ସମୟୋପଯୋଗୀ ଭାବେ ଏପରି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଉଛି। ଶିବିରର ଉଦ୍‌ଘାଟକ ଭାବେ ସିଡିପିଓ ବିନୋଦିନୀ ତ୍ରିପାଠୀ, ରୋଜାଲିନ ମିଶ୍ର, ରଞ୍ଜିତା ପାଢ଼ୀ, ସରକାରୀ ଅଧିବକ୍ତା ସ୍ୱଦେଷ୍ଣା ପଣ୍ଡା ଓ ଡା. ସୋନାଲିକା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପର୍ଯ୍ୟଟକ ଆକ୍ରମଣ ହୋଇଥିବା ଭିଡିଓ ଭାଇରାଲ

ପୁରୀ, ୧୨।୩(ଅଜିତ୍ କୁମାର ମହାନ୍ତି)

ସ୍ୱର୍ଗଦ୍ୱାର ଠାରେ ବୁଧବାର ବିଳମ୍ବିତ ରାତିରେ ପର୍ଯ୍ୟଟକମାନେ ଆକ୍ରମଣର ଶିକାର ହୋଇଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନେ ପର୍ଯ୍ୟଟକଙ୍କୁ ଏକ ଲୁହା ପାଇପ୍‌ରେ ଆକ୍ରମଣ କରୁଥିବାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା ଦେଖିବାକୁ ମିଳିଛି। ଆକ୍ରମଣର ଶିକାର ହୋଇଥିବା ପର୍ଯ୍ୟଟକ ପଶ୍ଚିମବଙ୍ଗର ଆନନ୍ଦ ସାହୁ ଓ ତାଙ୍କ ସାଥୀ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଆନନ୍ଦ ଓ ତାଙ୍କ ସାଥୀଙ୍କ ସହ ପୁରୀ ବୁଲିବାକୁ ଆସିଥିଲେ। ବିଳମ୍ବିତ ରାତିରେ ସେମାନଙ୍କୁ ସ୍ୱର୍ଗଦ୍ୱାର ଠାରେ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରିଥିଲେ। ସେମାନଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ଆନନ୍ଦ ଆକୁଳ ନିବେଦନ କରୁଥିବା ଭିଡିଓରେ ଦେଖିବାକୁ ମିଳିଛି। ଖବରପାଇ ପିସିଆର ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିଲା। ଚିକିତ୍ସା ପାଇଁ ସେମାନଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ।

### ରମେଶ ପ୍ରହରାଜ ପୁରୀ ନଗର ବିଜେଡି ସଭାପତି

ପୁରୀ, ୧୨।୩(ଅଜିତ୍ କୁମାର ମହାନ୍ତି)

ଆଗକୁ ରାଜ୍ୟସଭା ନିର୍ବାଚନ ଥିବାବେଳେ ବିଜେଡି ପକ୍ଷରୁ ପୁରୀ ମ୍ୟୁନିସ୍‌ପାଲିଟିର ନଗର ସଭାପତି ନାମ ଘୋଷଣା କରାଯାଇଛି। ପୁରୀ ପୌରାଞ୍ଚଳର ନଗର ସଭାପତି ଭାବେ ରମେଶ ପ୍ରହରାଜଙ୍କ ନାମ ବିଜେଡିର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଘୋଷଣା କରାଯାଇଛି। ନାମ ଘୋଷଣା ପରେ ପ୍ରହରାଜ ସୋସିଆଲ ମିଡିଆରେ ପୋଷ୍ଟ କରି କହିଛନ୍ତି, ପୁରୀ ବିଜେଡି ନଗର ସଭାପତି ଦାୟିତ୍ୱ ମୋତେ ଦେଇଥିବା ମୁଁ ଦଳର ସଭାପତି ନବୀନ ପଟ୍ଟନାୟକ ଏବଂ ପୁରୀ ବିଧାୟକ ସୁନୀଲ ମହାନ୍ତିଙ୍କୁ କୃତଜ୍ଞତା ଜ୍ଞାପନ କରୁଛି।

# ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣରେ ଅନିୟମିତତା ଅଭିଯୋଗ

ବ୍ରହ୍ମଗିରି, ୧୨।୩(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ବ୍ଲକ ରେବଣା ନୂଆଗାଁରେ ନିର୍ମିତ ହେଉଥିବା ବାତ୍ୟା ଆଶ୍ରୟସ୍ଥଳ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ଗ୍ରାମବାସୀ ବିରୋଧ କରିବା ସହିତ କାମ ବନ୍ଦକରି ବିଭାଗୀୟ ଅଧିକାରୀ ଓ ବ୍ରହ୍ମଗିରି ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଆରଡ଼ିବିଭାଗ ତରଫରୁ ରେବଣା ନୂଆଗାଁରେ ଏକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଉଛି। ଏହି କାର୍ଯ୍ୟରେ ସମ୍ପୃକ୍ତ ଠିକାସଂସ୍ଥା ନଷ୍ଟ ହୋଇଯାଇଥିବା ସିମେଣ୍ଟକୁ ବ୍ୟବହାର କରି କାମ କରୁଥିବା ଗ୍ରାମବାସୀ ଦେଖି ବିରୋଧ କରିବା ସହିତ କାମ ବନ୍ଦ କରିଥିଲେ। ଏଥିସହ ଏହି କାର୍ଯ୍ୟରେ ନିମ୍ନମାନର ରଡ୍, ବାଲି ଗୋଡ଼ି ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। ଏହି ନିର୍ମାଣ କାର୍ଯ୍ୟ ତଦାରଖ କରୁଥିବା ବିଭାଗୀୟ ଅଧିକାରୀ କାର୍ଯ୍ୟର ମାନ ଯାଞ୍ଚ କରୁ ନ ଥିବା ଅଭିଯୋଗ କରିଛନ୍ତି। ସଂପୃକ୍ତ ଠିକାଦାର ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ନିମ୍ନମାନର ଓ ସରକାରଙ୍କ ନିୟମ ଅନୁଯାୟୀ ବାଲି ସିମେଣ୍ଟ ବ୍ୟବହାର ନ କରି ମନମୁଖି କାର୍ଯ୍ୟ କରୁଥିବାରୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫଳରେ ଗୁରୁବାର ଉକ୍ତ କାମକୁ ଗ୍ରାମବାସୀ ବନ୍ଦ କରିବା ସହିତ ବ୍ରହ୍ମଗିରି ବିଡିଓ ଓ ଆରଡ଼ି ବିଭାଗକୁ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଜ୍ୟୋତି ପ୍ରକାଶ ସାମଲ କହିଛନ୍ତି, ଅଭିଯୋଗ ପରେ ମୁଁ ଉକ୍ତ କାମ ବନ୍ଦ କରିବା ସହିତ ସମ୍ପୃକ୍ତ ଜେଇଙ୍କ ସହ ଯୋଗାଯୋଗ କରୁଛି। ତଦନ୍ତ ପରେ କାର୍ଯ୍ୟ ଆରମ୍ଭ ହେବ।

# ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର

ପୁରୀ, ୧୨।୩(ଅଜିତ୍ କୁମାର ମହାନ୍ତି)

ପ୍ରଶ୍ନପତ୍ର ବନାନ ତ୍ରୁଟି, ଜାତିଆଣ ଆକ୍ଷେପ ଓ ପ୍ରଶ୍ନପତ୍ର କାଟିବା, ଷ୍ଟାପଲିଂ କରିବା ଆଦି ପ୍ରସଙ୍ଗକୁ ନେଇ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇଛି।

ସଂଘ ପକ୍ଷରୁ ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି, ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷାଦାନ ତଥା ପରୀକ୍ଷା ପରିଚାଳନା କରିବା ନିମନ୍ତେ ଅନେକ କିଛି ଯୋଜନା କରାଯାଇଛି। ଜିଲାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପରୀକ୍ଷାରେ ଅନେକ ବିଭ୍ରାଟ ଦେଖିବାକୁ ମିଳୁଛି, ଯାହା ପ୍ରାଥମିକ ଶିକ୍ଷକଙ୍କୁ ଅଧିକ ଚାପଗ୍ରସ୍ତ କରାଉଛି। ପରୀକ୍ଷା ନିମନ୍ତେ ଯେଉଁ ପ୍ରଶ୍ନପତ୍ର ଯୋଗାଇ ଦିଆଯାଉଛି, ତାହା କଟାଯାଇନାହିଁ କି ଷ୍ଟାପଲିଂ କରାଯାଉ ନାହିଁ। ବିଭିନ୍ନ ବିଷୟ ପ୍ରଶ୍ନପତ୍ର ଅସଜଡ଼ା ହୋଇରହୁଛି। ପ୍ରାଥମିକ ବିଦ୍ୟାଳୟର ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବାରୁ ବିଷୟଗୁଡ଼ିକ ସାରିବାକୁ କଷ୍ଟସାଧ୍ୟ ହେଉଛି। ସେହିପରି ପରୀକ୍ଷା ପୂର୍ବରୁ ଶିକ୍ଷକମାନଙ୍କୁ ବିଭିନ୍ନ ତାଲିମରେ ନିୟୋଜିତ କରାଯାଉଥିବା ହେତୁ ଶିକ୍ଷାଦାନ ଠିକ ଭାବରେ ହୋଇପାରୁ ନାହିଁ। ଶିକ୍ଷକଙ୍କୁ ପ୍ରଶ୍ନପତ୍ର କାଟିବା, ଷ୍ଟାପଲିଂ ଓ ସଜାଡ଼ିବା ଦାୟିତ୍ୱ ଦିଆଯାଉଛି, ଯାହା ସମସ୍ୟା ସୃଷ୍ଟି କରୁଛି। ପ୍ରଶ୍ନପତ୍ର ପ୍ରସ୍ତୁତ କରୁଥିବା ସଂସ୍ଥା କାହିଁକି ପ୍ରଶ୍ନପତ୍ର କାଟିବା, ଷ୍ଟାପଲିଂ ଓ ସଜାଡୁନାହାନ୍ତି ବୋଲି ସଂଘ ପ୍ରଶ୍ନ କରିଛି। ଜିଲା ସମ୍ପାଦକ ସୁଧାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା, ଶିକ୍ଷକ ନେତା ଶିବ ପ୍ରସାଦ ମହାପାତ୍ରଙ୍କ ସହ ଏକ ପ୍ରତିନିଧି ମଣ୍ଡଳୀ ଶିକ୍ଷାଧିକାରୀଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବା ସହ ଘଟଣା ପାଇଁ ଦାୟୀ ଥିବା ସଂସ୍ଥା ଓ ଅଧିକାରୀଙ୍କୁ ନିଲମ୍ବନ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସଂଘ ଦାବି କରିଛି।

# ସୂଚନା ଅଧିକାର ଆଇନ ଏକ ଯୁଗାନ୍ତକାରୀ ପଦକ୍ଷେପ

ପୁରୀ, ୧୨।୩(ଅଜିତ୍ କୁମାର ମହାନ୍ତି)

ସୂଚନା ଅଧିକାର ଆଇନ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହାଦ୍ୱାରା ସାଧାରଣ ଲୋକ ଅନେକ ସୁଫଳ ପାଉଥିବା ବେଳେ ଅଧିକାରୀ ବା କର୍ମଚାରୀଙ୍କୁ କର୍ମତତ୍ପର କରାଇପାରିଛି ବୋଲି କହିଛନ୍ତି ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ। ଗୁରୁବାର ଅପରାହ୍ନରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସୂଚନା ଅଧିକାର ଆଇନ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଧ୍ୟକ୍ଷ ଡ. ଦ୍ୱିବେଦୀ ୨୦୦୫ରେ ସୂଚନା ଅଧିକାର ଆଇନ ପ୍ରଣୟନ ହେବା ପରେ ସମାଜରେ ବ୍ୟାପକ ପରିବର୍ତ୍ତନ ଆସିଛି ବୋଲି କହିଥିଲେ।


କାର୍ଯ୍ୟକ୍ରମରେ ଏସ୍‌ସିଏସ୍ କଲେଜର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀଙ୍କ ସମେତ ଅନ୍ୟମାନେ ।

ଅନ୍ୟମାନଙ୍କ ମଧ୍ୟରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଜନସୂଚନା ଅଧିକାରୀ ସୂର୍ଯ୍ୟକାନ୍ତ ସ୍ୱାଇଁ, ସହକାରୀ ଜନସୂଚନା ଅଧିକାରୀ ଡ. ସ୍ନିଗ୍ଧା ସୁହାଗିନୀ ପ୍ରମୁଖ ଯୋଗଦେଇ ସୂଚନା ଅଧିକାରର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଅନୁପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କର୍ମଶାଳାକୁ ପରିଚାଳନା କରିବା ସହ ଏହି ଆଇନ ଭଲ କାମ କରୁଥିବା କର୍ମଚାରୀଙ୍କ ପାଇଁ ଯେତିକି ଆନନ୍ଦଦାୟକ ଅନିୟମିତତା ବା ଦୁର୍ନୀତି କରୁଥିବା କର୍ମଚାରୀଙ୍କ ପାଇଁ ତତୋଽଧିକ ଭୟ ପ୍ରଦାନକାରୀ। ଯଦି ନିଜ କାମକୁ ନିୟମ ଅନୁସାରେ ଜଣେ ସଠିକ ଭାବେ ନିର୍ବାହ କରୁଛନ୍ତି, ତଥ୍ୟ ଠିକ୍ ଭାବେ ଦେଇ ପାରୁଛନ୍ତି, ତେବେ ଏ ଆଇନ ଦ୍ୱାରା ତାଙ୍କର କିଛି କ୍ଷତି ହେବ ନାହିଁ। ମାଷ୍ଟର୍ ଟ୍ରେନର ସଂଗ୍ରାମ କେଶରୀ ପୃଷ୍ଟି, ହରିହର ମହାନ୍ତି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ଇଂଲିଶ୍ ଓ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ।

**ମା' ଅନନ୍ତ କୁମାରୀ ପୀଠରେ ଯଜ୍ଞୋତ୍ସବ ଉଦ୍‌ଯାପିତ**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ଗ୍ରାମପଞ୍ଚାୟତ ମହୁରା ଗ୍ରାମରେ ମା' ଅନନ୍ତ କୁମାରୀଙ୍କ ପୀଠରେ ୪ ଦିନ ବ୍ୟାପୀ ଯଜ୍ଞୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଛି। ମହୁରା, ବମ୍ଫୁରି ଗ୍ରାମର ଭକ୍ତଙ୍କ ଅକୁଣ୍ଠ ସହଯୋଗରେ ୧୧ତମ ଧାର୍ମିକ ଅନୁଷ୍ଠାନରେ ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ପୂର୍ଣ୍ଣାହୁତିରେ ଯୋଗଦେଇଥିଲେ। କର୍ତ୍ତା ଭାବେ ସସ୍ମିତା ସାହୁ ଓ କର୍ତ୍ତା ଭାବେ ସିଦ୍ଧେଶ୍ୱର ସାହୁ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ପୂଜକ ପ୍ରତାପ ମିଶ୍ର, ଶଙ୍କର୍ଷଣ ସାମନ୍ତରାୟ, ଆଦିତ୍ୟ ଚୌଧୁରୀ, ମଦନ ଭୋଇ, ନିରଞ୍ଜନ ସାମଲ, ପ୍ରଶାନ୍ତ ଭୋଇ, ସରପଞ୍ଚ ତ୍ରିଲୋଚନ ପାତ୍ର, ପ୍ରଭାକର ବେହେରା ସହଯୋଗ କରିଥିଲେ।

## ସଂକ୍ଷେପରେ

### ୱାକର୍ସ କ୍ଲବ୍ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

କଟକ,୧୨।୩(କୁମାରଶ୍ରୀ)

ୱାକର୍ସ କ୍ଲବ ନବନିର୍ବାଚିତ କର୍ମକର୍ତ୍ତା ଶପଥ ଗ୍ରହଣ କରିଛନ୍ତି। ୱାକର୍ସ ଇଣ୍ଟରନ୍ୟାଶନାଲ ଡିଷ୍ଟ୍ରିକ୍ଟ ୧୦୪ର ଜିଲା ଗଭର୍ନର ରାଜକିଶୋର ସ୍ୱାଇଁ ଶପଥ ପାଠ କରାଇଥିଲେ। କାର୍ଯ୍ୟକାରୀ ମଣ୍ଡଳ ସଭାପତି ପ୍ରଫେସର ଡ. ଜୟନ୍ତ କୁମାର ପଣ୍ଡା, ଉପସଭାପତି ଡ. ବିଶ୍ୱରଞ୍ଜନ ମିଶ୍ର, ପ୍ରଫୁଲ୍ଲ କୁମାର ସାହୁ, ସମ୍ପାଦକ ପ୍ରିୟରଞ୍ଜନ ମହାପାତ୍ର, ଯୁଗ୍ମ ସମ୍ପାଦକ ଡ. ସରୋଜ କୁମାର ସ୍ୱାଇଁ, ଡ. ଓଁକାର ରାଉତ, ସହ ସମ୍ପାଦକ କୃତ୍ତିବାସ ପଣ୍ଡା, ପ୍ରଶାନ୍ତ କୁମାର କାନୁନ୍‌ଗୋ, ଜଲି ୱାକର ରାକେଶ ଶତପଥୀ, ରଞ୍ଜନ ଦାସ, କୋଷାଧ୍ୟକ୍ଷ ବନମାଳୀ ଶୁକ୍ଳଙ୍କ ସମେତ ଉପଦେଷ୍ଟା ମଣ୍ଡଳୀ ଶପଥ ଗ୍ରହଣ କରିଥିଲେ। ବରିଷ୍ଠ ସଦସ୍ୟ ଶ୍ୟାମ ସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।

### ନୀଳଚକ୍ର ପକ୍ଷରୁ ଓଡ଼ିଆ ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ

କଟକ,୧୨।୩(କୁମାରଶ୍ରୀ)

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ସୁରକ୍ଷା ଅନୁଷ୍ଠାନ 'ନୀଳଚକ୍ର' ପକ୍ଷରୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ଅନୁଷ୍ଠାନର ପିଠାପୁରସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାନେତ୍ରୀ ନମିତା ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ନିରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶାସ୍ତ୍ରୀୟ ଭାଷାର ସୁରକ୍ଷା, ସମୃଦ୍ଧି ପାଇଁ ଆହ୍ୱାନ ଦେଇଥିଲେ। ଡ. ଭାବଗ୍ରାହୀ ରାଉତ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଶାସ୍ତ୍ରୀୟ ମାନ୍ୟତା ଭାଷାର ମହନୀୟତା ଏବଂ ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ରମାକାନ୍ତ ମହାପାତ୍ର ସଭା ସଂଯୋଜନା କରିଥିଲେ। ନୀଳଚକ୍ର ମର୍କତନଗର ସଭାପତି ମୁରଲୀଧର ଶତପଥୀ ଅନୁଷ୍ଠାନର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ପଣ୍ଡାଙ୍କ ସ୍ତୁତିଚାରଣ କରିଥିଲେ। ମୁଖ୍ୟ ସଂଯୋଜକ ଡ. ନୀଳାଦ୍ରୀ ପଣ୍ଡା ଅନୁଷ୍ଠାନର ଆଗାମୀ କାର୍ଯ୍ୟକ୍ରମ ଉପରେ ବିବରଣୀ ପ୍ରଦାନ କରିଥିଲେ। ଉପସଭାପତି ରଞ୍ଜନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ସୁଦର୍ଶନ ମହାବିଦ୍ୟାଳୟରେ ରେଡ୍‌କ୍ରସ୍ ୟୁନିଟ୍ ଉଦ୍‌ଘାଟିତ

କଟକ ସଦର,୧୨।୩(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ସୁଦର୍ଶନ ମହାବିଦ୍ୟାଳୟରେ ଗୁରୁବାର ରେଡ୍‌କ୍ରସ୍ ୟୁନିଟର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଗଣେଶ୍ୱର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ୪୨ ମୌଜା ଥାନା ଅଧିକାରୀ ହେମନ୍ତ କୁମାର ସେଠୀ ଯୋଗଦେଇ ସଡ଼କ ସୁରକ୍ଷାରେ ଛାତ୍ରୀଛାତ୍ରମାନେ ସଚେତନ ହେବା ପାଇଁ କହିଥିଲେ। ମୁଖ୍ୟ ଅତିଥି ସାମାଜିକ କାର୍ଯ୍ୟକର୍ତ୍ତା ପ୍ରଦୀପ କୁମାର ମହାନ୍ତି ପିଲାମାନେ ସେବାକୁ ଆପଣେଇବାକୁ କହିଥିଲେ। ରେଡ୍‌କ୍ରସ୍ କାଉନସିଲର ଡ. ସଂଘମିତ୍ରା ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଛାତ୍ରୀ ପୂଜା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ବିଜ୍ଞାନୀ ମଣିଷ, ପୃଥିବୀର ଭବିଷ୍ୟତ ଶୀର୍ଷକ ଆଲୋଚନାଚକ୍ର

ଫୁଲନଖରା,୧୨।୩(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ତେଲେଙ୍ଗାପେଣ୍ଠସ୍ଥିତ ଅଗ୍ରଣୀ ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ' କାର୍ଯ୍ୟାଳୟରେ ବିଜ୍ଞାନୀ ମଣିଷ ଓ ପୃଥିବୀର ଭବିଷ୍ୟତ ଶୀର୍ଷକ ଆଧ୍ୟାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପତ୍ରିକାର ମୁଖ୍ୟ ସମ୍ପାଦକ ଡ. ଶରତ କୁମାର ରଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଆଧ୍ୟାତ୍ମିକ ଗ୍ରନ୍ଥକାର ତଥା ପ୍ରବକ୍ତା ଶ୍ରୀସନ୍ନ୍ୟାସୀ ଜୀ, ବ୍ରହ୍ମଚାରୀ ମାନସ ଚୈତନ୍ୟ ଜୀ ମହାରାଜ, ସ୍ୱାମୀ ରାମେଶ୍ୱରାନନ୍ଦ ଜୀ ମହାରାଜ, ବାବାଜୀ ଅମିନ ବୈଷ୍ଣବ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଯେଉଁ ସୁନ୍ଦର ପୃଥିବୀକୁ ପରମାତ୍ମା ମଣିଷକୁ ଉପହାର ଦେଇଥିଲେ। ମଣିଷ ଏବେଠୁ ନ ଚେତିଲେ ଭବିଷ୍ୟତରେ ପୃଥିବୀ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ଚେତାଇ ଦେଇଥିଲେ। ପତ୍ରିକାର ପରିଚାଳନା ସମ୍ପାଦକ ଇଂ. ବିପ୍ଳବ ଦାସ ସ୍ୱାଗତ ଭାଷଣ ଏବଂ ପ୍ରସାର ଅଧିକାରୀ ଡ. ଆରତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଏସ୍‌ସିବି ନନ୍‌ଟ୍ରମା କାଜୁଆଲଟି ୨୦ ମିନିଟ୍ ଅନ୍ଧାର

କଟକ,୧୨।୩(ଶିଳ୍ପା ପ୍ରିୟଦର୍ଶିନୀ)



## ଠିକ୍ ସମୟରେ ଚାଲିଲାନି ଡିଜି

ଏସ୍‌ସିବି ନନ୍‌ଟ୍ରମା କାଜୁଆଲଟିରେ ଗୁରୁବାର ସକାଳେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି। ପ୍ରାୟ ୨୦ ମିନିଟ୍ ସମୟ ଧରି ଟ୍ରମା କାଜୁଆଲଟି ଅନ୍ଧାର ହୋଇଯାଇଥିଲା। ଫଳରେ କାଜୁଆଲଟିରେ ଡାକ୍ତର ଅନ୍ଧାରରେ ରୋଗୀ ଦେଖିଥିଲେ ଏବଂ ଅନ୍ଧାର ହେବା ଯୋଗୁ ଗୁରୁତର ରୋଗୀଙ୍କ ଚିକିତ୍ସାରେ ବାଧା ହୋଇଥିଲା। ତେବେ ଠିକ୍ ସମୟରେ ଡିଜି କାମ କରି ନ ଥିବାରୁ ଏଭଳି ସମସ୍ୟା ହୋଇଥିବା ଜଣାପଡ଼ିଛି। ହେଲେ ସବୁଠୁ ବଡ଼ କଥା ହେଉଛି ଯେ କାଜୁଆଲଟି ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବିଦ୍ୟୁତ୍ କାଟ୍ ସମୟରେ ବିକଳ୍ପ କିଭଳି ବ୍ୟବସ୍ଥା କରାଯାଉ ନାହିଁ। ଯଦିଓ କରାଯାଇଛି ତେବେ ଏହାକୁ ଠିକ୍ ଭାବେ କାର୍ଯ୍ୟକାରୀ କାହିଁ କରାଯାଉ ନାହିଁ। ତେବେ ଏଭଳି ବିଦ୍ୟୁତ୍ ସମସ୍ୟା ଉପୁଜିଥିବା ବେଳେ ଏସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷ ମଧ୍ୟ ଅବଗତ ନ ଥିବା ଜଣାପଡ଼ିଛି। ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକ କହିଛନ୍ତି, କାଜୁଆଲଟି ଅନ୍ଧାର ହେବା ବିଷୟରେ ଅବଗତ ନାହିଁ, ଯଦିଓ ଏଭଳି କିଛି ହୋଇଛି ତେବେ ଏନେଇ ପଚରାଉଚରା କରାଯିବ ବୋଲି ସେ କହିଛନ୍ତି। ଘଟଣାକ୍ରମେ, ଏସ୍‌ସିବିର ଆନାଟୋମି ବିଭାଗ ନିକଟରେ ଥିବା ନନ୍‌ଟ୍ରମା କାଜୁଆଲଟିକୁ ସାପ କାମୁଡ଼ା, ବିଷପିଇ ଦେଇଥିବା ଆଦି ବିଭିନ୍ନ ପ୍ରକାରର ଗୁରୁତର ରୋଗୀ ଚିକିତ୍ସା ନିମେନ୍ତ ଆସିଥାନ୍ତି। ଏଠାରେ ରୋଗୀଙ୍କ ପାଇଁ ଶଯ୍ୟାର ବ୍ୟବସ୍ଥା କରାଯାଇଛି ଏବଂ ପ୍ରାଥମିକ ଚିକିତ୍ସା ପରେ ଅନ୍ୟ ବିଭାଗକୁ ରୋଗୀଙ୍କୁ ପଠାଯାଇଥାଏ। କାଜୁଆଲ ବେଶ୍ ଗୁରୁତ୍ୱ ବହନ କରୁଥିବାବେଳେ ଏଠାରେ ବିଦ୍ୟୁତ୍ କାଟ୍ ହେବାରୁ ଡାକ୍ତର କକ୍ଷ ସମେତ ସମସ୍ତ ସ୍ଥାନ ଅନ୍ଧାର ହୋଇଯାଇଥିଲା। ବିଦ୍ୟୁତ୍ କାଟ୍ ହେବାର ବହୁ ସମୟ ପରେ ଏଠାକୁ ସଂଯୋଗ କରୁଥିବା ଡିଜି ଚାଲିବାରୁ ବିଦ୍ୟୁତ୍ ସଂଯୋଗ ହୋଇଥିଲା।

# ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ



ଓଜେପିଟି ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

## ଓଜେପିଟି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

କଟକ,୧୨।୩(କୁମାରଶ୍ରୀ)

ଓଡ଼ିଶା ଯୁବ ପ୍ରଶିକ୍ଷଣ ଟ୍ରଷ୍ଟ (ଓଜେପିଟି) ପକ୍ଷରୁ ଟାଉନ ହଲରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାଳିକାମାନଙ୍କ ପାଇଁ ଚିତ୍ରାଙ୍କନ, ରଚନା ଲେଖନ, ହେୟାର ଏଣ୍ଡ ମେକଅପ୍, ନେଲ୍ ଆର୍ଟ, ମେହେନ୍ଦି ଓ ମିଲେଟ୍ ରେସିପି ବିଭିନ୍ନ ପ୍ରତିଯୋଗିତାରେ ଯୁବ ପ୍ରତିଭା ଓ ଛାତ୍ରୀମାନଙ୍କ ଉତ୍ସାହଭରା ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଡ. ଚିଦାତ୍ମିକା ଖଟୁଆ, ନମ୍ରତା ଚଢ଼ା, ସ୍ୱୀକୃତି ପଟ୍ଟନାୟକ ଓ ସୁଚିସ୍ମିତା ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରେରଣାଦାୟକ ଉଦ୍‌ବୋଧନ ଦେଇଥିଲେ। ସେମାନେ ଶିକ୍ଷା, ଆତ୍ମନିର୍ଭରତା ଓ ସମାନ ସୁଯୋଗ ମାଧ୍ୟମରେ ମହିଳା ସଶକ୍ତୀକରଣର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ମହିଳା ସଶକ୍ତୀକରଣ ବିଷୟରେ ଆୟୋଜିତ ଏକ ପ୍ୟାନେଲ୍ ଆଲୋଚନାରେ ସମାଜ, ପ୍ରତିଷ୍ଠାନ ଓ ଯୁବପିଢ଼ିର ଭୂମିକାକୁ ଉଲ୍ଲେଖ କରାଯାଇଥିଲା। ଏହି ଅବସରରେ ଯୁବ ଉଦୀୟମାନ ପ୍ରତିଭା ଓ ସଫଳତା ଅର୍ଜନ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା। ଓଜେପିଟିର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ସ୍ୱାଇଁ ଓ ଉପାଧ୍ୟକ୍ଷା ମନୋରମା ଦେଇ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ମହିଳାମାନଙ୍କୁ ତାଙ୍କର କୌଶଳ ନେତୃତ୍ୱ ଓ ବିକାଶ କ୍ଷେତ୍ରରେ ଏପରି ଏକ ସୁଯୋଗ ସୃଷ୍ଟି କରିବାର ଅବସରକୁ ପ୍ରସଂଶା କରିଥିଲେ।

# ସଚେତନ ରହିଲେ ରୋଗଠୁ ଦୂରେଇହେବ



ବିଶ୍ୱ ବୃକ୍କ ଦିବସ ପାଳନ ଅବସରରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

କଟକ,୧୨।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ନେଫ୍ରୋଲୋଜି ଓ ରେନୋଲ ଟ୍ରାନ୍ସପ୍ଲାଣ୍ଟେଶନ ବିଭାଗ ପକ୍ଷରୁ ବିଶ୍ୱ ବୃକକ ଦିବସ ପାଳିତ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଏକ ସଚେତନତା ମାରାଥାନ ରାଲି କରାଯାଇଥିଲା। ପରେ ଏସସିବି ପୁରୁଣା ଅଡିଟୋରିୟମରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ନେଫ୍ରୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ବିବେକାନନ୍ଦ କରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନେଫ୍ରୋଲୋଜି ବିଶେଷଜ୍ଞ ପ୍ରଫେସର ଡା. ଏସି. ମହାକୁଡ଼, ମୁଖ୍ୟ ବକ୍ତା ଭାବେ ପ୍ରଫେସର ଡା. ସମୀର କୁମାର ସ୍ୱାଇଁ, ଡା. ବିଭୂତି ଭୂଷଣ ନାୟକ, ଡା. ସରୋଜ କୁମାର ତ୍ରିପାଠୀ ଏବଂ ଡା. ବିବେକାନନ୍ଦ କର ଯୋଗଦେଇଥିଲେ। ଚିକିତ୍ସା କ୍ଷେତ୍ରରେ ଏସ୍‌ସିବର ନେଫ୍ରୋଲୋଜି ଏବଂ ରେନୋଲ୍ ଟ୍ରାନ୍ସପ୍ଲାଣ୍ଟେଶନ ବିଭାଗ ଏକ ମାଇଲଖୁଣ୍ଟ ସଦୃଶ। ରୋଗର ଠିକ୍ ସମୟରେ ଚିକିତ୍ସା କରାଇବା ସହ ସଚେତନତା ଦିଗରେ ଅଧିକ ଦୃଷ୍ଟି ଦିଆଗଲେ ଏଥିରୁ ଦୂରେଇ ରହିହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମେଡିକାଲର ଡାକ୍ତର ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ୨୪ରୁ ବାସନ୍ତୀ ଦୁର୍ଗା ପୂଜା, ୨୯ରେ ଭସାଣି

କଟକ,୧୨।୩(କୁମାରଶ୍ରୀ)

ଚଳିତବର୍ଷ ବାସନ୍ତୀ ଦୁର୍ଗାପୂଜା ଆସନ୍ତା ୨୪ ମହାଷଷ୍ଠୀରୁ ଆରମ୍ଭ ହୋଇ ୨୯ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଗୁରୁବାର ମଙ୍ଗଳାବାଗସ୍ଥିତ ମୋହନ ମଣ୍ଡପରେ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ଆୟୋଜିତ ପୂର୍ଣ୍ଣାଙ୍ଗ କାର୍ଯ୍ୟକାରୀ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସଭାପତି ଦେବେନ୍ଦ୍ରନାଥ ସାହୁ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକ ଆରମ୍ଭରେ ଦିବଂଗତ ସଦସ୍ୟ ତଥା ଉପଦେଷ୍ଟା ରାମଚନ୍ଦ୍ର ବେହେରା, ଯୁଗ୍ମସମ୍ପାଦକ ସୁବାଶିଷ କର ଓ ପୂର୍ବତନ କୋଷାଧ୍ୟକ୍ଷ କେଦାରନାଥ ବେହେରାଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ଭିକାରୀ ଦାସ ଉପସ୍ଥିତ ଥିଲେ। ବାସନ୍ତୀ ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ସଫଳ କରିବା ପାଇଁ ବିଡାନାସୀ ବାସନ୍ତୀ ଦୁର୍ଗାପୂଜା କମିଟି ସଭାପତି ପ୍ରଭାକର ସାସମଲଙ୍କ ନିମନ୍ତ୍ରଣକ୍ରମେ ମାର୍ଚ୍ଚ ୧୯ (ଗୁରୁବାର) ସନ୍ଧ୍ୟାରେ ବିଡାନାସୀ ବଉଳ ଛକଠାରେ ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହେବ ବୋଲି ଘୋଷଣା ହୋଇଥିଲା। ଏଥିରେ କଟକ ମହାନଗର ପୂଜା କମିଟି ସମ୍ପାଦକଙ୍କ ସମେତ ସମସ୍ତ ନିର୍ବାଚିତ ଲୋକ ପ୍ରତିନିଧି, ରାଜନୈତିକ ଦଳର ନେତୃବୃନ୍ଦ, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଓ କଟକ ମହାନଗର ନିଗମର ଉଚ୍ଚ ପଦାଧିକାରୀ, ସମସ୍ତ ବାସନ୍ତୀ ମଣ୍ଡପର ସଭାପତି ଓ ସମ୍ପାଦକ ଏବଂ ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିଣୀ ସଦସ୍ୟମାନେ ଯୋଗ ଦେବାପାଇଁ ନିବେଦନ କରାଯାଇଛି। ବୈଠକରେ ପ୍ରଦୀପ ସିହ୍ନା, ନୃସିଂହ ଚୌଧୁରୀ, ନରେଶ ସାହୁ, ଆଇନଜୀବୀ ନଳିନୀ ସେନାପତି, ମନୋରଞ୍ଜନ ସାହୁ, ରବୀନ୍ଦ୍ର ବେହେରା, ରଣଜିତ କେଶରୀ ଦାସ, ଜୟଦେବ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ଶିବେନ୍ଦ୍ର ହାତୀ ଧନ୍ୟବାଦ ଅର୍ପଣ ଦେଇଥିଲେ।

# ଅସହାୟ ରୋଗୀଙ୍କ ସେବାରେ ଆଇନଜୀବୀ ଅଭିଜିତ



ଏସ୍‌ସିବିରେ ଆହତଙ୍କୁ ଭେଟୁଛନ୍ତି ଅଭିଜିତ ଦାଶ।

- ୧୫ ବର୍ଷ ହେବ ନିଃସ୍ୱାର୍ଥରେ କରୁଛନ୍ତି ରୋଗୀସେବା
- ଏସ୍‌ସିବିରେ ଅସହାୟ ରୋଗୀଙ୍କ ସାଥୀ

କଟକ,୧୨।୩(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି) ରାଜ୍ୟର ସର୍ବବୃହତ ଚିକିତ୍ସାଳୟ। ଏଠାରେ ଅନେକ ଡାକ୍ତର, ନର୍ସ, ଆଟେଣ୍ଡାଣ୍ଟଙ୍କ ଭିଡ଼ ମଧ୍ୟରେ ବାରି ହୋଇପଡ଼ନ୍ତି ଅଭିଜିତ ଦାଶ। ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂର ପାଠ୍ୟକ୍ରମରୁ ସ୍ନାତକ ହାସଲ କରିବା ପରେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରୁ ଏଏଲ୍‌ବି ପାଠ୍ୟକ୍ରମ ସାରି ଏବେ ଆଇନଜୀବୀ ଭାବେ କାର୍ଯ୍ୟରତ। ଜଗତ୍‌ସିଂହପୁର ଜିଲା ଚାଷୀଖଣ୍ଡ ଅଞ୍ଚଳର ମୂଳ ବାସିନ୍ଦା ଏବେ କଟକର ଅରୁଣୋଦୟ ନଗରରେ ବାସ କରୁଛନ୍ତି। କୈଳାଶ ନାଥ ଦାଶ ଓ ମାନସୀ ଦାଶଙ୍କ ଏକମାତ୍ର ପୁଅ ଅଭିଜିତ। କିଛିଦିନ ପୂର୍ବେ କଟକ ଖାନନଗର ଅଞ୍ଚଳର ଜଣେ ଯୁବକ ଆତ୍ମହତ୍ୟା ଉଦ୍ୟମ କରିଥିବାବେଳେ ତାଙ୍କୁ ଉଦ୍ଧାର କରି ଏସ୍‌ସିବିରେ ଚିକିତ୍ସା କରାଇଥିଲେ। କେବଳ ଏତିକି ନୁହେଁ ଆଜକୁ ୧୫ ବର୍ଷ ହେବ ଅଭିଜିତ ପ୍ରତ୍ୟେକ ଦିନ ଏସ୍‌ସିବିରେ ୫ ରୁ ୬ ଘଣ୍ଟା ଅସହାୟ ରୋଗୀଙ୍କ ସେବା କରି ଆସୁଛନ୍ତି। ଅଭିଜିତ ଇଞ୍ଜିନିୟରିଂ ପାଠ୍ୟକ୍ରମ ପୂର୍ବରୁ ହିଁ ରୋଗୀସେବାକୁ ଏକ ବ୍ରତ ଭଳି ମାନି ନେଇଥିଲେ। ଅଭିଜିତଙ୍କ ଏଭଳି ନିଃସ୍ୱାର୍ଥପର କାର୍ଯ୍ୟ ଯୋଗୁ ୨୦୨୦ରେ ଜିଲା ପ୍ରଶାସନ ପକ୍ଷରୁ ଶ୍ରେଷ୍ଠ ସମାଜସେବୀ ଭାବେ ପୁରସ୍କୃତ କରାଯାଇଥିଲା। ଏନେଇ ଅଭିଜିତ କୁହନ୍ତି, ପ୍ରତ୍ୟେକଟି ମଣିଷ ଭିତରେ ଈଶ୍ୱର ରହିଛନ୍ତି। ମନ୍ଦିରରେ ମୂର୍ତ୍ତି ପୂଜା କରିବା ଅପେକ୍ଷା ଅସହାୟଙ୍କୁ ସହଯୋଗର ହାତ ବଢ଼ାଇବାରେ ମୋତେ ସନ୍ତୁଷ୍ଟି ମିଳିଥାଏ। ୨୦୧୩ରେ କଲେଜ ସାରି ଘରକୁ ଫେରୁଥିବାବେଳେ ରାସ୍ତାରେ ଏକ ଦୁର୍ଘଟଣାରେ ଜଣେ ଆହତ ଛଟପଟ ହେଉଥିଲେ। ହେଲେ କେହି ତାଙ୍କୁ ସାହାଯ୍ୟ କରୁ ନ ଥିଲେ। ସେହି ସମୟରେ ତାଙ୍କୁ ଉଦ୍ଧାର କରି ଏସ୍‌ସିବିରେ ଚିକିତ୍ସା କରାଇଥିଲି। ସେବେଠାରୁ ଏଭଳି ରୋଗୀସେବା ପ୍ରତି ମୋର ଆଗ୍ରହ ବଢ଼ିଥିଲା ବୋଲି ସେ କହନ୍ତି।

# ଓପିଏସ୍‌ସି ପରୀକ୍ଷାରେ ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ପ୍ରାଥମିକତା ଦିଆଯାଉ

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଲା ଓଡ଼ିଶା ଡେଣ୍ଟାଲ ସର୍ଜନ, ଷ୍ଟୁଡେଣ୍ଟ କମିଟି

କଟକ,୧୨।୩(ଶିଳ୍ପା ପ୍ରିୟଦର୍ଶିନୀ)



ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଉଛନ୍ତି ଓଡ଼ିଶା ଡେଣ୍ଟାଲ ସର୍ଜନ, ଷ୍ଟୁଡେଣ୍ଟ କମିଟି।

ଓଡ଼ିଶା ଡେଣ୍ଟାଲ ସର୍ଜନ ଓ ଷ୍ଟୁଡେଣ୍ଟ କମିଟି ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗଙ୍କୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି)ର ସ୍ୱାସ୍ଥ୍ୟ ବିଭାଗ ନିଯୁକ୍ତି ପରୀକ୍ଷାରେ ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ପ୍ରାଥମିକତା ଦେବା ଓ ବାହାର ରାଜ୍ୟର ପ୍ରାର୍ଥୀଙ୍କ ଅଂଶଗ୍ରହଣ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା, ଓପିଏସ୍‌ସିର ନିଯୁକ୍ତି ପଞ୍ଜୀକରଣର ପାରା ନଂ-୯ରେ ଥିବା ଅନ୍ୟ ଏଲିଜିବିଲିଟି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବେ ହଟାଇ ଦିଆଯାଉ, ସମସ୍ତ ଅଣଓଡ଼ିଆ ଡାକ୍ତରମାନଙ୍କୁ ଆବେଦନ ପତ୍ରର ଶେଷ ତାରିଖ ଭିତରେ କିମ୍ବା ତିନି ମାସ ପୂର୍ବରୁ ଓଡ଼ିଆ ସାର୍ଟିଫିକେଟ ପ୍ରସ୍ତୁତ ରଖିବା ପାଇଁ ବାଧ୍ୟତାମୂଳକ କରାଯାଉ ବୋଲି ଉଲ୍ଲେଖ କରାଯାଇଛି। ଅନ୍ୟପଟେ ଉକ୍ତ ଦାବିପତ୍ରକୁ ଗ୍ରହଣ କରି ଏଦିଗରେ ପଦକ୍ଷେପ ନିଆଯିବା ନେଇ ମନ୍ତ୍ରୀ ମହାଲିଙ୍ଗ ପ୍ରତିଶ୍ରୁତି ଦେଇଥିବା କମିଟିର କନ୍‌ଭେନର ଡା. ସୁବ୍ରତ ସାମଲ ସୂଚନା ଦେଇଛନ୍ତି।

# ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ




କଟକ,୧୨।୩(କୁମାରଶ୍ରୀ)

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ସାମାଜିକ ଦାୟିତ୍ୱବୋଧତା କାର୍ଯ୍ୟକ୍ରମ ଅଂଶବିଶେଷ ଏହାର ତ୍ରିମ୍ପ ଶାଖା ସହଯୋଗରେ ପଦ୍ମିନୀ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲକୁ ଏକ ୱାଟର ଫିଲ୍ଟର ପ୍ରଦାନ କରାଯାଇଛି। ବ୍ୟାଙ୍କର କଟକ କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡଙ୍ଗୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ପ୍ରବନ୍ଧକ (ପିଏନଡି) ଚିନ୍ମୟ ବେହେରା, ଶାଖା ମୁଖ୍ୟ ଶୁଭାଶିଷ ପରିଡା, ତ୍ରିମ୍ପ ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳସଚିବ କୃଷ୍ଣ ପ୍ରସାଦ ପତି, ଡ. ପ୍ରକାଶ କୁମାର ହୋତା (ଭିସି), ନିର୍ଦ୍ଦେଶକ (ପ୍ରଶାସନ) ବଳରାମ କର, ପ୍ରଫେସର ଡ. ଚିତ୍ତପ୍ରସାଦ ଦାସ, ପଦ୍ମିନୀ କେୟାର ପରିଚାଳନା ନିର୍ଦ୍ଦେଶକ ନୀଳାଞ୍ଜନା ମୁଖାର୍ଜୀ, ଡା. ପି.କେ. ମିଶ୍ର, ଡା. ମନୋରଞ୍ଜନ ମଲ୍ଲିକ, ଆଶୁତୋଷ ଦ୍ୱିବେଦୀ, ସୁନୟା ମିଶ୍ର, ପ୍ରସନ୍ନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଡିଜେ ବାଜା ନିଷେଧ ପାଇଁ ନିଷ୍ପତ୍ତି

## ଖୁଣ୍ଟୁଣୀ ଅଶୋକାଷ୍ଟମୀ ଯାତ୍ରା ପାଇଁ ଗ୍ରାମ୍ୟ କମିଟିର ପ୍ରସ୍ତୁତି

- ପାରମ୍ପରିକ ବାଦ୍ୟ, ନୃତ୍ୟରେ ଗ୍ରାମ ପରିକ୍ରମା କରିବେ ଚନ୍ଦ୍ରଶେଖର

ଖୁଣ୍ଟୁଣୀ,୧୨।୩(ସଚ୍ଚିଦାନନ୍ଦ ପଣ୍ଡା)



ଅଶୋକାଷ୍ଟମୀ ଯାତ୍ରା ପାଇଁ ଗ୍ରାମ୍ୟ କମିଟିର ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଖୁଣ୍ଟୁଣୀ ଅଞ୍ଚଳର ପ୍ରସିଦ୍ଧ ଦୋଳଯାତ୍ରା ପର୍ବ ବାବା ଚନ୍ଦ୍ରଶେଖର ଅଶୋକାଷ୍ଟମୀ ଯାତ୍ରା ପାଇଁ ଗୁରୁବାର ସନ୍ଧ୍ୟାରେ ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମ୍ୟ କମିଟିର ପ୍ରସ୍ତୁତି ବୈଠକ ଟାଟା ମୋଟର୍ସ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ କମିଟି ସ୍ଥାୟୀ ସଭାପତି ମନୋଜ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଡିଜେ ସାଉଣ୍ଡକୁ ସମ୍ପୂର୍ଣ୍ଣ ନିଷେଧ ପାଇଁ ନିଷ୍ପତ୍ତି ନିଆଯାଇଛି। ପାରମ୍ପରିକ ବାଦ୍ୟ ନୃତ୍ୟବାଣ ଓ ଘୋଡାନାଚ ଏବଂ ଘଣ୍ଟ ଧ୍ୱନୀରେ ଠାକୁର ଗ୍ରାମ ପରିକ୍ରମା କରିବେ। ବାବା ଚନ୍ଦ୍ରଶେଖର, ଶ୍ରୀ ଲକ୍ଷ୍ମୀନାରାୟଣ ଦେବ ଓ ଶ୍ରୀରାମ ଚନ୍ଦ୍ରଦେବ ୩ ଠାକୁର ଅଶୋକାଷ୍ଟମୀ ଯାତ୍ରାରେ ସୁସଜ୍ଜିତ ବିମାନରେ ବିରାଟ ପଟୁଆରରେ ମହାଦେବଙ୍କ ମନ୍ଦିରରୁ ଅପରାହ୍ନ ୫ଟାରୁ ବାହାରି ଗ୍ରାମ ସାହି ବସ୍ତି ପରିକ୍ରମା କରି ରାତି ୧୦ଟା ମଧ୍ୟରେ ଯାତ୍ରା ପଡ଼ିଆରେ ଏକତ୍ରିତ ହେବେ। ତିନି ଠାକୁର ପହଞ୍ଚିବା ପରେ ସେଠାରେ ଅପେରା ଆରମ୍ଭ କରାଯିବ। ଯାତ୍ରା ଆସନ୍ତା ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସଭା ଆରମ୍ଭରେ ଗତବର୍ଷର ଆୟବ୍ୟୟ ହିସାବର ସମୀକ୍ଷା କରାଯାଇଥିଲା। ଏହା ଆଗାମୀ ଗ୍ରାମ ସଭା ବୈଠକରେ ସାଧାରଣରେ ଉନ୍ମୋଚିତ ହେବ। ଗ୍ରାମ ଭିତରେ ଓ ଯାତ୍ରା ପଡ଼ିଆରେ ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଗ୍ରାମ କମିଟି ସହିତ ଗ୍ରାମର କିଛି ଅଗ୍ରଣୀ ଯୁବ ଗୋଷ୍ଠୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପୋଲିସ ସହାୟତା ପାଇଁ ମଧ ପ୍ରଶାସନଠାରୁ ଅନୁମତି ଆଣିବା ସହିତ ଅତିଥିମାନଙ୍କୁ ସମ୍ମାନର ସହିତ ଆତିଥ୍ୟ ପ୍ରଦାନ ପାଇଁ ଗ୍ରାମ କମିଟି ନିଷ୍ପତ୍ତି ନେଇଛି। ଏହା ଚଳିତ ବର୍ଷର ଶେଷ ଯାତ୍ରା ହୋଇଥିବାରୁ ଏବଂ ଏକ ସାଙ୍ଗେ ଖୁଣ୍ଟୁଣୀ, ଗୁରୁଡିଝାଟିଆ ଓ ରାଧାଦାମୋଦରପୁର ଯାତ୍ରା ଶେଷ ହେଉଥିବାରୁ ବହୁ ଲୋକ ସମାଗମକୁ ଦୃଷ୍ଟିରେ ରଖି ବିଭିନ୍ନ ସହାୟତା କେନ୍ଦ୍ର ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ସରପଞ୍ଚ କୈଳାସ ଚନ୍ଦ୍ର ଦାସ, ବରିଷ୍ଠ ସଭ୍ୟ ସଚ୍ଚିଦାନନ୍ଦ ପଣ୍ଡା, କିଶୋର ସାମନ୍ତରାୟ, ଉପସଭାପତି ବିପିନ ବିହାରୀ ପ୍ରଧାନ, ସମ୍ପାଦକ ଦିଲୀପ ଶେଠ, ରଜନୀ କାନ୍ତ ଜେନା, ପ୍ରଶାନ୍ତ କୁମାର ପ୍ରଧାନ, ବିଜୟ ସାହୁ, ପ୍ରଦ୍ୟୁମ୍ନ ନାୟକ, ସୁଶାନ୍ତ ସାହୁ, ଯାତ୍ରା କମିଟି ପକ୍ଷରୁ ପରେଶ ସାହୁ, ରଙ୍ଗା ଦାସ, ତପନ ପ୍ରଧାନଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

# ୧୦ ବସ୍ତିର ୩୦୩ ପରିବାରକୁ ସୁଲଭ ଆବାସ ଗୃହ ମିଳିଲା

ଭୁବନେଶ୍ୱର, ୧୨।୩ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଗୁରୁବାର ସୁଲଭ ଆବାସ ଯୋଜନାରେ ଲଟେରି ମାଧ୍ୟମରେ ଗୃହ ଆବଣ୍ଟନ କରାଯାଇଛି। ଏହି କ୍ରମରେ ୧୦ରୁ ଅଧିକ ବସ୍ତିର ୩୦୩ଟି ପରିବାର ସହ ୨ଜଣ ଦିବ୍ୟାଙ୍ଗଙ୍କୁ ଗୃହ ଚାବି ହସ୍ତାନ୍ତର କରାଯାଇଛି। ସ୍ଥାନାନ୍ତର ହେବାକୁ ଥିବା ପରିବାରଗୁଡ଼ିକର ପ୍ରାଥମିକ ସର୍ଭେ କରାଯାଇଥିଲା। ସେହି ସର୍ଭେ ଫଳାଫଳକୁ ଆଧାର କରି ୩୦୩ଜଣ ହିତାଧିକାରୀଙ୍କୁ ଚନ୍ଦ୍ରଶେଖରପୁରସ୍ଥିତ ବୁଦ୍ଧ ବିହାର, ନୀଳମାଧବ ଏବଂ ସୁବୁଦ୍ଧିପୁର ଆବାସିକ ପ୍ରକଳ୍ପରେ ଗୃହ ପ୍ରଦାନ କରାଯାଇଛି। ଉଚ୍ଛେଦ ଏବଂ ପୁନର୍ବାସ ନିୟମ ଅନୁଯାୟୀ ସ୍ଥାନାନ୍ତର ସମୟରେ ପ୍ରଭାବିତ ପରିବାରଙ୍କୁ ମୌଳିକ ଜରୁରୀ ସହାୟତା ଯୋଗାଇଦେବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ ବୋଲି ବିଏମ୍ସି ପକ୍ଷରୁ ସୂଚନା ଦିଆଯାଇଛି। ବିଏମ୍ସି ମୁଖ୍ୟାଳୟରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଲଟେରି ମାଧ୍ୟମରେ ଗୃହ ଆବଣ୍ଟନ କରିଥିଲେ। ଭୁବନେଶ୍ୱର ସମେତ ସମଗ୍ର ଓଡ଼ିଶାକୁ ବସ୍ତି ମୁକ୍ତ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଭୁବନେଶ୍ୱରରେ ଗୃହ ନିର୍ମାଣ କରାଯାଉଛି ଏବଂ ସୁଲଭ ମୂଲ୍ୟରେ ଗୃହ ଯୋଗାଇ ଦେବାକୁ ଯୋଜନା ହୋଇଛି ବୋଲି ମନ୍ତ୍ରୀ ଡ. ମହାପାତ୍ର କହିଛନ୍ତି। ବିଏମ୍ସି କମିଶନର ଚଞ୍ଚଳ ରାଣା କହିଛନ୍ତି, କୌଣସି ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବାଦ ପଡିବେ ନାହିଁ କି ଅଯୋଗ୍ୟ ହିତାଧିକାରୀଙ୍କୁ ଗୃହ ପ୍ରଦାନ କରାଯିବ ନାହିଁ। କୌଣସି ହିତାଧିକାରୀ ଘର ଭଡ଼ାରେ ଦେବେ ନାହିଁ ବୋଲି କମିଶନର ସତର୍କ କରାଇବା ସହ ଲଟେରି ମାଧ୍ୟମରେ ଗୃହ ଆବଣ୍ଟନ କରି ସ୍ୱଚ୍ଛତା ରକ୍ଷା କରିବା ଏହାର ମୁଖ୍ୟ ଲକ୍ଷ୍ୟ। ଭୁବନେଶ୍ୱରରେ ନିଜର ସ୍ୱପ୍ନର ଘର ପାଇଥିବା ହିତାଧିକାରୀମାନଙ୍କୁ ମେୟର ସୁଲୋଚନା ଦାସ ଅଭିନନ୍ଦନ ଜଣାଇଥିଲେ। ଏକାମ୍ର ବିଧାୟକ ବାବୁ ସିଂ, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମସି କମିଶନର ଚଞ୍ଚଳ ରାଣା, ସ୍ଲମ ସେଟଲମେଣ୍ଟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମହାମାୟା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମେୟର ସୁଲୋଚନା ଦାସଙ୍କ ସହ ଅନ୍ୟ ଅତିଥିମାନେ ଲଟେରି ମାଧ୍ୟମରେ ଜଣେ ହିତାଧିକାରୀଙ୍କୁ ଗୃହ ଆବଣ୍ଟନ କରୁଛନ୍ତି।

## ସଂକ୍ଷେପରେ

### ରାଜମିସ୍ତ୍ରିଙ୍କ ଝୁଲନ୍ତା ମୃତଦେହ ଜବତ

ପୁରୁଣା ଭୁବନେଶ୍ୱର/ପିପିଲି, ୧୨।୩ (ସୁବାସ ଚନ୍ଦ୍ର ପ୍ରଧାନ/ଦୁର୍ଗାମାଧବ ମିଶ୍ର): କୌଶଲ୍ୟାଗଙ୍ଗ ଫାଣ୍ଡି ଅଧୀନ ଗୋବିନ୍ଦପୁର ଗ୍ରାମରୁ ଗୁରୁବାର ପୋଲିସ ଜଣେ ରାଜମିସ୍ତ୍ରିଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ଗଞ୍ଜାମ ଜିଲା କୋଦିନଡ଼ା ଥାନା ଅଧୀନ ହରିଡ଼ାପଦ ଗ୍ରାମର ରାଜମୋହନ ନାହକ(୩୨)। ସୂଚନା ମୁତାବକ, ଗୋବିନ୍ଦପୁର ଗ୍ରାମରେ ରାଜମୋହନ ଭଡ଼ାରେ ରହୁଥିଲେ। ସେ ରାଜମିସ୍ତ୍ରି ଭାବେ କାମ କରୁଥିବା ବେଳେ ତାଙ୍କ ସ୍ତ୍ରୀ ନିକଟ ଆପାର୍ଟମେଣ୍ଟରେ କାମକରି ଗୁଜରାଣ ମେଣ୍ଟାଉଥିଲେ। ଗୁରୁବାର ରାଜମୋହନଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏନେଇ ଫାଣ୍ଡି ଇନ୍ଚାର୍ଜ ଚିତ୍ତରଞ୍ଜନ ଦାସ କହିଛନ୍ତି ଯେ, ରାଜମୋହନଙ୍କ ସ୍ତ୍ରୀ ଏବଂ ତାଙ୍କ ଛୋଟପୁଅ ପାଖରେ ରହିଆସୁଥିବା ବେଳେ ସେମାନେ କେଉଁଆଡ଼େ ପଳାଇଛନ୍ତି। ଫଳରେ ମୃତକଙ୍କ ପରିବାର ସହ ଯୋଗାଯୋଗ କରିବାରେ ବିଳମ୍ବ ହୋଇଥିଲା। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଦାସ କହିଛନ୍ତି।

### ନୀଳକଣ୍ଠେଶ୍ୱର ମନ୍ଦିରରୁ ସାମଗ୍ରୀ, ଟଙ୍କା ଚୋରି

ବାଲିପାଟଣା, ୧୨।୩ (ଅଭିମନ୍ୟୁ ନାୟକ): ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ରାଜସ ଗ୍ରାମର ନୀଳକଣ୍ଠେଶ୍ୱର ମନ୍ଦିରରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ଠାକୁରଙ୍କ ଗରା, ଘଣ୍ଟ, ଘଣ୍ଟି, ତସଲା, ପିତଳ ଥାଳି, ଅନ୍ୟାନ୍ୟ ବାସନ ଏବଂ ଆଲମିରା ଭାଙ୍ଗି ୪୦ହଜାର ଟଙ୍କା ଲୁଟି ନେଇଛନ୍ତି। ଗୁରୁବାର ଏନେଇ ପୂଜକ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ଅଭିଯୋଗକ୍ରମେ ବାଲିପାଟଣା ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ବୁଧବାର ରାତିରେ ମନ୍ଦିରର ପୂଜକ ସୁବାସ କୁମାର ପଣ୍ଡା ପଖାଳ ଧୂପ ସାରି ମନ୍ଦିର ଫାଟକ ବନ୍ଦ କରି ଘରକୁ ଯାଇଥିଲେ। ଗୁରୁବାର ସକାଳେ ଶ୍ରଦ୍ଧାଳୁମାନେ ପୂଜା ପାଇଁ ମନ୍ଦିରକୁ ଆସିଥିବା ବେଳେ ମନ୍ଦିର ଫାଟକ ଖୋଲାଥିବା ଦେଖିଥିଲେ। ପରେ ପୂଜକ ମନ୍ଦିରରେ ପହଞ୍ଚି ଠାକୁରଙ୍କ ନୀତିକାନ୍ତିରେ ବ୍ୟବହୃତ ବାସନକୁସନ ଖୋଜି ପାଇନଥିଲେ। ଏଥିସହ ମନ୍ଦିର ଆଲମିରା ଭଙ୍ଗାଯାଇ ଟଙ୍କା ଚୋରି ହୋଇଥିବା ଜଣାପଡ଼ିଥିଲା।

### ବୋଖାରୀ ବାବାଙ୍କ ବାର୍ଷିକୋତ୍ସବ ଆଜି

ଖୋର୍ଦ୍ଧା, ୧୨।୩ (ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ଜିଲା କାଇପଦର ଗ୍ରାମ ସର୍ବଧର୍ମ ପୀଠ ବାବା ବୋଖାରୀ (ସତ୍ୟପୀର)ଙ୍କ ବାର୍ଷିକ ଉତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇ ୧୪ ତାରିଖରେ ସରିବ। ଏଥିରେ ଓଡ଼ିଶା ତଥା ବାହାର ରାଜ୍ୟର ଶ୍ରଦ୍ଧାଳୁମାନେ ପୀର ବାବାଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ସମାଗମ ହୋଇଥାଏ। ପୀର ବାବା କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ପରିଚାଳନା କମିଟିର ସଭାପତି ଏସ୍.କେ. ସନାଉଲ୍ଲା ସୂଚନା ଦେଇଛନ୍ତି।

### ଟାଙ୍ଗୀରେ ଜାଳେଣି ଗ୍ୟାସ୍ ଅଭାବ

ଟାଙ୍ଗୀ, ୧୨।୩ (ରଘୁନାଥ ସାହୁ): ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ହାଣ୍ଡିଶାଳ ଉପରେ ପଡ଼ିଛି। କିଛିଦିନ ତଳେ ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର ପିଛା ୬୦ ଟଙ୍କା ବଢ଼ିଥିବାବେଳେ ଆଗକୁ ଗ୍ୟାସ୍ ଅଭାବ ଆଶଙ୍କା ନେଇ ଲୋକଙ୍କ ମନରେ ଛନକା ପଶିଛି। ଗୋଟିଏପଟେ ଗ୍ୟାସ୍ ବୁକିଂ ଅବଧି ୨୫ ଦିନକୁ ବୃଦ୍ଧି ପାଇଥିବାବେଳେ ଅନ୍ୟପଟେ ବୁକିଂ ସତ୍ତ୍ୱେ ଠିକ୍ ସମୟରେ ମିଳୁ ନ ଥିବା ଅଭିଯୋଗ ହେଉଛି। ଫଳରେ ଟାଙ୍ଗୀ ଅଞ୍ଚଳର ବିଭିନ୍ନ ଗ୍ୟାସ୍ ଏଜେନ୍ସିରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଅନ୍ୟପଟେ ଉକ୍ତ ଅଞ୍ଚଳରେ ଥିବା ଏକ ଗ୍ୟାସ୍ ଡିପୋରେ ବୁକିଂ ସମୟ ୪୫ ଦିନ କରାଯାଇଥିବା ଦାୟିତ୍ୱରେ ଥିବା ଅଧିକାରୀମାନେ ଗ୍ରାହକଙ୍କୁ କହୁଥିବା ଅଭିଯୋଗ ହେଉଛି। ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ବେଧଡ଼କ ଭାବେ ଘରୋଇ ଗ୍ୟାସ୍ ବ୍ୟବହାର କରାଯାଉଛି। ଜିଲା ଏବଂ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ସହ ସରକାର ନିର୍ଦ୍ଧାରଣ କରିଥିବା ବୁକିଂ ସମୟ ଅନୁଯାୟୀ ଗ୍ରାହକଙ୍କୁ ଜାଳେଣି ଗ୍ୟାସ୍ ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

## କବି ଭକ୍ତଚରଣଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ଭୁବନେଶ୍ୱର, ୧୨।୩ (ସୌମ୍ୟରଞ୍ଜନ ରାଉତ): କବି ଭକ୍ତଚରଣ ସାଂସ୍କୃତିକ ପରିଷଦର ସାଧାରଣ ଅଧିବେଶନ ଡେଲ୍ଟା କଲୋନୀସ୍ଥିତ ମା' ଦୁର୍ଗାଦେଈ ମନ୍ଦିର ନିକଟ ପରିଷଦ କାର୍ଯ୍ୟାଳୟଠାରେ ପୂର୍ବତନ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ଉପଦେଷ୍ଟା ବସନ୍ତ କୁମାର ପାଇକରାୟ, ପୂର୍ବତନ ଟେଲିଫୋନ୍ ଅଫିସର ରାସବିହାରୀ ବେହେରା, କିଶୋର ସାହୁ, ଶ୍ରୀକାନ୍ତ ପଟ୍ଟନାୟକ, ଲକ୍ଷ୍ମୀଧର ଖଟେଇ, ପ୍ରଶାନ୍ତ ପ୍ରଧାନ, ଭରତ ସାହୁ, ରମେଶ ମହାପାତ୍ର, ସର୍ବେଶ୍ୱର ରାଉତରାୟ, କୈଳାସ ପ୍ରଧାନ, ପୀତବାସ ମାନସିଂ ପ୍ରମୁଖ ଯୋଗଦେଇ କବିଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଭୁବନେଶ୍ୱରରେ କବି ଭକ୍ତଚରଣଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। କବିଙ୍କ ମଥୁରାମଙ୍ଗଳ ବହିର ନୂତନ ସଙ୍କଳନ କରି ବହୁଳ ପ୍ରସାର ପ୍ରଚାର ପାଇଁ ରାଜ୍ୟ ସଂସ୍କୃତ ବିଭାଗକୁ ପ୍ରସ୍ତାବ ପଠାଯାଇଛି ବୋଲି ଉପଦେଷ୍ଟା ପାଇକରାୟ ପ୍ରକାଶ କରିଥିଲେ।

## ପ୍ରବାସୀ ପଶ୍ଚିମବଙ୍ଗ ଶ୍ରମିକଙ୍କ ଉପରେ ଆକ୍ରମଣ ବନ୍ଦ କରିବାକୁ ସିଟୁର ଆହ୍ୱାନ

ଭୁବନେଶ୍ୱର, ୧୨।୩ (ବନ୍ଦନା ସେଠୀ)

ଓଡ଼ିଶାରେ କାର୍ଯ୍ୟ କରୁଥିବା ପଶ୍ଚିମବଙ୍ଗ ସମେତ ବିଭିନ୍ନ ରାଜ୍ୟର ପ୍ରବାସୀ ଶ୍ରମିକଙ୍କ ଉପରେ ଧର୍ମୀୟ ସଂଘବଦ୍ଧ ଆକ୍ରମଣକୁ ନିନ୍ଦା କରିଛି ସିଆଇଟିୟୁ (ସିଟୁ) ଓଡିଶା ରାଜ୍ୟ କମିଟି। ପ୍ରତିବାଦରେ ପ୍ରବାଦୀ ଶ୍ରମିକଙ୍କ ଏକ ସମ୍ମିଳନୀ ଗୁରୁବାର ଉତ୍କଳମଣି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଡୋଶୀ ପଶ୍ଚିମବଙ୍ଗ, ବିହାର ଆଦି ରାଜ୍ୟର ବହୁ ଲୋକ ବର୍ଷ ବର୍ଷ ଧରି ଓଡ଼ିଶାରେ ନିର୍ମାଣ ଶିଳ୍ପ ଓ କୃଷି କ୍ଷେତ୍ରରେ ଶ୍ରମିକ ଭାବେ କାର୍ଯ୍ୟ କରିବା ସହ ଛୋଟ ବ୍ୟବସାୟ କରି ଆସୁଛନ୍ତି। ସେମାନେ ଓଡିଶା ଅର୍ଥନୀତିର ଉନ୍ନତିରେ ସହାୟକ ହେବ ଶହ ନିଜ ପରିବାର ଚଳାଉଛନ୍ତି। ମାତ୍ର ରାଜ୍ୟରେ ଭାଜପା ସରକାର ଆସିବା ପରେ ସେମାନଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି। ଆଧାର କାର୍ଡ ଚେକ୍ ନାମରେ ଗାଡି ଭାଙ୍ଗୁଛନ୍ତି, ଟଙ୍କା ପଇସା ଛଡାଇ ନେଇ ତୁରନ୍ତ ଓଡିଶା ଛାଡି ପଳାଇ ଯିବାକୁ ଧମକ ଦେଉଛନ୍ତି। ଏହି ଅକଥନୀୟ ଅତ୍ୟାଚାର ବେଆଇନ, ଅଗଣତାନ୍ତ୍ରିକ ବୋଲି ସିଟୁ ପକ୍ଷରୁ ଅଭିଯୋଗ କରାଯିବା ସହ ଏହାକୁ ବନ୍ଦ କରିବାକୁ ଆହ୍ୱାନ ଦିଆଯାଇଛି। ସିଟୁ ରାଜ୍ୟ କୋଷାଧକ୍ଷ ଉଲ୍ଲାସ ସ୍ୱାଇଁ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ମହାନ୍ତି, ପଶ୍ଚିମବଙ୍ଗ ସିଆଇଟିୟୁ ପରିଜାଇ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ କମ୍ରେଡ ଆଶାଦୁଲ୍ଲା, ରାଜ୍ୟ ସମ୍ପାଦକ ଏବଂ ପ୍ରବାସୀ ଶ୍ରମିକ ଶାଖା ନେତା ପ୍ରଦୀପ୍ତ ନାୟକ, ସତ୍ୟାନନ୍ଦ ବେହେରା, କ୍ଷତିଗ୍ରସ୍ତ ପ୍ରବାସୀ ଶ୍ରମିକ ନେତା ସେକ୍ ନସୀମ, ସେକ୍ ରହିମ, ମାନବାଧିକାର କର୍ମୀ ବାଘାମ୍ବର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସଂଖ୍ୟାଲଘୁ ନିରୀହ ଭାରତୀୟ ନାଗରିକଙ୍କ ଉପରେ ଅସମ୍ବିଧାନିକ ଅମାନୁଷିକ ଆକ୍ରମଣକୁ ଦୃଢ଼ ନିନ୍ଦା କରିଥିଲେ।



ଶ୍ରମିକ ସମ୍ମିଳନୀରେ ଯୋଗଦେଇଥିବା ସିଆଇଟିୟୁ କର୍ମକର୍ତ୍ତାମାନେ।

## ଓୟୁଟିଆରରେ ବିମାନ ମଡେଲ ନିର୍ମାଣ କର୍ମଶାଳା

ଭୁବନେଶ୍ୱର, ୧୨।୩ (ଅନୁରାଧା ମହାରଣା)

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର୍)ର ଯାନ୍ତ୍ରିକ ବିଜ୍ଞାନ ବିଭାଗ ପକ୍ଷରୁ ବିମାନ ଆକୃତି ନିର୍ମାଣ କର୍ମଶାଳା ଗୁରୁବାର ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଏହାକୁ ଉଦ୍ଘାଟନ କରିଥିବାବେଳେ ବୈଜ୍ଞାନିକ ଡା. ଏ. ପି. ଦାଶ ଓ ବୈଜ୍ଞାନିକ ଭଗତ ଅତିଥି ଭାବେ ଯୋଗଦେଇଥିଲେ। ଜାତୀୟ ପୁରସ୍କାରପ୍ରାପ୍ତ ବିଜ୍ଞାନ ପ୍ରଚାରକ ମାଧବ ଖାରେ ଓ ଡା. ସିଦ୍ଧାର୍ଥ ଖାରେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। କର୍ମଶାଳାରେ ଛାତ୍ରୀଛାତ୍ରଙ୍କୁ ବିମାନ ମଡେଲ ନିର୍ମାଣ ଓ ଉଡାଣ ପ୍ରକ୍ରିୟା ସମ୍ବନ୍ଧରେ ପ୍ରାୟୋଗିକ ହ୍ୟାଣ୍ଡସ-ଅନ ଟ୍ରେନିଂ ଦିଆଯାଉଛି। ଛାତ୍ରୀଛାତ୍ର ନିଜେ ବିମାନ ମଡେଲ ତିଆରି କରି ତାହାର ଉଡାଣ ପ୍ରକ୍ରିୟାକୁ ବୁଝିବାର ସୁଯୋଗ ପାଉଛନ୍ତି। ଏହା ତାଙ୍କର ପ୍ରାୟୋଗିକ କୌଶଳ ଓ ବୈଜ୍ଞାନିକ ଚିନ୍ତାଧାରାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

## ଜଗନ୍ନାଥ ନଗର ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ


ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା, କର୍ପୋରେଟର ସ୍ମୃତିଶିଖା ବରିସାଲଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୧୨।୩ (ସୌମ୍ୟରଞ୍ଜନ ରାଉତ)

ଜଗନ୍ନାଥ ନଗର ବରିଷ୍ଠ ନାଗରିକ ଉନ୍ନୟନ ସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବରିସାଲ ରେସିଡେନ୍ସି ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମଧ୍ୟ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା, ସମ୍ମାନିତ ଅତିଥି ଭାବେ ୱାର୍ଡ ନଂ.୧୯ର କର୍ପୋରେଟର ସ୍ମୃତିଶିଖା ବରିସାଲ ଓ ଅନ୍ୟତମ ଅତିଥି ଭାବେ ପ୍ରଦୀପ ବରିସାଲ୍, ସଂଘର କାର୍ଯ୍ୟକାରୀ ସଭାପତି ଗିରିଜାନନ୍ଦନ ମହାନ୍ତି ଓ ସାଧାରଣ ସମ୍ପାଦକ ରାଜ କିଶୋର ସାମନ୍ତରାୟ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ନ୍ୟାଯ୍ୟ ଅଧିକାର, ସରକାରଙ୍କ ଦାୟିତ୍ୱ ଏବଂ ସମାଧାନ ଉପରେ ଆଲୋକପାତ କରିଥିଲେ। ଏଥିସହ ଜଗନ୍ନାଥନଗର ମେନ୍ ରୋଡ଼କୁ ୨୨ରୁ ୪୦ ଫୁଟ ଓସାର କରିବା, ପାର୍କ ଓ କ୍ଲବ ଘର ନିର୍ମାଣ ସହ ଇ-ରିକ୍ସା ପ୍ରଚଳନ କରିବାକୁ ଦାବି କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ସହ କବିତା ପାଠ କରାଯାଇଥିଲା। ସଂଘ ସଭାପତି ନରେନ୍ଦ୍ର କୁମାର ଜେନା ସଭା ପରିଚାଳନା କରିଥିଲେ ଓ ଉପସଭାପତି ବାଳକୃଷ୍ଣ କର ଧନ୍ୟବାଦ ଅର୍ପଣ କରିଥିଲେ।


ବେଗୁନିଆ ବ୍ଲକ ସିକୋଠାରେ ମା'କାଳିଜାଇ ଦିବ୍ୟାଙ୍ଗ ଭଜନ ସମାରୋହ ପକ୍ଷରୁ ଅନୁଷ୍ଠିତ ଭଜନ କାର୍ଯ୍ୟକ୍ରମ।

## ସିକୋରେ ଦିବ୍ୟାଙ୍ଗଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ

ବେଗୁନିଆ, ୧୨।୩ (ସନ୍ଧ୍ୟାରାଣୀ ମିଶ୍ର)

ବାଲୁଗାଁ ଚକ୍ରଧରପୁରରେ ମା'କାଳିଜାଇ ଦିବ୍ୟାଙ୍ଗ ଭଜନ ସମାରୋହ ଅନୁଷ୍ଠାନ ରହିଛି। ଏହି ଅନୁଷ୍ଠାନର ସଦସ୍ୟମାନେ ବୁଧବାର ସନ୍ଧ୍ୟାରେ ବେଗୁନିଆ ବ୍ଲକ ସିକୋରେ ପହଞ୍ଚିଥିଲେ। ସେଠାରେ ଭଜନ ସମାରୋହ କରିବା ପାଇଁ ଚାହିଁଥିବାବେଳେ ସିକୋ ଗ୍ରାମର ସଞ୍ଜୟ କୁମାର ବାହୁବଳେନ୍ଦ୍ର ଗଣେଶ ବଜାରରେ ସେମାନଙ୍କର ସମସ୍ତ ବ୍ୟବସ୍ଥା କରି ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ମଧ୍ୟ ବୋଡକମା ସରପଞ୍ଚ ପ୍ରମୋଦ ଦଳେଇ ସହଯୋଗ କରିଥିଲେ। ପ୍ରଥମେ ଦିବ୍ୟାଙ୍ଗମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ପରେ ଦିବ୍ୟାଙ୍ଗମାନେ ଠାକୁରଙ୍କ ଭଜନ ଏବଂ ଜଣାଣ ଗାଇଥିଲେ, ଯାହାକି ଉପସ୍ଥିତ ଜନସାଧାରଣଙ୍କୁ ଆକୃଷ୍ଟ କରିଥିଲା।

## 'ମା' ମାଟି ମାତୃଭାଷା' ଆଲୋଚନାଚକ୍ର

ଭୁବନେଶ୍ୱର, ୧୨।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଝୁମୁକା ଫାଉଣ୍ଡେଶନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ବୁଧବାର ଗୀତଗୋବିନ୍ଦ ସଦନଠାରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ମା' ମାଟି ମାତୃଭାଷା' ଶୀର୍ଷକ ଆଲୋଚନଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ୍ ଅଧ୍ୟାପକ ବିଶ୍ୱରଞ୍ଜନ, ସ୍ତମ୍ଭକାର ଡ. ଗୌରହରି ଦାସ, ଶିକ୍ଷାବିତ୍ ଡ. ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ବିଜ୍ଞାନ ସାହିତ୍ୟ ସ୍ରଷ୍ଟା ଡ. ନରେନ୍ଦ୍ର ପ୍ରସାଦ ଦାସ, କବି ଚିରଶ୍ରୀ ଇନ୍ଦ୍ର ସିଂ ଏବଂ ସଂସ୍କୃତି ବିଭାଗର ପୂର୍ବତନ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ 'ଶାସ୍ତ୍ରୀୟ ଓଡ଼ିଆ ଭାଷାର ଭିତ୍ତି ଓ ଭବିଷ୍ୟ', 'ଶାସ୍ତ୍ରୀୟ ଓଡ଼ିଆ ଭାଷା: ଜ୍ଞାନ-ବିଜ୍ଞାନ, ପ୍ରଯୁକ୍ତି-ନିଯୁକ୍ତିର ଭାଷା' ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଝୁମୁକା ସମ୍ପାଦକ ମାନସ ରଞ୍ଜନ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିଳାଙ୍କ ସମ୍ମାନ, ସୁରକ୍ଷା, ପ୍ରଗତିକୁ ଗୁରୁତ୍ୱ

ଭୁବନେଶ୍ୱର, ୧୨।୩ (ସୌମ୍ୟରଞ୍ଜନ ରାଉତ)

ରୋଟାରୀ କ୍ଲବ ଭୁବନେଶ୍ୱର ଆଞ୍ଚୋଲା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଗୁରୁବାର ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରୋଟାରୀ ଜିଲା ୩୨୬୨ ପ୍ରାନ୍ତପାଳ ରୋଟାରିଆନ୍ ମନୋଜ କୁମାର ତ୍ରିପାଠୀ ଯୋଗଦେଇ ରୋଟାରୀ କ୍ଲବମାନେ କିଭଳି ସମାଜସେବାରେ ନିଜକୁ ବ୍ରତୀ କରିଛନ୍ତି ତାହା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ରୋଜାଲିନ ପାଟ୍ଟଶାଣୀ ମିଶ୍ର, ଡ. ପ୍ରତିଭା ମହାରଥୀ, ସାଧନା ମିଶ୍ର, ରତ୍ନପର୍ଣ୍ଣା ମହାନ୍ତି ପ୍ରମୁଖ ଯୋଗଦେଇ ମହିଳାଙ୍କ ସମ୍ମାନ, ସୁରକ୍ଷା, ପ୍ରଗତି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳ ହୋଇଥିବା ୧୦ଜଣ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ୨ଜଣ ବ୍ୟକ୍ତିଙ୍କୁ ହୁଇଲ୍ ଚେୟାର ଓ ସ୍ୱାବଲମ୍ବୀ ପାଇଁ ୨ ମହିଳାଙ୍କୁ ସିଲେଇ ମେସିନ ପ୍ରଦାନ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ରୋଟାରୀ ଡିଷ୍ଟ୍ରିକ୍ଟ-୩୨୬୨ର ନାରୀ ସଶକ୍ତୀକରଣ ଅଧ୍ୟକ୍ଷା ରୋଟାରିଆନ୍ ମମତା ବାଜପେୟୀ ଓ ସହ ଅଧ୍ୟକ୍ଷା ଅର୍ପିତା ମହାନ୍ତି ଯୋଗଥିଲେ। ରୋଟାରୀ କ୍ଲବ ଆଞ୍ଚୋଲା ସଭାପତି ରୋଟାରିଆନ ସୁରଭି ଦାଶ, ସମ୍ପାଦିକା ରୋଟାରିଆନ ଅମିତା ମିଶ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନାଓ ପକ୍ଷରୁ ମହିଳା ସମ୍ମିଳନୀ, ପ୍ରତିଯୋଗିତା

ଭୁବନେଶ୍ୱର, ୧୨।୩ (ସୌମ୍ୟରଞ୍ଜନ ରାଉତ)

ନ୍ୟାଶନାଲ ଆଲିଆନ୍ସ ଅଫ୍ ଓମେନ୍ (ନାଓ) ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଏକ ସମ୍ମିଳନୀ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଉଦ୍ଘାଟିତ ହୋଇଯାଇଛି। ଅତିଥି ଭାବେ ଭବାନୀପାଟଣାସ୍ଥିତ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ଡ. ନିବେଦିତା ନାଥ, ଅଜିମ୍ ପ୍ରେମଜୀ ଫାଉଣ୍ଡେଶନର ରାଜ୍ୟ ସଂଯୋଜକ ରାଜକିଶୋର ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ଡ଼. ସ୍ୱର୍ଣ୍ଣମୟୀ ତ୍ରିପାଠୀ ଯୋଗଦେଇଥିଲେ। ଏହି ଅବସରରେ ମହିଳା ଓ ମାନସିକ ସ୍ୱାସ୍ଥ୍ୟ ଓ ଜଳବାୟୁ ପରିବର୍ତ୍ତନ ହେତୁ ମହିଳାମାନଙ୍କ ଜୀବନ ଜୀବିକା ଉପରେ ପଡୁଥିବା ପ୍ରଭାବ ବିଷୟରେ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ଓଡ଼ିଶାର ୩୦ ଜିଲାରୁ ପ୍ରାୟ ୨ଶହ ଜଣ ମହିଳା ଯୋଗଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମହିଳାମାନେ ନୃତ୍ୟ ପରିବେଷଣ କରିବା ସହ ଦୌଡ଼କୁଦ ପ୍ରତିଯୋଗିତାରେ ଭାଗ ନେଇଥିଲେ।



ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମହିଳାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଏସ୍ସିବି ନନ୍‌ଟ୍ରମା କାଜୁଆଲଟି ୨୦ ମିନିଟ୍ ଅନ୍ଧାର

### ଠିକ୍ ସମୟରେ ଚାଲିଲାନି ଡିଜି

କଟକ, ୧୨।୩ (ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍ସିବି ନନ୍‌ଟ୍ରମା କାଜୁଆଲଟିରେ ଗୁରୁବାର ସକାଳେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି। ପ୍ରାୟ ୨୦ ମିନିଟ୍ ସମୟ ଧରି ଟ୍ରମା କାଜୁଆଲଟି ଅନ୍ଧାର ହୋଇଯାଇଥିଲା। ଫଳରେ କାଜୁଆଲଟିରେ ଡାକ୍ତର ଅନ୍ଧାରରେ ରୋଗୀ ଦେଖିଥିଲେ ଏବଂ ଅନ୍ଧାର ହେବା ଯୋଗୁ ଗୁରୁତର ରୋଗୀଙ୍କ ଚିକିତ୍ସାରେ ବାଧା ହୋଇଥିଲା। ତେବେ ଠିକ୍ ସମୟରେ ଡିଜି କାମ କରି ନ ଥିବାରୁ ଏଭଳି ସମସ୍ୟା ହୋଇଥିବା ଜଣାପଡ଼ିଛି। ହେଲେ ସବୁଠୁ ବଡ଼ କଥା ହେଉଛି ଯେ କାଜୁଆଲଟି ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବିଦ୍ୟୁତ୍ କାଟ୍ ସମୟରେ ବିକଳ୍ପ କିଭଳି ବ୍ୟବସ୍ଥା କରାଯାଉ ନାହିଁ। ଯଦିଓ କରାଯାଇଛି ତେବେ ଏହାକୁ ଠିକ୍ ଭାବେ କାର୍ଯ୍ୟକାରୀ କାହିଁ କରାଯାଉ ନାହିଁ। ତେବେ ଏଭଳି ବିଦ୍ୟୁତ୍ ସମସ୍ୟା ଉପୁଜିଥିବା ବେଳେ ଏସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷ ମଧ୍ୟ ଅବଗତ ନ ଥିବା ଜଣାପଡ଼ିଛି। ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକ କହିଛନ୍ତି, କାଜୁଆଲଟି ଅନ୍ଧାର ହେବା ବିଷୟରେ ଅବଗତ ନାହିଁ, ଯଦିଓ ଏଭଳି କିଛି ହୋଇଛି ତେବେ ଏନେଇ ପଚରାଉଚରା କରାଯିବ ବୋଲି ସେ କହିଛନ୍ତି। ଘଟଣାକ୍ରମେ, ଏସ୍ସିବିର ଆନାଟୋମି ବିଭାଗ ନିକଟରେ ଥିବା ନନ୍‌ଟ୍ରମା କାଜୁଆଲଟିକୁ ସାପ କାମୁଡ଼ା, ବିଷପିଇ ଦେଇଥିବା ଆଦି ବିଭିନ୍ନ ପ୍ରକାରର ଗୁରୁତର ରୋଗୀ ଚିକିତ୍ସା ନିମନ୍ତେ ଆସିଥାନ୍ତି। ଏଠାରେ ରୋଗୀଙ୍କ ପାଇଁ ଶଯ୍ୟାର ବ୍ୟବସ୍ଥା କରାଯାଇଛି ଏବଂ ପ୍ରାଥମିକ ଚିକିତ୍ସା ପରେ ଅନ୍ୟ ବିଭାଗକୁ ରୋଗୀଙ୍କୁ ପଠାଯାଇଥାଏ। କାଜୁଆଲ ବେଶ୍ ଗୁରୁତ୍ୱ ବହନ କରୁଥିବାବେଳେ ଏଠାରେ ବିଦ୍ୟୁତ୍ କାଟ୍ ହେବାରୁ ଡାକ୍ତର କକ୍ଷ ସମେତ ସମସ୍ତ ସ୍ଥାନ ଅନ୍ଧାର ହୋଇଯାଇଥିଲା। ବିଦ୍ୟୁତ୍ କାଟ୍ ହେବାର ବହୁ ସମୟ ପରେ ଏଠାକୁ ସଂଯୋଗ କରୁଥିବା ଡିଜି ଚାଲିବାରୁ ବିଦ୍ୟୁତ୍ ସଂଯୋଗ ହୋଇଥିଲା।



# ମୟୂରଭଞ୍ଜ ଜିଲାର ଉନ୍ନତି ଲାଗି ଭଞ୍ଜସେନାର ଦାବିପତ୍ର

ଭୁବନେଶ୍ୱର,୧୨।୩ (ସୌମ୍ୟରଞ୍ଜନ ରାଉତ)

ମୟୂରଭଞ୍ଜ ଜିଲାର ଉନ୍ନତି ପାଇଁ ଭଞ୍ଜସେନା ଅଣ୍ଟା ଭିଡ଼ିଛି। ଏହାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ କ୍ରମେ ବୁଧବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ଜିଲାର ସମସ୍ତ ବିଧାୟିକା ଓ ବିଧାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା, ଐତିହ୍ୟ ସ୍ଥଳୀର ପୁନରୁଦ୍ଧାର, ବନ୍ୟଜାତ ଦ୍ରବ୍ୟର ଉଚିତ ବ୍ୟବସାୟୀକରଣ ସହ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପକୁ ନେଇ କୁଟୀରଶିଳ୍ପ ମାଧ୍ୟମରେ ଜିଲାବାସୀଙ୍କ ସମ୍ମୁଖରେ ରୋଜଗାର ସୃଷ୍ଟି କରିବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଭଞ୍ଜସେନାର ଜିଲା କାର୍ଯ୍ୟକାରୀ ସଭାପତି ରବିନ ମହାନ୍ତି, ଜିଲା ଯୁବଶାଖା କାର୍ଯ୍ୟକାରୀ ସଭାପତି କିଷାନ କୁମାର ସାହୁ, ଜିଲା ଆଦିବାସୀ ଶାଖା ସାଧାରଣ ସମ୍ପାଦକ ସଞ୍ଜୟ ହାଁସ୍‌ଦା, ସେରଲ ମୁର୍ମୁ, ରବୀନ୍ଦ୍ର ମାରାଣ୍ଡି ପ୍ରମୁଖ ଏକ ପ୍ରତିନିଧି ଦଳ ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଇଥିଲେ।

# ୩୦୩ ପରିବାରକୁ ସୁଲଭ ଆବାସ ଗୃହ ଆବଣ୍ଟନ

ଭୁବନେଶ୍ୱର, ୧୨।୩ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଗୁରୁବାର ସୁଲଭ ଆବାସ ଯୋଜନାରେ ଲଟେରି ମାଧ୍ୟମରେ ଗୃହ ଆବଣ୍ଟନ କରାଯାଇଛି। ଏହି କ୍ରମରେ ୧୦ରୁ ଅଧିକ ବସ୍ତିର ୩୦୩ଟି ପରିବାର ସହ ୨ଜଣ ଦିବ୍ୟାଙ୍ଗଙ୍କୁ ଗୃହ ଚାବି ହସ୍ତାନ୍ତର କରାଯାଇଛି। ସ୍ଥାନାନ୍ତର ହେବାକୁ ଥିବା ପରିବାରଗୁଡ଼ିକର ପ୍ରାଥମିକ ସର୍ଭେ କରାଯାଇଥିଲା। ସେହି ସର୍ଭେ ଫଳାଫଳକୁ ଆଧାର କରି ୩୦୩ଜଣ ହିତାଧିକାରୀଙ୍କୁ ଚନ୍ଦ୍ରଶେଖରପୁରସ୍ଥିତ ବୁଦ୍ଧ ବିହାର, ନୀଳମାଧବ ଏବଂ ସୁବୁଦ୍ଧିପୁର ଆବାସିକ ପ୍ରକଳ୍ପରେ ଗୃହ ପ୍ରଦାନ କରାଯାଇଛି। ଉଚ୍ଛେଦ ଏବଂ ପୁନର୍ବାସ ନିୟମ ଅନୁଯାୟୀ ସ୍ଥାନାନ୍ତର ସମୟରେ ପ୍ରଭାବିତ ପରିବାରଙ୍କୁ ମୌଳିକ ଜରୁରୀ ସହାୟତା ଯୋଗାଇଦେବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।



ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମେୟର ସୁଲୋଚନା ଦାସଙ୍କ ସହ ଅନ୍ୟ ଅତିଥିମାନେ ଲଟେରି ମାଧ୍ୟମରେ ଜଣେ ହିତାଧିକାରୀଙ୍କୁ ଗୃହ ଆବଣ୍ଟନ କରୁଛନ୍ତି।

ବିଏମ୍‌ସି ମୁଖ୍ୟାଳୟରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଲଟେରି ମାଧ୍ୟମରେ ଗୃହ ଆବଣ୍ଟନ କରିଥିଲେ। ଭୁବନେଶ୍ୱର ସମେତ ସମଗ୍ର ଓଡିଶାକୁ ବସ୍ତି ମୁକ୍ତ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଭୁବନେଶ୍ୱରରେ ଗୃହ ନିର୍ମାଣ କରାଯାଉଛି ଏବଂ ସୁଲଭ ମୂଲ୍ୟରେ ଗୃହ ଯୋଗାଇ ଦେବାକୁ ଯୋଜନା ହୋଇଛି ବୋଲି ମନ୍ତ୍ରୀ ଡ. ମହାପାତ୍ର କହିଛନ୍ତି। ବିଏମ୍‌ସି କମିଶନର ଚଞ୍ଚଳ ରାଣା କହିଛନ୍ତି, କୌଣସି ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବାଦ ପଡିବେ ନାହିଁ କି ଅଯୋଗ୍ୟ ହିତାଧିକାରୀଙ୍କୁ ଗୃହ ପ୍ରଦାନ କରାଯିବ ନାହିଁ। କୌଣସି ହିତାଧିକାରୀ ଘର ଭଡ଼ାରେ ଦେବେ ନାହିଁ ବୋଲି କମିଶନର ସତର୍କ କରାଇବା ସହ ଲଟେରି ମାଧ୍ୟମରେ ଗୃହ ଆବଣ୍ଟନ କରି ସ୍ୱଚ୍ଛତା ରକ୍ଷା କରିବା ଏହାର ମୁଖ୍ୟ ଲକ୍ଷ୍ୟ। ଭୁବନେଶ୍ୱରରେ ନିଜର ସ୍ୱପ୍ନର ଘର ପାଇଥିବା ହିତାଧିକାରୀମାନଙ୍କୁ ମେୟର ସୁଲୋଚନା ଦାସ ଅଭିନନ୍ଦନ ଜଣାଇଥିଲେ। ଏକାମ୍ର ବିଧାୟକ ବାବୁ ସିଂ, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମସି କମିଶନର ଚଞ୍ଚଳ ରାଣା, ସ୍ଲମ ସେଟଲମେଣ୍ଟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମହାମାୟା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ମଣିଷତ୍ୱର କଥା କହିଲା 'ଶୁଣ ସୁଜନେ'



ଡାଇନାମିକ୍ ପ୍ଲାଟ୍‌ଫର୍ମର କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ 'ଶୁଣ ସୁଜନେ'ର ଏକ ଦୃଶ୍ୟ।

ଭୁବନେଶ୍ୱର,୧୨।୩(ସୌମ୍ୟରଞ୍ଜନ ରାଉତ)

## ପଞ୍ଚମବେଦର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଯାପିତ

ସମାଜରେ ପ୍ରତ୍ୟେକ ମଣିଷ ସମାନ ନୁହଁନ୍ତି। ହେଲେ ସେହି ମଣିଷମାନଙ୍କ ଭିତରେ ସବୁ ମଣିଷ ଯାହା ଦେଖାଯାଆନ୍ତି, ସେମାନେ ଯେ ସେଇଆ ତାହା ଭାବିବା ହୁଏତ ଭୁଲ୍। ବେଶ ପୋଷାକରୁ ମଣିଷକୁ ଚିହ୍ନିବା ସହଜ ନୁହେଁ। ବହୁ ସମୟରେ ଭଦ୍ରଲୋକ ଭଳି ବେଶ ପୋଷାକଧାରୀ ମଣିଷଙ୍କ ଭିତରେ ମଧ୍ୟ ସଇତାନ ଦେଖାଯାଆନ୍ତି। ଆଉ ଚେହେରାରେ ଗୁଣ୍ଡା, ସଇତାନ ଦେଖାଯାଉଥିବା ଲୋକଙ୍କ ଭିତରେ ମଧ୍ୟ ବେଳେବେଳେ ଭଲ ମଣିଷ ଲୁଚି ରହିଥିବା ଦେଖାଯାଏ। ମଣିଷ ସମାଜରେ ପ୍ରତିଦିନ ଘଟୁଥିବା ଏମିତି ଏକ କାହାଣୀକୁ ନେଇ ବିଶ୍ୱଜିତ୍ ଦାସଙ୍କ ରଚିତ ଓ ଦେବବ୍ରତ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ନାଟକ 'ଶୁଣ ସୁଜନେ' ମଞ୍ଚସ୍ଥ ହୋଇଯାଇଛି। ପଞ୍ଚମବେଦ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଚାଲିଥିବା ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଗୁରୁବାର ଶେଷ ସନ୍ଧ୍ୟାରେ ଡ଼ାଇନାମିକ୍ ପ୍ଲାଟ୍‌ଫର୍ମର କଳାକାରମାନେ ଏହି ନାଟକ ପରିବେଷଣ କରିଥିଲେ।

କାର୍ଯ୍ୟକ୍ରମରେ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ପଞ୍ଚମବେଦ ସଭାପତି ଜଗନ୍ନାଥ ପ୍ରଧାନ, ମନୋରଞ୍ଜନ ପାଣିଗ୍ରାହୀ, ଲଲାଟେନ୍ଦୁ ରଥ, ପ୍ରବୋଧ ରଥ, ହରେନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସୁଶୀଲ ମିଶ୍ରଙ୍କୁ 'ଅମୀୟ ପଟ୍ଟନାୟକ ସ୍ମୃତି ସମ୍ମାନ' ଓ ମିହିର ମେହେର, ରାମହରି ଜେନା, ପୁରୁଷୋତ୍ତମ ମିଶ୍ର, ଗଗନ ବିହାରୀ ଦାଶ ଓ ଧରିତ୍ରୀ ଖାଣ୍ଡୁଆଳଙ୍କୁ 'ପଞ୍ଚମ ବେଦ' ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଜଗନ୍ନାଥ ନଗର ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୨।୩ (ସୌମ୍ୟରଞ୍ଜନ ରାଉତ)

## ମେନ୍ ରୋଡ୍‌କୁ ୪୦ ଫୁଟ ଓସାର, ପାର୍କ, କ୍ଲବ ଘର ନିର୍ମାଣ ଦାବି

ଜଗନ୍ନାଥ ନଗର ବରିଷ୍ଠ ନାଗରିକ ଉନ୍ନୟନ ସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବରିସାଲ ରେସିଡେନ୍ସି ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମଧ୍ୟ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା, ସମ୍ମାନିତ ଅତିଥି ଭାବେ ୱାର୍ଡ ନଂ.୧୯ର କର୍ପୋରେଟର ସ୍ମୃତିଶିଖା ବରିସାଲ ଓ ଅନ୍ୟତମ ଅତିଥି ଭାବେ ପ୍ରଦୀପ ବରିସାଲ୍, ସଂଘର କାର୍ଯ୍ୟକାରୀ ସଭାପତି ଗିରିଜାନନ୍ଦନ ମହାନ୍ତି ଓ ସାଧାରଣ ସମ୍ପାଦକ ରାଜ କିଶୋର ସାମନ୍ତରାୟ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ନ୍ୟାଯ୍ୟ ଅଧିକାର, ସରକାରଙ୍କ ଦାୟିତ୍ୱ ଏବଂ ସମାଧାନ ଉପରେ ଆଲୋକପାତ କରିଥିଲେ। ଏଥିସହ ଜଗନ୍ନାଥନଗର ମେନ୍ ରୋଡ୍‌କୁ ୨୨ରୁ ୪୦ ଫୁଟ ଓସାର କରିବା, ପାର୍କ ଓ କ୍ଲବ ଘର ନିର୍ମାଣ ସହ ଇ-ରିକ୍ସା ପ୍ରଚଳନ କରିବାକୁ ଦାବି କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ସହ କବିତା ପାଠ କରାଯାଇଥିଲା। ସଂଘ ସଭାପତି ନରେନ୍ଦ୍ର କୁମାର ଜେନା ସଭା ପରିଚାଳନା କରିଥିଲେ ଓ ଉପସଭାପତି ବାଳକୃଷ୍ଣ କର ଧନ୍ୟବାଦ ଅର୍ପଣ କରିଥିଲେ।




ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା, କର୍ପୋରେଟର ସ୍ମୃତିଶିଖା ବରିସାଲଙ୍କ ସହ ଅନ୍ୟ ଅତିଥିମାନେ।



ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଇଁ ରଥଖଳାରେ ଗୁରୁବାର ରାତିରେ ଚକରେ କଣ୍ଟା ବାଡ଼ିଆ ଯାଉଛି। (ଫଟୋ: ସୁବାସ ଚନ୍ଦ୍ର ପ୍ରଧାନ)

# 'ମା' ମାଟି ମାତୃଭାଷା' ଆଲୋଚନାଚକ୍ର

ଭୁବନେଶ୍ୱର,୧୨।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଝୁମୁକା ଫାଉଣ୍ଡେଶନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ବୁଧବାର ଗୀତଗୋବିନ୍ଦ ସଦନଠାରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ମା' ମାଟି ମାତୃଭାଷା' ଶୀର୍ଷକ ଆଲୋଚନଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ୍ ଅଧ୍ୟାପକ ବିଶ୍ୱରଞ୍ଜନ, ସ୍ତମ୍ଭକାର ଡ. ଗୌରହରି ଦାସ, ଶିକ୍ଷାବିତ୍ ଡ. ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ବିଜ୍ଞାନ ସାହିତ୍ୟ ସ୍ରଷ୍ଟା ଡ. ନରେନ୍ଦ୍ର ପ୍ରସାଦ ଦାସ, କବି ଚିରଶ୍ରୀ ଇନ୍ଦ୍ର ସିଂ ଏବଂ ସଂସ୍କୃତି ବିଭାଗର ପୂର୍ବତନ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ 'ଶାସ୍ତ୍ରୀୟ ଓଡ଼ିଆ ଭାଷାର ଭିତ୍ତି ଓ ଭବିଷ୍ୟ', 'ଶାସ୍ତ୍ରୀୟ ଓଡ଼ିଆ ଭାଷା: ଜ୍ଞାନ-ବିଜ୍ଞାନ, ପ୍ରଯୁକ୍ତି-ନିଯୁକ୍ତିର ଭାଷା' ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଝୁମୁକା ସମ୍ପାଦକ ମାନସ ରଞ୍ଜନ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଜିୟୁ ପକ୍ଷରୁ ଜିଏଫ୍‌ଆଇ ସମ୍ମିଳନୀ

ଭୁବନେଶ୍ୱର,୧୨।୩ (ଅନୁରାଧା ମହାରଣା)

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) କ୍ୟାମ୍ପସରେ ଗ୍ରାସ୍‌ରୁଟ୍ସ ଏଣ୍ଡ୍ ଫ୍ରୁଗାଲ୍ ଇନୋଭେଶନ୍ ଇନ୍ ଏମର୍ଜିଙ୍ଗ ଇକୋନମିକ୍ସ (ଜିଏଫ୍‌ଆଇ ୨୦୨୬) ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ୧୪ ତାରିଖ ଯାଏ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଭାରତ ସହିତ ବିଭିନ୍ନ ଦେଶର ଶିକ୍ଷାବିତ୍, ନୀତିନିର୍ଦ୍ଧାରକ, ଉଦ୍ୟୋଗୀ, ନବଉନ୍ମେଷକ ଓ ଶିଳ୍ପ କ୍ଷେତ୍ରର ପ୍ରମୁଖ ବ୍ୟକ୍ତିତ୍ୱ ଅଂଶଗ୍ରହଣ କରିଛନ୍ତି। ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ, ବିଜିୟୁର ଇନୋଭେଶନ ଆଣ୍ଡ୍ ଇନ୍‌କ୍ୟୁବେଶନ କେନ୍ଦ୍ର 'ବିର୍ଲା ହବ୍ ଫର୍ ଇନୋଭେଶନ, ଭେଞ୍ଚରିଂ ଏଣ୍ଡ୍ ଏଣ୍ଟରପ୍ରିନିୟରସିପ୍' ଦ୍ୱାରା ଆୟୋଜିତ ସମ୍ମିଳନୀରେ ସହାୟକ ପ୍ରଫେସର (ମାର୍କେଟିଂ ଓ ଏଣ୍ଟରପ୍ରିନିୟରସିପ୍) ଡ. ସୁଭେନ୍ଦୁ କୁମାର ପ୍ରତିହାରୀ ଅଧ୍ୟକ୍ଷତା କରିଥିଲେ। ନେପାଳର ମିଡ୍‌ୱେଷ୍ଟ ୟୁନିଭର୍ସିଟିର କୁଳପତି ପ୍ରଫେସର ଧ୍ରୁବ କୁମାର ଗୌତମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଇଆଇଏମ୍ ଅହମ୍ମଦାବାଦର ମାର୍କେଟିଂ ପ୍ରଫେସର ଆନନ୍ଦ କୁମାର ଜୈସୱାଲ ମୁଖ୍ୟବକ୍ତା ଭାବେ ଉଦବୋଧନ ରଖିଥିଲେ। ସିରାକ୍ୟୁଜ ୟୁନିଭର୍ସିଟିର ପ୍ରଫେସର ଏସ୍. ପି. ରାଜ ଏବଂ ସ୍କାନେକ୍ସଟ୍ ସାଇଣ୍ଟିଫିକ୍ ଟେକ୍ନୋଲୋଜିସ୍ ପ୍ରାଇଭେଟ୍ ଲିମିଟେଡ୍‌ର ସଂସ୍ଥାପକ ଓ ସିଇଓ ରଜତ ବର୍ଦ୍ଧନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏହି ଅବସରରେ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର କୁଳପତି ପ୍ରଫେସର କୁଳଭୂଷଣ ବଲୁନୀ କହିଥିଲେ ଯେ, ଭାରତୀୟ ସଂସ୍କୃତିରେ ଅବାହମାନ କାଳରୁ ନବୋନ୍ମେଷର ଏକ ସମୃଦ୍ଧ ପରମ୍ପରା ରହିଆସିଛି, ଯାହା ଆଜି ମଧ୍ୟ ସ୍ଥାନୀୟ ଓ ବିଶ୍ୱ ପରିପ୍ରେକ୍ଷିତରେ ବିକାଶର ପଥକୁ ପ୍ରଶସ୍ତ କରୁଛି। ପ୍ରଫେସର ଆନନ୍ଦ କୁମାର ଜୈସୱାଲ ତାଙ୍କ ଭାଷଣରେ କହିଥିଲେ ସ୍ଥାନୀୟ ଉଦ୍ଭାବନ ଓ ନବଉନ୍ମେଷକୁ ପ୍ରୋତ୍ସାହିତ କରି ସେଗୁଡ଼ିକୁ ବିଶ୍ୱସ୍ତରରେ ବିସ୍ତାର କରିବା ଅତ୍ୟନ୍ତ ଆବଶ୍ୟକ।



ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ)ରେ ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେଇଥିବା ଅତିଥି।

# ଆପୋଲୋ ହସ୍ପିଟାଲରେ ବିଶ୍ୱ କିଡ୍‌ନୀ ଦିବସ

ଭୁବନେଶ୍ୱର,୧୨।୩ (ଅନୁରାଧା ମହାରଣା)

ଆପୋଲୋ ହସ୍ପିଟାଲ ପକ୍ଷରୁ ଗୁରୁବାର ବିଶ୍ୱ କିଡ୍‌ନୀ ଦିବସ ପାଳିତ ହୋଇଯାଇଛି। ହସ୍ପିଟାଲର ମୁଖ୍ୟ ପରିଚାଳନା ଅଧିକାରୀ ଡା. ଆଲୋକ ଶ୍ରୀବାସ୍ତବ କହିଛନ୍ତି, ମଧୁମେହ, ଉଚ୍ଚ ରକ୍ତଚାପ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ଅଭ୍ୟାସ ଭଳି ଜୀବନଶୈଳୀ ବ୍ୟାଧି ଯୋଗୁ ବୃକକ୍ ରୋଗ ଦ୍ରୁତଗତିରେ ବୃଦ୍ଧିପାଉଛି। ରୋଗୀମାନଙ୍କ ପାଇଁ ଆପୋଲୋ ହସ୍ପିଟାଲ ଉନ୍ନତ ନେଫ୍ରୋଲୋଜି ସେବା, ଡାଏଲିସିସ୍ ସେବା ଏବଂ ବୃକକ୍ ପ୍ରତିରୋପଣ ସୁବିଧା ପ୍ରଦାନ କରିଆସୁଛି। ଡା. ନିଶିଥ କୁମାର ମହାନ୍ତି ପ୍ରାରମ୍ଭିକ ସ୍କ୍ରିନିଂ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଡା. ପୂର୍ଣ୍ଣଚନ୍ଦ୍ର କର ପ୍ରତିରୋଧକ ଜୀବନଶୈଳୀ ଅଭ୍ୟାସ ଉପରେ ଆଲୋକପାତ କରିଥିଲେ। ପର୍ଯ୍ୟାପ୍ତ ଜଳୀୟଅଂଶ ବଜାୟ ରଖିବା, ଲୁଣ କମ୍ ଖାଇବା, ରକ୍ତଶର୍କରା ଓ ରକ୍ତଚାପ ନିୟନ୍ତ୍ରଣ କରିବା ଏବଂ ଯନ୍ତ୍ରଣା ନିବାରକ ଔଷଧର ଅନାବଶ୍ୟକ ବ୍ୟବହାର ଏଡ଼ାଇବା ବୃକକ୍ କ୍ଷତି ଆଶଙ୍କାକୁ ଯଥେଷ୍ଟ କମ୍ କରିପାରିବ ବୋଲି ସେ କହିଥିଲେ। ଡା. କୁମାର ଅଭିଜିତ୍ ଦାଶ କିଡ୍‌ନୀର ସୁସ୍ଥତା ଓ ଚିକିତ୍ସା ନେଇ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ।

# ନାଓ ପକ୍ଷରୁ ମହିଳା ସମ୍ମିଳନୀ, ପ୍ରତିଯୋଗିତା




ଅନ୍ତର୍ଜାତୀୟ ମହିଳା ଦିବସରେ ମହିଳାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୧୨।୩ (ସୌମ୍ୟରଞ୍ଜନ ରାଉତ)

ନ୍ୟାଶନାଲ ଆଲିଆନ୍ସ ଅଫ୍ ଓମେନ୍ (ନାଓ) ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଏକ ସମ୍ମିଳନୀ ଗୁରୁ କେଲୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ଭବାନୀପାଟଣାସ୍ଥିତ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ଡ. ନିବେଦିତା ନାଥ, ଅଜିମ୍ ପ୍ରେମଜୀ ଫାଉଣ୍ଡେଶନର ରାଜ୍ୟ ସଂଯୋଜକ ରାଜକିଶୋର ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ଡ଼. ସ୍ୱର୍ଣ୍ଣମୟୀ ତ୍ରିପାଠୀ ଯୋଗଦେଇଥିଲେ। ଏହି ଅବସରରେ ମହିଳା ଓ ମାନସିକ ସ୍ୱାସ୍ଥ୍ୟ ଓ ଜଳବାୟୁ ପରିବର୍ତ୍ତନ ହେତୁ ମହିଳାମାନଙ୍କ ଜୀବନ ଜୀବିକା ଉପରେ ପଡୁଥିବା ପ୍ରଭାବ ବିଷୟରେ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ଓଡ଼ିଶାର ୩୦ ଜିଲାରୁ ପ୍ରାୟ ୨ଶହ ଜଣ ମହିଳା ଯୋଗଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମହିଳାମାନେ ନୃତ୍ୟ ପରିବେଷଣ କରିବା ସହ ଦୌଡ଼କୁଦ ପ୍ରତିଯୋଗିତାରେ ଭାଗ ନେଇଥିଲେ।

# ବନ୍ଧୁକ ସହ ଗୁଳି ଜବତ, ଯୁବକ ଗିରଫ

ବୋଲଗଡ଼,୧୨।୩(ଦେବବ୍ରତ ହୋତା)

ବୋଲଗଡ଼ ଥାନା ଅଧୀନ ରାଜସୁନାଖଳା ଶୁଖୁଆ ବଜାର ଅଞ୍ଚଳରେ ଗୁରୁବାର ବନ୍ଧୁକ ରଖି ବୁଲୁଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ସଦର ଥାନା ଅଧୀନ ବଙ୍ଗିଦା ଗ୍ରାମର ସୁନୀଲ କୁମାର ରାଉତ ଓରଫ ଧଡ୍ଡୁ। ତାଙ୍କ ନିକଟରୁ ଏକ ବିନା ଲାଇସେନ୍ସ ୯ଏମ୍ଏମ୍ ପିସ୍ତଲ ଏବଂ ଦୁଇ ରାଉଣ୍ଡ ଗୁଳି ଜବତ ହୋଇଛି। ଆଇଆଇସି ସୁକାନ୍ତ ଦଳେଇ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ରାଜସୁନାଖଳା ବଜାର ପାଖରେ ବନ୍ଧୁକ ରଖି ବୁଲୁଥିବା ଉପରୋକ୍ତ ଯୁବକଙ୍କୁ ଧରିବା ପାଇଁ ଏଏସ୍‌ଆଇ ଉମାଶଙ୍କର ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ଏଏସ୍‌ଆଇ ରାଜେନ୍ଦ୍ର ବେହେରା, କନ୍‌ଷ୍ଟେବଲ ରମେଶ ଚନ୍ଦ୍ର ପ୍ରଧାନ ଓ ନର୍ମଦା ପ୍ରଧାନଙ୍କୁ ସାଥିରେ ନେଇ ଶୁଖୁଆ ବଜାର ନିକଟରୁ ସମ୍ପୃକ୍ତ ଯୁବକଙ୍କୁ ଧରି ବୋଲଗଡ଼ ଥାନାକୁ ଆଣିବା ସହ ପିସ୍ତଲ ଓ ଗୁଳି ଜବତ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୨୦୫/୨୬) ରୁଜୁ ପରେ ସମ୍ପୃକ୍ତ ସୁନୀଲଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ତଦନ୍ତ ଅଧିକାରୀ ଏସ୍‌ଆଇ ହାଡ୍ଡୁବନ୍ଧୁ ଦାସ କହିଛନ୍ତି।




ନବ ନିର୍ମାଣ ଛାତ୍ର ସଙ୍ଗଠନ ପକ୍ଷରୁ କସ୍ତୁରବା ନାରୀ ମହଲରେ ଗୁରୁବାର ଆୟୋଜିତ ଇଫ୍ତାର ପାର୍ଟି। (ଫଟୋ- ବିକାଶ ନାୟକ)

# ଚିକିତ୍ସା ସଫଳତା ବଖାଣିଲେ କିଡ୍‌ନୀ ପ୍ରତିରୋପଣ ରୋଗୀ

## କେୟାର ହସ୍ପିଟାଲରେ ବିଶ୍ୱ କିଡ୍‌ନୀ ଦିବସ

ଭୁବନେଶ୍ୱର,୧୨।୩ (ଅନୁରାଧା ମହାରଣା)

କେୟାର ହସ୍ପିଟାଲ ପକ୍ଷରୁ ବିଶ୍ୱ କିଡ୍‌ନୀ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଜନସାଧାରଣଙ୍କୁ କିଡ୍‌ନୀ ସ୍ୱାସ୍ଥ୍ୟ, କିଡ୍‌ନୀ ରୋଗର ନିବାରଣ ଏବଂ ଅଙ୍ଗଦାନର ଗୁରୁତ୍ୱ ଉପରେ ଶିକ୍ଷା ଦେବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେୟାର ହସ୍ପିଟାଲରେ ସଫଳତାର ସହ କିଡ୍‌ନୀ ପ୍ରତିରୋପଣ କରିଥିବା ବ୍ୟକ୍ତିମାନେ ସେମାନଙ୍କ ସଫଳ ଚିକିତ୍ସା ବିଷୟରେ କହିଥିଲେ। ରୋଗୀମାନେ ପ୍ରତିରୋପଣ ପୂର୍ବରୁ ସମ୍ମୁଖୀନ ହୋଇଥିବା ଚ୍ୟାଲେଞ୍ଜ ବିଷୟରେ କହିବା ସହ ଏଠାରେ ପ୍ରତିରୋପଣ ପ୍ରକ୍ରିୟା ସେମାନଙ୍କୁ କିପରି ଏକ ସୁସ୍ଥ ଓ ପରିପୂର୍ଣ୍ଣ ଜୀବନକୁ ଫେରିବାରେ ସାହାଯ୍ୟ କରିଥିଲା ସେ ବିଷୟରେ ବଖାଣିଥିଲେ। ଡା. ବିବେକାନନ୍ଦ ପଣ୍ଡା ଲୋକଙ୍କୁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ କିଡ୍‌ନୀ ସମ୍ବନ୍ଧୀୟ ଜଟିଳତାକୁ ରୋକିବା ପାଇଁ ଏକ ସୁସ୍ଥ ଜୀବନଶୈଳୀ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଡା. ଅଶୋକ ପଣ୍ଡା ଅଙ୍ଗଦାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଡା. ସୁଚରିତା ଚକ୍ରବର୍ତ୍ତୀ ମଧୁମେହ ଏବଂ ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତିମାନଙ୍କୁ ନିୟମିତ ବୃକକ୍ ସ୍ୱାସ୍ଥ୍ୟ ଉପରେ ନଜର ରଖିବାକୁ ପରାମର୍ଶ ଦେଇଥିଲେ। ଡା. ସୁମନ୍ତ କୁମାର ମିଶ୍ର କହିଲେ, ପ୍ରତିରୋପଣ ଯତ୍ନରେ ଉନ୍ନତି ଓ ବହୁମୁଖୀ ଚିକିତ୍ସା ପଦ୍ଧତି ପ୍ରତିରୋପଣ ଫଳାଫଳ ଓ ରୋଗୀଙ୍କ ବଞ୍ଚିବାରେ ଯଥେଷ୍ଟ ଉନ୍ନତି ଆଣିଛି। ଡା. ଜ୍ୟୋତି ମୋହନ ତୋଷ ଶଲ୍ୟଚିକିତ୍ସାର ପ୍ରଗତି ଉପରେ କହିଥିଲେ। ଡ. ସାନନ୍ଦ ବାଗ ଦୀର୍ଘକାଳୀନ ପ୍ରତିରୋପଣର ସଫଳତା ସୁନିଶ୍ଚିତ କରିବା ପାଇଁ ପ୍ରତିରୋପଣ ପରବର୍ତ୍ତୀ ଯତ୍ନ ଏବଂ ଔଷଧ ପାଳନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ଭାବେ ମଦରର ପରିଚାଳନା ଟ୍ରଷ୍ଟି ତ୍ରୈଲୋକ୍ୟ ନାଥ ପଣ୍ଡା ନାଗରିକମାନଙ୍କୁ ଅଙ୍ଗଦାନ ପାଇଁ ପ୍ରତିଜ୍ଞା ନେବାକୁ ଅନୁରୋଧ କରିଥିଲେ। ଡା. ସର୍ବଜିତ୍ ନାୟକ ଉନ୍ନତ ବୃକକ୍ ଚିକିତ୍ସା ଏବଂ ବୃକକ୍ ସ୍ୱାସ୍ଥ୍ୟ ବିଷୟରେ ସଚେତନତା କ୍ଷେତ୍ରରେ କେୟାର ହସ୍ପିଟାଲର ପ୍ରତିବଦ୍ଧତାକୁ ଦୋହରାଇଥିଲେ।




ବିଶ୍ୱ କିଡ୍‌ନୀ ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ କିଡ୍‌ନୀ ପ୍ରତିରୋପଣ ହୋଇଥିବା ରୋଗୀମାନେ।

## ସଂକ୍ଷେପରେ

### ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପାଇବେ ଅର୍ପିତା



ବାଙ୍କୀ,୧୨।୩ (ଜ୍ଞାନେନ୍ଦ୍ର ମୋହନ ମିଶ୍ର ): ବାଙ୍କୀ ଚର୍ଚ୍ଚିକା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅର୍ପିତା ମହାପାତ୍ର ଚଳିତବର୍ଷ ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କ ବାପା ଗୁରୁପ୍ରସାଦ ମହାପାତ୍ର ଓ ମା' ହେଲେ ସୁଚିସ୍ମିତା ମହାପାତ୍ର। ଅର୍ପିତାଙ୍କ ଏହି ସଫଳତା ପାଇଁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ଗୋଚ୍ଛି, ବ୍ଲକ ଶିକ୍ଷାଧିକାରୀ କାମରାଜ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବିବେକାନନ୍ଦ ସାମଲଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି।

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ବାଙ୍କୀ,୧୨।୩ (ଜ୍ଞାନେନ୍ଦ୍ର ମୋହନ ମିଶ୍ର ): ଡମପଡ଼ା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ସାମଲଙ୍କୁ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସାମଲଙ୍କ ବାସଭବନରେ ଅଧ୍ୟାପକ ଦୁଷ୍ମନ୍ତ କୁମାର ପରିଡ଼ା, ଇତିହାସ ଅଧ୍ୟାପକ ସୁଶାନ୍ତ କୁମାର ତ୍ରିପାଠୀ ଓ କାର୍ଯ୍ୟାଳୟ ସହାୟକ ସ୍ୱପ୍ନେଶ୍ୱର ଦାସ ଛାତ୍ରୀଛାତ୍ରଙ୍କ ସହ ପହଞ୍ଚି ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏହି ଅବସରରେ ବିଦାୟୀ ଅଧ୍ୟକ୍ଷ ଛାତ୍ରୀଛାତ୍ରମାନଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ।

### କବି ଭକ୍ତଚରଣଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ଭୁବନେଶ୍ୱର,୧୨।୩(ସୌମ୍ୟରଞ୍ଜନ ରାଉତ): କବି ଭକ୍ତଚରଣ ସାଂସ୍କୃତିକ ପରିଷଦର ସାଧାରଣ ଅଧିବେଶନ ଡେଲ୍ଟା କଲୋନୀସ୍ଥିତ ମା' ଦୁର୍ଗାଦେଈ ମନ୍ଦିର ନିକଟ ପରିଷଦ କାର୍ଯ୍ୟାଳୟଠାରେ ପୂର୍ବତନ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ଉପଦେଷ୍ଟା ବସନ୍ତ କୁମାର ପାଇକରାୟ, ପୂର୍ବତନ ଟେଲିଫୋନ୍ ଅଫିସର ରାସବିହାରୀ ବେହେରା, କିଶୋର ସାହୁ, ଶ୍ରୀକାନ୍ତ ପଟ୍ଟନାୟକ, ଲକ୍ଷ୍ମୀଧର ଖଟେଇ, ପ୍ରଶାନ୍ତ ପ୍ରଧାନ, ଭରତ ସାହୁ, ରମେଶ ମହାପାତ୍ର, ସର୍ବେଶ୍ୱର ରାଉତରାୟ, କୈଳାସ ପ୍ରଧାନ, ପୀତବାସ ମାନ୍‌ସିଂ ପ୍ରମୁଖ ଯୋଗଦେଇ କବିଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଭୁବନେଶ୍ୱରରେ କବି ଭକ୍ତଚରଣଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି କରାଯାଇଥିଲା।

### ମହିଳାଙ୍କ ସମ୍ମାନ, ସୁରକ୍ଷା, ପ୍ରଗତିକୁ ଗୁରୁତ୍ୱ

ଭୁବନେଶ୍ୱର,୧୨।୩(ସୌମ୍ୟରଞ୍ଜନ ରାଉତ): ରୋଟାରୀ କ୍ଲବ ଭୁବନେଶ୍ୱର ଆଞ୍ଜେଲା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଗୁରୁବାର ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରୋଟାରୀ ଜିଲା ୩୨୬୨ ପ୍ରାନ୍ତପାଳ ରୋଟାରିଆନ୍ ମନୋଜ କୁମାର ତ୍ରିପାଠୀ ଯୋଗଦେଇ ରୋଟାରୀ କ୍ଲବମାନେ କିଭଳି ସମାଜସେବାରେ ବ୍ରତୀ କରିଛନ୍ତି ତାହା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ରୋଜାଲିନ ପାଇଁଶାଣୀ ମିଶ୍ର, ଡ. ପ୍ରତିଭା ମହାରଥୀ, ସାଧନା ମିଶ୍ର, ରତ୍ନପର୍ଣ୍ଣା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ହାତୀ ଉପଦ୍ରବ: ବ୍ୟାପକ ଫସଲ ନଷ୍ଟ

ଆଠଗଡ଼,୧୨।୩(ସତ୍ୟ ପ୍ରସାଦ ରଥ)



ମାନପୁର ଗାଁ ନିକଟରେ ହାତୀପଲ ବୁଲୁଛନ୍ତି।

ଜଙ୍ଗଲ ଛାଡ଼ି ଏବେ ହାତୀପଲ ଗାଁମୁହାଁ ହେଉଛନ୍ତି। ଆଠଗଡ଼ ବନାଞ୍ଚଳ ଅନ୍ତର୍ଗତ ବେଣ୍ଟପଦା ନିକଟସ୍ଥ ମାନପୁର ଗାଁ ନିକଟରେ ହାତୀପଲ ବୁଲୁଛନ୍ତି। ଗାଁ ପାଖରେ ହାତୀଙ୍କୁ ଦେଖି ଲୋକେ ଆତଙ୍କିତ ହୋଇପଡୁଛନ୍ତି। ହାତୀପଲ ମଧ୍ୟରେ ୨ ବଡ଼ ହାତୀ ରହିଥିବା ବେଳେ ୨ ଛୁଆ ହାତୀ ମଧ ରହିଛନ୍ତି। ଆଠଗଡ଼ ବନ କର୍ମଚାରୀ ସେମାନଙ୍କୁ ଜଗି ରହିଛନ୍ତି। ବେଣ୍ଟପଦା ଗ୍ରାମ ପଞ୍ଚାୟତ ଅଧୀନ ମାନପୁର ଏବଂ ମହାକାଳବସ୍ତ ଗ୍ରାମ ପଞ୍ଚାୟତ ଅଧୀନ ପର୍ଶୁରାମପୁର ଗାଁ ପାଖରେ ଥିବା ପରିବା ଫସଲ ଯଥା ଲଙ୍କା, ବାଇଗଣ, ବୋଦି ଆଦି ପରିବା ଫସଲ ଏହି ହାତୀପଲ ନଷ୍ଟ କରିଦେଇଛନ୍ତି। ଚାଷୀଙ୍କ ସହ ସ୍ଥାନୀୟ ଲୋକେ ହାତୀ ଘଉଡ଼ାଇବା ପାଇଁ ସେମାନଙ୍କ ପାଖକୁ ଚାଲିଯାଉଥିବାରୁ ବନ ବିଭାଗ ପକ୍ଷରୁ ସେମାନଙ୍କ ପାଖକୁ ନଯିବା ଲାଗି ପ୍ରଚାର କରାଯାଉଛି। ଏହି ହାତୀପଲ ସାପୁଆ ନଦୀପାର ହୋଇ ରାଉଳ ସାହି ମଧ୍ୟରେ ପଶି ମାନପୁର ଗାଁ ଚାଷଜମିରୁ ଫସଲ ନଷ୍ଟ କରିବା ପରେ କରିକୋଲ ଗାଁ ପାଖ କରିକୋଲିଆଣି ଠାକୁରାଣୀଙ୍କ ପଛପଟେ ରହିଥିଲେ। ହାତୀପଲଙ୍କ ଉପରେ ଆଠଗଡ ବନ ବିଭାଗ କଡା ନଜର ରଖିଛି। ସେମାନଙ୍କ ପାଇଁ ବିଦ୍ୟୁତ୍ ସରବରାହ ସ୍ଥାନୀୟ ଅଞ୍ଚଳରେ ବାଧାପ୍ରାପ୍ତ ହୋଇଛି। ହାତୀମାନଙ୍କୁ ଦେଖିବା ପାଇଁ ପୁରୁଣା କଟକ-ସମ୍ବଲପୁର ରାସ୍ତାର କରିକୋଲ ଗ୍ରାମ ନିକଟରେ ପ୍ରବଳ ଜନସମାଗମ ହୋଇଛି। ସନ୍ଧ୍ୟା ସୁଦ୍ଧା ହାତୀପଲ ଗହୀର ମଧ୍ୟରେ ରହିଥିଲେ। ଫଳରେ ସମ୍ପୃକ୍ତ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ହାତୀଗୁଡ଼ିକ ଢେଙ୍କାନାଳ ଜିଲା ସପ୍ତଶଯ୍ୟା ଜଙ୍ଗଲରୁ ବାଟବଣା ହୋଇ ସୁବାସୀ ଜଙ୍ଗଲ ଦେଇ ଗ୍ରାମ ନିକଟକୁ ଆସିଥିବା ଆଠଗଡ଼ ବନାଞ୍ଚଳ ଅଧିକାରିଣୀ ସୁଷମା ସାହୁ ସୂଚନା ଦେଇଛନ୍ତି।

# ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଠକିଲେ ସାଇବର ଅଭିଯୁକ୍ତ

ଭୁବନେଶ୍ୱର,୧୨।୩(ତ୍ରିନାଥ ମହାନ୍ତି):

ଅଜଣା ଲୋକଙ୍କୁ ସହଯୋଗ କରି ପେଟ୍ରୋଲ ଟାଙ୍କି କର୍ମଚାରୀ ଫସିଛନ୍ତି। ତାଙ୍କ ଆକାଉଣ୍ଟ ନମ୍ବର ନେଇ ସାଇବର ଠକେଇରେ ବ୍ୟବହାର କରିଥିଲେ ଅଭିଯୁକ୍ତ। ଆକାଉଣ୍ଟକୁ ମହାରାଷ୍ଟ୍ର ଏବଂ କୋଲକାତା ପୋଲିସ ଫ୍ରିଜ୍ କଲା ପରେ ମୁଣ୍ଡରେ ଚେତା ପଶିଥିଲା। ଏନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଆକାଉଣ୍ଟରେ ଟଙ୍କା କାରବାର କରିଥିବା ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆଇଆର୍‌ସି ଭିଲେଜର ସନ୍ତୋଷ ନାୟକ। ତାଙ୍କ ନିକଟରୁ ଗୋଟିଏ ମୋବାଇଲ୍ ଫୋନ୍ ଏବଂ ଏକ କାର୍ ଜବତ କରାଯାଇଛି।

ପୋଲିସ ସୂଚନାନୁସାରେ, ଗିରଫ ସନ୍ତୋଷ ସାଇବର ଠକଙ୍କ ଏଜେଣ୍ଟ ଭାବରେ କାମ କରନ୍ତି। ବିଭିନ୍ନ ପେଟ୍ରୋଲ ପମ୍ପକୁ ଯାଇ ସେଠାରେ ଥିବା କର୍ମଚାରୀଙ୍କୁ କିଛି ଟଙ୍କାର ଲୋଭ ଦେଖାଇ ଟଙ୍କା ଟ୍ରାଞ୍ଜାକ୍‌ସନ କରନ୍ତି। ଆକାଉଣ୍ଟରେ ଠକେଇ ଟଙ୍କା ପଠାନ୍ତି ଓ ସେମାନଙ୍କ ଠାରୁ କ୍ୟାଶ୍ ନେଇ ଚମ୍ପଟ ମାରନ୍ତି। ରାଜଧାନୀରେ ଏଭଳି ଏକ ଘଟଣାର ଶିକାର ହୋଇଛନ୍ତି ଜଣେ ପେଟ୍ରୋଲ ପମ୍ପ କର୍ମଚାରୀ। ଅଭିଯୋଗକାରୀ କିଶୋର ଚନ୍ଦ୍ର ଜେନା ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଯାଁଳା ଅଞ୍ଚଳରେ ରୁହନ୍ତି। ସେ କ୍ରୀଷ୍ଣା ଫିଲିଂ ଷ୍ଟେସନରେ ଚାକିରି କରନ୍ତି। ଗତ ୬ ତାରିଖ ସନ୍ଧ୍ୟା ପ୍ରାୟ ୫ଟାରେ

### ସିସିଟିଭି ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

କିଶୋର ପେଟ୍ରୋଲ ପମ୍ପରେ ଡ୍ୟୁଟିରେ ଥିବାବେଳେ ଅଭିଯୁକ୍ତ ସନ୍ତୋଷ ତାଙ୍କ ପାଖକୁ ଆସିଥିଲେ। ତାଙ୍କ ଭାଇଙ୍କୁ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଏବଂ ଚିକିତ୍ସା ପାଇଁ ତୁରନ୍ତ ନଗଦ ଟଙ୍କାର ଆବଶ୍ୟକତା ଅଛି ବୋଲି କହିଥିଲେ। ସେ କିଶୋରଙ୍କୁ ତାଙ୍କର ଫୋନ୍‌ପେ ସ୍କାନରରେ ୪୯ହଜାର ଟଙ୍କା ପଠାଇବା ପରେ ତାଙ୍କୁ କ୍ୟାଶ ଦେବାକୁ ଅନୁରୋଧ କରିଥିଲେ। କିଶୋର ଏହି କଥାରେ ବିଶ୍ୱାସ କରି ସ୍କାନର ମାଧ୍ୟମରେ ଟଙ୍କା ଗ୍ରହଣ କରି ସନ୍ତୋଷଙ୍କୁ ୪୮ହଜାର ଟଙ୍କା ଦେଇଥିଲେ। ଏହାର ପରଦିନ କିଶୋରଙ୍କ ଆକାଉଣ୍ଟ ଫ୍ରିଜ୍ ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ପରେ ତାଙ୍କ ଆକାଉଣ୍ଟ ସାଇବର ଠକେଇରେ ବ୍ୟବହାର ହୋଇଥିବା ଜାଣିବାକୁ ପାଇଥିଲା। ତଦନ୍ତ ପରେ ପୋଲିସ ସନ୍ତୋଷଙ୍କୁ ଗିରଫ କରିଥିଲା। ପଚରାଉଚରାବେଳେ ସନ୍ତୋଷ କାର ମାଲିକ ଅଭିଷେକ ମହାପାତ୍ରଙ୍କ ନିର୍ଦ୍ଦେଶରେ ଏହି କାମ କରିଥିଲେ । ନଗଦ ଟଙ୍କା ଅଭିଷେକ ନେଇଥିବାବେଳେ ତାଙ୍କୁ ୧ହଜାର ଟଙ୍କା ଦେଇଥିବା ସନ୍ତୋଷ କହିଥିଲେ। ଅଭିଷେକ ଏକ ସାଇବର ନେଟ୍‌ୱର୍କରେ କାମ କରୁଥିବା ତଦନ୍ତବେଳେ ଜାଣିବାକୁ ପାଇଛି।

# ସାହିତ୍ୟ ଭାଷାର ଶାସ୍ତ୍ରୀୟତାକୁ ଅକ୍ଷୁର୍ଣ୍ଣ ରଖିବା ଆବଶ୍ୟକ



ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ବଡ଼ମ୍ବା, ୧୨।୩(ମାୟାଧର ମଲ୍ଲିକ)

### ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ

ସାହିତ୍ୟ ଭାଷାର ଶାସ୍ତ୍ରୀୟତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆଗାମୀ ପିଢ଼ି ଓଡ଼ିଆ ଭାଷା ସମୃଦ୍ଧି ଦିଗରେ ଆଗଭର ହୋଇ ଶୁଦ୍ଧ ଲିଖନ, ଉଚ୍ଚାରଣ ସହ ଓଡ଼ିଆ ସାହିତ୍ୟକୁ ବିକଶିତ କରିବା ପାଇଁ ପ୍ରଚେଷ୍ଟା କରିବା ଆବଶ୍ୟକ। ଛାତ୍ରୀଛାତ୍ର ଏହାକୁ ଜୀବନର ମୂଳମନ୍ତ୍ର କରି ଅଗ୍ରସର ହେବା ଉଚିତ୍। ମୋହନ ସୁବୁଦ୍ଧି ମହାବିଦ୍ୟାଳୟ, ବଡ଼ମ୍ବାର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଆୟୋଜିତ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ ବକ୍ତାମାନେ ଏଭଳି ମତ ଦେଇଛନ୍ତି। ସାହିତ୍ୟ ବିଭାଗର ମୁଖ୍ୟ ସରିତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ରସାୟନ ବିଭାଗ ମୁଖ୍ୟ ଡ. ସୁବାସ ଚନ୍ଦ୍ର ଆସ ଯୋଗଦେଇ ଭାଷାର ସୁରକ୍ଷା ଓ ସଂରକ୍ଷଣ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗର ଅଧ୍ୟାପିକା ଡକ୍ଟର ସୁବାସିନୀ ସାହୁ, ଅଧ୍ୟାପକ ଲକ୍ଷ୍ମୀଧର ପଣ୍ଡା,ଡକ୍ଟର ଗୌତମ ନାୟକ ପ୍ରମୁଖ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ସମ୍ପର୍କରେ ନିଜର ଅଭିମତ ରଖିଥିଲେ। ଛାତ୍ରୀ ଶୁଭଲକ୍ଷ୍ମୀ ବେହେରା, ପ୍ରଜ୍ଞା ପ୍ରିୟଦର୍ଶିନୀ ରଣା, ଜ୍ୟୋତିରାଣୀ ବସନ୍ତରା ପ୍ରମୁଖ ମଧ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟକୁ ନେଇ ଡ.ଅରବିନ୍ଦ ନାୟକଙ୍କ ଦାରା ରଚିତ କବିତାକୁ ଅଧ୍ୟାପିକା ସୁଶ୍ରୀ ସଂଗୀତା ମହାପାତ୍ର ଓ ଡ. ନାୟକ ଗାନ କରିଥିଲେ। ସେହିପରି ଛାତ୍ରୀଛାତ୍ର ମାନଙ୍କ ପାଇଁ ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ପର୍କିତ ଏକ କୁଇଜ ପ୍ରତିଯୋଗିତା ର ଆୟୋଜନ କରାଯାଇଥିଲା। ସଂସ୍କୃତ ବିଭାଗର ଅଧ୍ୟାପିକା ଡକ୍ଟର ପୁଷ୍ପଲତା ପାଣିଗ୍ରାହୀ,ଇଂଲିଶ୍ ବିଭାଗର ଅଧ୍ୟାପିକା ବବିତା ଦାସଙ୍କ ସମେତ ମହାବିଦ୍ୟାଳୟର ଅନ୍ୟ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ। ଅଧ୍ୟାପିକା ସୁମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଜ୍ୟସ୍ତରୀୟ ନାଟକ ମହୋତ୍ସବରେ 'ଭିନ୍ନ ଏକ ସହଯାତ୍ରୀ'

ଭୁବନେଶ୍ୱର,୧୨।୩ (ସୌମ୍ୟରଞ୍ଜନ ରାଉତ)

ମଣିଷ ତା' ଜୀବନ ଯାତ୍ରାରେ ସବୁବେଳେ ସହଜ, ସରଳ, ସୁବିଧା ରାସ୍ତାକୁ ଆପଣେଇଥାଏ। କୌଣସି ଜଟିଳତା, ଆହ୍ୱାନକୁ ଆପଣେଇ ହାର ଜିତ୍‌ର ଅନିଶ୍ଚିତତା ଭିତରେ ଘାଣ୍ଟିହେବା ଅପେକ୍ଷା ଏକ ଆରାମପ୍ରଦ ସୀମିତ ବଳୟ ମଧ୍ୟରେ ନିରାପଦରେ ଜୀବନ କାଟିବାକୁ ଶ୍ରେୟ ମନେ କରିଥାଏ। କିନ୍ତୁ ଏହା ଭିତରେ ସମସ୍ତେ ଖୋଜି ବସନ୍ତି, ନିଜକୁ ସୁହାଇଲା ପରି ଚାକିରିଟିଏ, ବୃତ୍ତି ବା ବ୍ୟବସାୟଟିଏ। ଏମିତି ଏକ ବାସ୍ତବମୁଖୀ ଭାବନା ଓ ପରୀକ୍ଷାମୂଳକ ପ୍ରୟୋଗକୁ ନେଇ ପଞ୍ଚାନନ ଦାଶଙ୍କ ରଚିତ ଓ ମଳୟ କୁମାର ମହାନ୍ତିଙ୍କ ନିର୍ଦ୍ଦେଶିତ ନାଟକ 'ଭିନ୍ନ ଏକ ସହଯାତ୍ରୀ' ମଞ୍ଚସ୍ଥ ହୋଇଯାଇଛି। ପଞ୍ଚମବେଦ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ନାଟକ ମହୋତ୍ସବରେ ପଞ୍ଚମ ଧ୍ୱନି ନାଟ୍ୟ ପରିଷଦର କଳାକାରମାନେ ଅତି ଚମତ୍କାର ଢଙ୍ଗରେ ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ଡ. ନରେନ୍ଦ୍ର ମିଶ୍ର, ମୁକୁନ୍ଦ ଶତପଥୀ, ଫକିର ସିଂ, ପଞ୍ଚାନନ ଦାଶ ଓ ଥିଏଟର ନିର୍ଦ୍ଦେଶକ ମଳୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ଗୌତମନଗର ବସ୍ତିରେ ପୁଣି ବୁଲିଲା ଖଣ୍ଡା

ଭୁବନେଶ୍ୱର,୧୨।୩(ତ୍ରିନାଥ ମହାନ୍ତି):

ଗୌତମନଗର ବସ୍ତି ଗୁରୁବାର ଅପରାହ୍ନରେ ଖଣ୍ଡା ବୁଲିଛି। ୫ଜଣ ଦୁର୍ବୃତ୍ତ ମୁହଁରେ ମାସ୍କ ବାନ୍ଧି ଖଣ୍ଡାରେ ଯାହାକୁ ପାଇଲେ ହାଣିଲେ। ଏତିକିରେ ଅଭିଯୁକ୍ତଙ୍କ ରାଗ ଶାନ୍ତ ହୋଇ ନ ଥିଲା। ଘରର କବାଟ ଏବଂ ଘର ବାହାରେ ପାର୍କିଂ ହୋଇଥିବା ଗାଡ଼ିକୁ ମଧ୍ୟ ହାଣି ପକାଇଥିଲେ ଅଭିଯୁକ୍ତ। ଏହି ଆକ୍ରମଣରେ ୨ଜଣ ଗୁରୁତର ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଆହତ ୨ଯୁବକ ହେଲେ ବାମନ ସାହାଣୀ ଓ ସୀମାଞ୍ଚଳ ସେଠୀ। ଖବରପାଇ ପୋଲିସ ବସ୍ତିରେ ପହଞ୍ଚି ଘଟଣା ବିଷୟରେ ପଚାରି ବୁଝିଥିଲା। ଅଭିଯୁକ୍ତଙ୍କ ତୁରନ୍ତ ଗିରଫ ଦାବି ଏବଂ ବସ୍ତିରେ ବାରମ୍ବାର ଏଭଳି ଖଣ୍ଡା, ବୋମା ଫୁଟୁଥିବାରୁ ଏଠାରେ ଆଉଟ୍‌ପୋଷ୍ଟ କରିବା ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ବଡ଼ଗଡ଼ ଥାନା ଏବଂ କ୍ୟାପିଟାଲ ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବାକୁ ଚଢ଼ାଉ ଜୋରଦାର କରିଛି। ବସ୍ତିବାସିନ୍ଦାଙ୍କ କହିବା କଥା ଗୌତମ ନଗରରେ ଏହିପରି ୬ ଥର ଆକ୍ରମଣ ଘଟଣା ଘଟିଲାଣି। ନିକଟରେ ବିଧାନସଭା, କ୍ୟାପିଟାଲ ଥାନା ପୋଲିସ, ଡିଜି ପୋଲିସ ଥାଇବି ଦିନ ଦ୍ୱିପ୍ରହରରେ ଲୋକଙ୍କ ଉପରେ ଆକ୍ରମଣ ହେଉଛି। ବସ୍ତିବାସିନ୍ଦା ନିଜକୁ ଅସୁରକ୍ଷିତ ମଣିବା ସହ ସୁରକ୍ଷା ଦାବିରେ ରାସ୍ତାକୁ ଓହ୍ଲାଇ ରାସ୍ତାରୋକୋ କରିବା ସହ ନ୍ୟାୟ ଦାବି କରିଛନ୍ତି।

### ୨ ଜଣ ଯୁବକ ଗୁରୁତର, ଗିରଫ ଦାବିରେ ରାସ୍ତାରୋକୋ

# ରାଜଧାନୀର ୨୦ ଛକରେ ବୋଲାର୍ଡସ

- ନିୟମ ଉଲ୍ଲଂଘନ କଲେ ଘରକୁ ଯିବ ଚାଲାଣ
- ଜରୁରିକାଳୀନ ସେବା ପାଇଁ ରାସ୍ତାର ବାମ ପାର୍ଶ୍ୱ ଫାଙ୍କା ରଖିବାକୁ କରାଯାଇଛି ବ୍ୟବସ୍ଥା

ଭୁବନେଶ୍ୱର,୧୨।୩(ତ୍ରିନାଥ ମହାନ୍ତି):

ପୂର୍ବରୁ ଅମାନିଆମାନେ ବିଭିନ୍ନ ଛକରେ ରାସ୍ତାର ବାମ ପାର୍ଶ୍ୱରେ ଗାଡ଼ି ରଖୁଥିଲେ। ଫଳରେ ଆମ୍ବୁଲାନ୍ସ ଏବଂ ଅନ୍ୟ ଜରୁରିକାଳୀନ ସେବା ଯୋଗାଉଥିବା ଗାଡ଼ି ସହଜରେ ଯାଇପାରୁ ନ ଥିଲା। କିନ୍ତୁ ଏଥର ପୋଲିସ ଆକ୍ସନ ମୋଡକୁ ଆସିଛି। ରାସ୍ତାର ବାମ ପାର୍ଶ୍ୱକୁ ଫାଙ୍କା ରଖିବା ପାଇଁ ୨୦ଟି ଛକରେ ବୋଲାର୍ଡସ(ରୋଡ୍ ବ୍ୟାରିକେଡ୍) ଲଗାଇଛି। ଫଳରେ ବାମ ପାର୍ଶ୍ୱରେ କେହି ଗାଡ଼ି ରଖିବେ ନାହିଁ। ଯେଉଁମାନେ ଗାଡ଼ି ବାମପାର୍ଶ୍ୱରେ ରଖିବେ କିମ୍ବା ଏହାକୁ ଭାଙ୍ଗିବେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟ୍ରାଫିକ ଡିସିପି ତପନ ମହାନ୍ତି କହିଛନ୍ତି। ଏହା କିଭଳି କାର୍ଯ୍ୟକାରୀ କରୁଛି ତାହାକୁ ଅନୁଧ୍ୟାନ କରିବା ପାଇଁ ଅତିରିକ୍ତ ପୋଲିସ କମିଶର, ଟ୍ରାଫିକ୍ ଡିସିପି ଏବଂ ଅନ୍ୟ ଷ୍ଟାଫ୍ ବିଭିନ୍ନ ଛକ ବୁଲି ଦେଖିଛନ୍ତି।

ପ୍ରଥମ ଏକ ମାସ ଲୋକଙ୍କୁ ସଚେତନ କରିବା ପାଇଁ ଛଡ଼ାଯିବ। ପରେ କଡ଼ାକଡ଼ି ହେବ ଏନ୍‌ଫୋର୍ସମେଣ୍ଟ। ଯେଉଁମାନେ ଛକର ବାମପାର୍ଶ୍ୱ ବୋଲାର୍ଡସ ଡେଇଁ ଛିଡ଼ା ହୋଇଥିବେ, ସେମାନଙ୍କ ଘରକୁ ଚାଲାଣ ଯିବ। ସହରରେ ଲାଗିଥିବା ୧ହଜାର ସିସିଟିଭିରୁ ନିୟମ ଉଲ୍ଲଂଘନକାରୀଙ୍କୁ ଚିହ୍ନଟ କରାଯାଇ ଘରକୁ ଚାଲାଣ ପଠାଯିବ। ପ୍ରାଥମିକ ପର୍ଯ୍ୟାୟରେ ରାଜଧାନୀର ୨୦ଟି ଛକରେ ଏହି ବୋଲାର୍ଡସ ଲାଗିଛି। ଏହା ସଫଳ ହେଲେ ସହରର ଅନ୍ୟ ସ୍ଥାନରେ ଲଗାଯିବ। ଯେଉଁମାନେ ସିଧା ଏବଂ ଡାହାଣପଟକୁ ଯିବାକୁ ଥିବେ ସେମାନେ ବୋଲାର୍ଡସ ଭିତରେ ଛିଡ଼ା ହେବ। ଫଳରେ ବାମ ପଟ ଫାଙ୍କା ରହିବ। ଏହା ଲାଗିବା ପରେ ଟ୍ରାଫିକ ନିୟନ୍ତ୍ରଣ କିଛି ମାତ୍ରାରେ ସହାୟକ ହେଉଛି ବୋଲି ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ କହିଛନ୍ତି।

# ଯୋଗ୍ୟ ଦିବ୍ୟାଙ୍ଗଙ୍କୁ ମିଳୁନାହିଁ ବର୍ଦ୍ଧିତ ଭତ୍ତା

ତାଳବସ୍ତ, ୧୨।୩(ସୁବ୍ରତ କୁମାର ନାୟକ)



ମୁନା ମାଝୀ



ମାମିନା ସାହୁ



ଶିବୁ ବେହେରା

ଦିବ୍ୟାଙ୍ଗମାନଙ୍କୁ ମୁଖ୍ୟସ୍ରୋତକୁ ଆଣିବା ତଥା ଆର୍ଥିକ ଦୁରବସ୍ଥାକୁ ସୁଧାରିବା ପାଇଁ ସରକାରଙ୍କ ସାମାଜିକ ସୁରକ୍ଷା ବିଭାଗ ତରଫରୁ ବହୁ ଜନହିତକର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। କିନ୍ତୁ ଏହାର ବ୍ୟତିକ୍ରମ କଟକ ଜିଲା ବାଙ୍କୀ ବ୍ଲକ ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତରେ ଦେଖିବାକୁ ମିଳିଛି।

ତାଳବସ୍ତ ଗ୍ରାମର ୩ ସାହି ବିଦ୍ୟାଧରପୁରର ୮୦% ଦିବ୍ୟାଙ୍ଗ ଥିବା ଶିବୁ ବେହେରା, ମଝିସାହିର ୧୦୦% ଦିବ୍ୟାଙ୍ଗ ଥିବା ମାମିନା ସାହୁ ଏବଂ ଦଳିତ ବନହରା ସାହିର ୮୦% ଦିବ୍ୟାଙ୍ଗ ଥିବା ମୁନା ମାଝୀ ସମସ୍ତେ ସରକାରଙ୍କ ବର୍ଦ୍ଧିତ ୩,୫୦୦ ଟଙ୍କା ପାଇବାକୁ ଯୋଗ୍ୟ। ସେମାନଙ୍କ ପାଖରେ ଡିଜିଟାଲ ପ୍ରମାଣ ପତ୍ର ବି ରହିଛି। ଏହାସତ୍ତ୍ୱେ ସେମାନେ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ସେମାନେ ୨ ବର୍ଷ ହେବ ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡ଼ି ନିରାଶ ହୋଇଗଲେଣି।

ଏ ସମ୍ପର୍କରେ ମାମିନା କୁହନ୍ତି, ତାଙ୍କର କେତେଜଣ ସାଥୀ କମ୍ ଦିବ୍ୟାଙ୍ଗ ହୋଇଥିବା ପ୍ରମାଣପତ୍ର ପାଇଥିଲେ ମଧ କେବେଠୁ ବର୍ଦ୍ଧିତ ଭତ୍ତା ପାଇଲେଣି। କିନ୍ତୁ ତାଙ୍କ ପରି ୧୦୦ ପ୍ରତିଶତ ଦିବ୍ୟାଙ୍ଗଙ୍କୁ ଅଧାବଧି ବର୍ଦ୍ଧିତ ଭତ୍ତା ମିଳିପାରୁନାହିଁ। ଏହା ମିଳିଲେ ଚଳିବାକୁ ଟିକେ ସୁବିଧା ହୁଅନ୍ତା। ଏବେ ବହୁ ସମୟ ଭୋକ ଉପାସରେ ଜୀବନ କାଟିବାକୁ ପଡୁଛି।

୨୦୦୧ରେ ଜନ୍ମ ଗ୍ରହଣ କରିଥିବା ବିଦ୍ୟାଧରପୁରର ଶିବୁ କୁହନ୍ତି, ତାଙ୍କୁ ଏବେ ୨୫ ବର୍ଷ। ସେ ଜନ୍ମରୁ ଦିବ୍ୟାଙ୍ଗ। ସେ ଘରର ବଡ଼ପୁଅ ହୋଇଥିଲେ ମଧ କିଛି ସହାୟତା କରିପାରନ୍ତି ନାହିଁ। ବାପା କୁନା ବେହେରା ଓ ମା' ଝରଣା ବେହେରା ବାହାରେ ଦିନ ମଜୁରି କରି ତାଙ୍କ ଔଷଧ ଖର୍ଚ୍ଚ ତୁଲାଇଥାନ୍ତି। ଅନ୍ୟ ଦୁଇ ଭାଇ ଭଉଣୀଙ୍କୁ ପାଠ ପଢ଼େଇବାରେ କଷ୍ଟ ହେବାରୁ ଭଉଣୀ ସୁଭଦ୍ରା ବେହେରାଙ୍କ କଲେଜ ଯିବା ବନ୍ଦ ହୋଇଯାଇଛି।

ଅନ୍ୟତମ ଦିବ୍ୟାଙ୍ଗ ମୁନା କୁହନ୍ତି, କେବଳ ସଭା ସମିତିରେ ନେତା ମନ୍ତ୍ରୀ ଆସି ତାଙ୍କ ସହ ସେଲ୍ଫି ନେଇ ସାହାଯ୍ୟ କରିବାର ମିଛ ଆଶ୍ୱାସନା ଦେଇ ନିଜ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଖୁସି ହୁଅନ୍ତି। କିନ୍ତୁ ସହଯୋଗ କରିବାକୁ ଭୁଲିଯାଆନ୍ତି। ବର୍ଦ୍ଧିତ ଭତ୍ତା ପାଇଁ ବହୁ କଷ୍ଟରେ ଖରା, ବର୍ଷା ଶୀତରେ ତାଳବସ୍ତରୁ ୨୦ କିଲୋମିଟର ବାଙ୍କୀ ପ୍ରଶାସନ ବିଡ଼ିଓ, ଉପ ଜିଲାପାଳଙ୍କ ପାଖକୁ ନିଜ ଟ୍ରାଇ ସାଇକେଲରେ ଯାଆନ୍ତି। କେବେ ଅଧିକାରୀଙ୍କୁ ଦେଖା ହୁଏତ ପୁଣି କେବେ ସୁଯୋଗ ମିଳେନାହିଁ। ନିଜ ଦୁଃଖ କହିବାକୁ ବାରମ୍ବାର ବ୍ଲକ ଜନ ଶୁଣାଣିରେ ମଧ ଅଭିଯୋଗ କରିଛନ୍ତି। ମାତ୍ର ଏପର୍ଯ୍ୟନ୍ତ ତାଙ୍କୁ ନ୍ୟାୟ ମିଳିପାରିନାହିଁ ବୋଲି କ୍ଷୋଭର ସହ କୁହନ୍ତି।

ଏ ସମ୍ପର୍କରେ ତାଳବସ୍ତ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ଆଲୋକ ସାହୁଙ୍କୁ ପଚାରିବାରେ ତାଙ୍କ ହାତରେ କିଛି ନାହିଁ ପର୍ଯ୍ୟାୟକ୍ରମେ ବ୍ଲକରେ ମଧୁବାବୁ ଭତ୍ତାଗୁଡିକର ନାମ ଆସୁଛି। ତେଣୁ ନିଶ୍ଚିନ୍ତ ବିଳମ୍ବ ହେବ। ଡମପଡା ବ୍ଲକ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଦାସ କୁହନ୍ତି, ଫେବୃଆରୀରେ ତାଳବସ୍ତଠାରେ ଜନଶୁଣାଣି ଅଭିଯୋଗ ହୋଇଥିଲା। ଭତ୍ତା ଉପରେ ଥିବା ଅଭିଯୋଗ ଏବଂ ଦୃଷ୍ଟି ଆକର୍ଷଣ କରିଥିବା ଏହି ତିନିଜଣ ଯୋଗ୍ୟ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ।

## ଫଟୋରେ ଖବର




ଇରାନ ଉପରେ ଆକ୍ରମଣ ଓ ରନ୍ଧନ ଗ୍ୟାସର ଦର ବୃଦ୍ଧିକୁ ବିରୋଧ କରି ଗୁରୁବାର କଲେଜ ଛକଠାରେ ସିପିଆଇ(ଏମ୍) ପକ୍ଷରୁ ବିକ୍ଷୋଭ କରାଯାଉଛି।




ପଦ୍ମିନୀ କେୟାର ହସ୍ପିଟାଲ ପକ୍ଷରୁ ଗୁରୁବାର ବିଶ୍ୱ ବୃକକ୍ ଦିବସ ପାଳନ ଅବସରରେ ଅନୁଷ୍ଠିତ ୱାକାଥନ୍। (ଫଟୋ: ରାଜକିଶୋର ମହାନ୍ତି)

**ଗୋପୀନାଥପୁରରେ ବିଶ୍ୱଶାନ୍ତି ଯଜ୍ଞ**
କଣାସ,(ବିଭୂତି ଭୂଷଣ ତ୍ରିପାଠୀ)- କଣାସ ବ୍ଲକ୍ ଗୋପୀନାଥପୁରଠାରେ ମା' ଡୋମଣୀ ଠାକୁରାଣୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଶେଷ ହୋଇଛି। ଦୟାନଦୀରୁ କଳସ ଯାତ୍ରା କରାଯାଇ ବ୍ରତୀମାନେ ଯଜ୍ଞ ମଣ୍ଡପକୁ କଳସ ଆଣିଥିଲେ। ପ୍ରତିଦିନ ସୂର୍ଯ୍ୟପୂଜା, ଗୋପୂଜା ଓ ବୈଦିକ ଆହୁତି, ଚଣ୍ଡୀପାଠ କରାଯାଇଛି। ଏହାକୁ ଗ୍ରାମବାସୀ ପରିଚାଳନା କରିଛନ୍ତି।




ପୁରୀ ବେଳାଭୂମିରେ ସମୁଦ୍ର ସ୍ନାନର ମଜା ନେଉଛନ୍ତି ପର୍ଯ୍ୟଟକ ।


ରାଜ୍ୟସ୍ତରୀୟ କଳାକାର ସମାବେଶର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

**ସଂକ୍ଷେପରେ**

## ବକୁ ପଞ୍ଚଦୋଳ ମେଳଣ ସମ୍ପନ୍ନ

ପୁରୀ,୧୨।୩(ଅଜିତ୍ କୁମାର ମହାନ୍ତି)

ସପ୍ତଦଶ ଶତାବ୍ଦୀରୁ ଚାଲିଆସୁଥିବା ପୁରୀ ଜିଲାର ଐତିହାସିକ ପଞ୍ଚଦୋଳ ମେଳଣ ମହାସମାରୋହରେ ବକୁ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳଣରେ ୧୫ ମୌଜା ଓ ୭ ଶାସନର ଅନେକ ଗ୍ରାମରୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଦୋଳାରୂଢ଼ ଠାକୁରମାନେ ମେଳଣ ପଡ଼ିଆକୁ ଆସିଥିଲେ। ୨ଦିନ ଧରି ଚାଲିଥିବା ଏହି ଯାତ୍ରା ଅବସରରେ ରାମନାଟକ, ରାମଲୀଳା ଓ କାଳୀୟଦଳନ ଦେଖିବାକୁ ଜନସମାରୋହ ହୋଇଥିଲା। ଚଳିତବର୍ଷ ମଧ୍ୟ ମେଳଣ ଅବସରରେ ଦୋକାନ ବଜାର ଖୁବ୍ ଜମିବା ସାଙ୍ଗକୁ ମେଳଣ ପଡ଼ିଆ ଆଲୋକମାଳାରେ ସଜ୍ଜିତ ହୋଇଥିଲା। ବର୍ଷ ବର୍ଷ ଧରି ଭାଇଚାରା ଓ ସାମାଜିକ ପରିବେଶକୁ ବଜାୟ ରଖି ଆସିଥିବା ଉକ୍ତ ମେଳଣ କାର୍ଯ୍ୟକ୍ରମ ପରିଚାଳନା କରିବା ଅବସରରେ ନିଶା ନିବାରଣ ଓ ମଦ ବିକ୍ରି ଉପରେ ଆଞ୍ଚଳିକ ମେଳଣ କମିଟି ଅଙ୍କୁଶ ଲଗାଇଥିଲେ। ଅଞ୍ଚଳର ବରିଷ୍ଠ ନାଗରିକ ନବକିଶୋର ଜଗଦେବ, ସୁରେନ୍ଦ୍ର ଶ୍ରୀଚନ୍ଦନ, ପ୍ରଫୁଲ୍ଲ ଜଗଦେବ, ଉମ୍ବରୁଧର ଚମ୍ପତି, ପ୍ରଦୀପ ପ୍ରଧାନ, ସମ୍ରାଟ୍ ଚମ୍ପତି, ଗୋଲଖ ପ୍ରଧାନ, ବାବୁଲି ସ୍ୱାଇଁ, ସର୍ବେଶ୍ୱର ସ୍ୱାଇଁ ଓ ବିକ୍ରମ ସ୍ୱାଇଁ ପ୍ରମୁଖ ମେଳଣ ପରିଚାଳନାରେ ସହଯୋଗ କରିଥିଲେ।

## ସାମ୍ବାଦିକଙ୍କ ମାତୃ ବିୟୋଗ

ଚାରିଛକ,୧୨।୩(ଶିଶିର ସ୍ୱାଇଁ)

ଚାରିଛକ ଛକ ନିକଟସ୍ଥ ରତନପୁର ପଞ୍ଚାୟତ ବନମାଳୀପୁର ଗ୍ରାମର ସାମ୍ବାଦିକ କେଦାର ନାଥ ସାହୁଙ୍କ ମା' ପାର୍ବତୀ ସାହୁ (୮୨)ଙ୍କ ଗୁରୁବାର ସକାଳୁ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା, ମିଷ୍ଟଭାଷୀ, ସମାଜସେବୀ, ପରୋପକାରୀ ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୨ ପୁଅବୋହୂ, ନାତିନାତୁଣୀ, ବନ୍ଧୁବାନ୍ଧବ ପରିବାରବର୍ଗ ଉପସ୍ଥିତ ଥିଲେ। ବିୟୋଗ ପରେ ସେ ତାଙ୍କର ଦୁଇଟି ଚକ୍ଷୁ ପୁରୀ ଚକ୍ଷୁ ବ୍ୟାଙ୍କକୁ ଦାନକରି ସ୍ଥାନୀୟ ଅଞ୍ଚଳରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ତାଙ୍କ ବିୟୋଗ ଖବରପାଇ ଚାରିଛକ ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କୁମାର କର, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ସାମ୍ବାଦିକ ପ୍ରଫୁଲ୍ଲ ସାହୁ, ପ୍ରଶାନ୍ତ କୁମାର ସାହୁ, ଉପଦେଷ୍ଟା ପ୍ରଫେସର ଗୋପୀନାଥ କର, କାହ୍ନୁ ଚରଣ ବେହେରା, ଚନ୍ଦ୍ରକାନ୍ତ ଦଳାଇ, ସନାତନ ପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ କେଦାରନାଥ ମୁଖାଗ୍ନି ଦେଇଥିଲେ।

## ବିଶ୍ୱନାଥ ଦେବଙ୍କ ବିଶ୍ୱଶାନ୍ତି ଗୀତାଯଜ୍ଞ

କଣାସ,୧୨।୩(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ ଖୁଣ୍ଟିଆବାଣପୁର ଗ୍ରାମର ଆରାଧ ଦେବତା ବାବା ବିଶ୍ୱନାଥ ଦେବଙ୍କ ୪୨ତମ ବିଶ୍ୱଶାନ୍ତି ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ୬ଦିନ ବ୍ୟାପୀ ଗୀତାଯଜ୍ଞ, ଗୀତାପଠନ, ଚଣ୍ଡୀପାଠ, ଯଜ୍ଞାହୁତି ପ୍ରଦାନ, ଶ୍ରୀରାମଚରିତ ମାନସ ଓ ସମୂହ ପାରାୟଣ ବିଧିପୂର୍ବକ ଦେଶର କଲ୍ୟାଣ ସାଧନା ନିମନ୍ତେ ଅନୁଷ୍ଠିତ ହେଉଛି। ଅଞ୍ଚଳର ଶ୍ରଦ୍ଧାଳୁ ଓ ଗ୍ରାମର ଲୋକଙ୍କୁ ନେଇ ଦୀର୍ଘ ୪୨ ବର୍ଷ ଧରି ଶାନ୍ତି ଶୃଙ୍ଖଳା ସହ ଏହି ଆହୁତି କାର୍ଯ୍ୟ ଚାଲୁଅଛି। ଶତାଧିକ ଭକ୍ତ କଳସ ଯାତ୍ରାରେ ସାମିଲ ହୋଇ ପୁଷ୍କରିଣୀରୁ ମାନସିକ ରଖି ଜଳ ଉଠାଇଥିଷଲ। ଅନ୍ତିମ ଦିବସରେ ହଜାର ହଜାର ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

# ପେଟ୍ରୋଲ ପମ୍ପରେ ଗ୍ରାହକଙ୍କୁ ଠକେଇ ଅଭିଯୋଗ

ଗୋପ,୧୨।୩(ଭାରତୀ ଭୂଷଣ ଉପାଧ୍ୟାୟ)

**ଗୋପରେ ମଧ୍ୟପ୍ରାଚ୍ୟର ଲଢ଼େଇ ପ୍ରଭାବ**

ମଧ୍ୟପ୍ରାଚ୍ୟର ଲଢ଼େଇକୁ ନେଇ ଗୋପ ବ୍ଲକରେ ତାର ପ୍ରଭାବ ଦେଖାଦେଇଛି। ଏପରିକି ଏହାକୁ ନେଇ କେତେକ ପେଟ୍ରୋଲ ପମ୍ପ ମାଲିକ ଠକେଇ କରୁଥିବା ଭଳି ଅଭିଯୋଗ ଆସିଥିବା ବେଳେ ଗ୍ୟାସ ସିଲିଣ୍ଡର ମଧ୍ୟ ମିଳୁ ନାହିଁ।

ପ୍ରକାଶ ଯେ, ଗୋପ ପୁରୀ ଜିଲାର ଏକ ନମ୍ବର ବ୍ଲକ ହୋଇଥିବା ବେଳେ ଏହାର ପରିସୀମା ଅଧିକ ମାତ୍ରାରେ ଥିବା ସମୟରେ ଏହି ବ୍ଲକ ଅଞ୍ଚଳର ୩୧ଟି ପଞ୍ଚାୟତରେ ଲକ୍ଷାଧିକ ଲୋକ ବସବାସ କରୁଛନ୍ତି। ବ୍ଲକ ଅଞ୍ଚଳରେ ଥିବା କେତେକ ନିର୍ଦ୍ଦିଷ୍ଟ ପେଟ୍ରୋଲ ପମ୍ପରେ ଗ୍ରାହକଙ୍କୁ ଠକେଇ କରାଯାଉଛି। ଗୋପ-କୋଣାର୍କ, ଗୋପ-ନିମାପଡ଼ା, ଗୋପ-ଚାରିଛକ ଓ ଗୋପ - ବାଲିଘାଇ ରାସ୍ତାରେ କେତେକ ବଡ଼ବଡ଼ କମ୍ପାନୀ ଗୁଡ଼ିକର ପେଟ୍ରୋଲ ପମ୍ପ ରହିଛି। ହେଲେ ଏହି ସବୁ ପେଟ୍ରୋଲ ପମ୍ପଗୁଡ଼ିକରେ ଏବେ ଗୋଟିଏ ଲିଟର ପେଟ୍ରୋଲ ପକାଇଲେ ସେହି ପେଟ୍ରୋଲ କମ୍ ରହୁଥିବା ଭଳି ଅଭିଯୋଗ ହୋଇଛି। ଏପରିକି ଆବଶ୍ୟକତା ଅନୁସାରେ ପେଟ୍ରୋଲ ଥିଲେ ମଧ୍ୟ ପେଟ୍ରୋଲ ପମ୍ପ ମାଲିକମାନେ ଏବେ ପେଟ୍ରୋଲ ନାହିଁ ବୋଲି ଗ୍ରାହକଙ୍କୁ କହୁଛନ୍ତି। ଆଉ କେତେକ ପେଟ୍ରୋଲ ପମ୍ପ ମାଲିକ ପେଟ୍ରୋଲ ଲିଟର ପିଛା ସରକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ ଅଧିକ ୫/୧୦ ଟଙ୍କା ଅଧିକ ନେଉଛନ୍ତି। ସରକାରଙ୍କ ତରଫରୁ ଗୋପ ବ୍ଲକର ୨/୪ଟି ସ୍ଥାନରେ ଚାଷୀଙ୍କ ଉଦ୍ଦେଶ୍ୟରେ ପେଟ୍ରୋଲ ପମ୍ପ ଖୋଲାଯାଇଥିବା ବେଳେ ସେହି ପେଟ୍ରୋଲ ପମ୍ପରେ ବର୍ଷ ବର୍ଷ ଧରି ଚାଷୀଙ୍କୁ ଆବଶ୍ୟକତା ଅନୁସାରେ ସରକାରୀ ସୁବିଧା ମିଳୁନାହିଁ। ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ମଧ୍ୟ ଚାଷୀଙ୍କୁ ଠକେଇ ଶିକାର ହେବାକୁ ପଡୁଛି। ଅପରପକ୍ଷରେ ଗୋପ ବ୍ଲକର ବିଭିନ୍ନ ସ୍ଥାନରେ ୮/୧୦ଟି ବିଭିନ୍ନ କମ୍ପାନୀର ଗ୍ୟାସ କମ୍ପାନୀ ଥିବାବେଳେ ଚୋରାଚାଲାଣ ହେଉଥିବା ନେଇ ଅଭିଯୋଗ ଆସୁଛି। ସେପଟେ ସରକାର ଆବଶ୍ୟକୀୟ ଅନୁସାରେ ପେଟ୍ରୋଲ, ଗ୍ୟାସ ସିଲିଣ୍ଡର ପର୍ଯ୍ୟାପ୍ତ ପରିମାଣର ରହିଛି ବୋଲି କହୁଥିବା ବୋଲେ ଏହି ଅଭିଯୋଗ ଉପରେ ଗୁରୁତ୍ୱଦେବାକୁ ଦାବି କରାଯାଇଛି। ଏହି ସବୁ ଅଭିଯୋଗ ୩/୪ ଦିନ ହେଲା ଦେଖା ଦେଇଥିବା ବେଳେ ଚଢ଼ାଉ ତ ଦୂରର କଥା ବିଭାଗୀୟ ଅଧିକାରୀଙ୍କର ଦେଖାନାହିଁ। ଏହି କଳାବଜାରୀ ଅଭିଯୋଗ ଉପରେ ଗୋପ ବ୍ଲକ ଯୋଗାଣ ନୀରିକ୍ଷିକା ରଚିତା ପଣ୍ଡା କହିଛନ୍ତି ମୋ ନିକଟରେ ସେପରି ଅଭିଯୋଗ ନାହିଁ। ତଥାପି ପ୍ରତ୍ୟେକ ସ୍ଥାନରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ସୂଚନା ଅଧିକାର ଆଇନ କର୍ମଶାଳା



ବୈଠକରେ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରାଙ୍କ ସମେତ ଅନ୍ୟ ଅତିଥିମାନେ ।

ପୁରୀ,୧୨।୩(ଅଜିତ୍ କୁମାର ମହାନ୍ତି)

ସୂଚନା ଅଧିକାର ଆଇନ ଦ୍ୱାରା ଅନେକ ଦୁର୍ନୀତିକୁ ରୋକାଯିବା ସହ କାର୍ଯ୍ୟରେ ସ୍ୱଚ୍ଛତା ଆସିପାରିଛି ବୋଲି ଗୁରୁବାର ପୂର୍ବାହ୍ନରେ ସଦ୍‌ଭାବନା ସଭାଗୃହରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ସୂଚନା ଅଧିକାର ଆଇନ କର୍ମଶାଳାରେ ଯୋଗଦେଇ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି। କିଛି ଅଧିକାରୀ ବା କର୍ମଚାରୀ ଯଦି କାର୍ଯ୍ୟରେ ଅବହେଳା କରନ୍ତି ପ୍ରତିକାର ସ୍ୱରୂପ ଏହି ଆଇନ ହିଁ ଉପଯୁକ୍ତ ମାଧ୍ୟମ। ଏହି ଆଇନ ଦ୍ୱାରା ସାଧାରଣ ଲୋକଙ୍କୁ ଅନେକ ସୁଫଳ ମିଳୁଛି ଓ ଦୁର୍ନୀତି ବା ଅନିୟମିତତାକୁ କମାଯାଇପାରୁଛି ବୋଲି ସେ କହିଥିଲେ।

ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସୂଚନା ଅଧିକାର ଆଇନର କାର୍ଯ୍ୟକାରିତା ପାଇଁ ସମସ୍ତ ବିଭାଗ ଉତ୍ତରଦାୟୀ। କେହି ତଥ୍ୟ ମାଗିଲେ ଆଇନ ମୁତାବକ ତଥ୍ୟ ପାଇବା ଆବେଦନକାରୀଙ୍କ ଅଧିକାର ଓ ତଥ୍ୟ ପ୍ରଦାନ କରିବା ଆମର ଦାୟିତ୍ୱ। ଠିକ୍ ଭାବରେ ସୂଚନା ଅଧିକାର ଆଇନକୁ ବୁଝି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ତଥ୍ୟ ପ୍ରଦାନ କରିବାକୁ ସେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ ଓ ଅନନ୍ୟା ଗରାବଡୁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ମାଷ୍ଟର ଟ୍ରେନର ସଂଗ୍ରାମ କେଶରୀ ପୃଷ୍ଟି ଓ ହରିହର ମହାନ୍ତି ପାୱାର ପଏଣ୍ଟ ମାଧ୍ୟମରେ ସମସ୍ତ ଫାଷ୍ଟ ଆପିଲେଟ୍ ଅଥରିଟି, ସୂଚନା ଅଧିକାରୀ ଓ ସହକାରୀ ସୂଚନା ଅଧିକାରୀଙ୍କୁ ତାଲିମ୍ ପ୍ରଦାନ କରିଥିଲେ।

# ଅଭାବୀ ବିକ୍ରିର ସମ୍ମୁଖୀନ ଟମାଟୋ ଚାଷୀ

କାକଟପୁର/ଅସ୍ତରଙ୍ଗ,୧୨।୩
(ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ)

**ବଜାରରେ ୨୫ ଟଙ୍କା, ବିଲରେ ୪ ଟଙ୍କା**

ମାସେ ପୂର୍ବରୁ ଅସ୍ତରଙ୍ଗ ମୁଖ୍ୟ ବଜାରରେ ପରିବା ଦର ଥିଲା ଆକାଶଛୁଆଁ। ଟମାଟୋ କିଲୋ ୬୦ରୁ ୭୦ଟଙ୍କାରେ ବିକ୍ରି ହେଉଥିଲା। ହେଲେ ବର୍ତ୍ତମାନ ଟମାଟୋ ଦର ଖସିଛି। ଟମାଟୋ ଦର ଅସ୍ତରଙ୍ଗ ବଜାରରେ କିଲୋ ୨୫ଟଙ୍କାରୁ ୩୦ଟଙ୍କାରେ ବିକ୍ରି ହେଉଛି। ୩ କେଜି ଟମାଟୋ ନେଲେ ୭୦ଟଙ୍କାରେ ମିଳିଯାଉଛି। କିନ୍ତୁ ଅସ୍ତରଙ୍ଗ ମୁଖ୍ୟ ବଜାରରୁ ମାତ୍ର ୫ କି.ମି. ଦୂର ଖଣ୍ଡାସାହିରୁ ବାଉରିଆକଣ ରାସ୍ତା ପାର୍ଶ୍ୱରେ ଚାଷୀଙ୍କ ବିଲରେ ଦର ରହିଛି ମାତ୍ର ୪ଟଙ୍କା। କେବଳ ଖଣ୍ଡାସାହି ନୁହେଁ, ବେଗୁନିଆବସ୍ତରେ ମଧ୍ୟ ସମାନ ସ୍ଥିତି। ବେପାରୀମାନେ ଚାଷୀଙ୍କ ଠାରୁ କମ୍‌ରେ କିଣି ବଜାର ରେ ଅଧିକ ଟଙ୍କାରେ ବିକ୍ରି କରୁଛନ୍ତି। ଦର ହ୍ରାସ କାରଣରୁ ଟମାଟୋ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଶୀତଳ ଭଣ୍ଡାର ନ ଥିବାରୁ ଚାଷୀ କମ୍ ମୂଲ୍ୟରେ କଷ୍ଟ ଅର୍ଜିତ ଟମାଟୋକୁ ବେପାରୀଙ୍କୁ ଟେକି ଦେବାକୁ ବାଧ ହେଉଛନ୍ତି। ସେପଟେ କମ୍ ଦରରେ ମିଳୁଥିବା ଖଣ୍ଡାସାହି ଅଞ୍ଚଳର ଉନ୍ନତ କିସମର ଟମାଟୋ କିଣିବା ପାଇଁ ନାଉଗାଁ, ନିଆଳି, ଚାରିଛକ, ବାଲିକୁଦା ଅଞ୍ଚଳର ବ୍ୟବସାୟୀଙ୍କ ଧାଡ଼ି ଲାଗୁଛି। କମ୍ ଦରରେ ମିଳୁଥିବା ଟମାଟୋକୁ ବାହାର ବ୍ୟବସାୟୀ କିଣି ନେଇ କିଛିଦିନ ଶୀତଳଭଣ୍ଡାରରେ ଗଚ୍ଛିତ ରଖି ପୁଣି ଚଢ଼ାଦରରେ ବିକ୍ରି କରିବେ। କିନ୍ତୁ ଚାଷୀ ଚାଷ ଖର୍ଚ୍ଚ ଦୂରର କଥା ତୋଳିବା ଖର୍ଚ୍ଚ ମଧ୍ୟ ପାଉ ନ ଥିବା କ୍ଷୋଭର ସହ ଖଣ୍ଡାସାହି ଗ୍ରାମର ଚାଷୀ ନରେନ୍ଦ୍ର ନାୟକ କହିଛନ୍ତି।

# ଛାତ୍ରୀଙ୍କୁ ସ୍କୁଲ କର୍ମଚାରୀଙ୍କ ଅସଦାଚରଣ ଭିଡିଓ ଭାଇରାଲ୍

ଅସ୍ତରଙ୍ଗ,୧୨।୩ (ମମତା ଜେନା)

ବିଦ୍ୟାଳୟକୁ ପବିତ୍ର ଶିକ୍ଷାମନ୍ଦିର କୁହାଯାଉଥିବା ବେଳେ ଉକ୍ତ ପରିସରରେ ଅତ୍ୟନ୍ତ ନିନ୍ଦନୀୟ ଘଟଣା ସାମ୍ନାକୁ ଆସିଛି। କାକଟପୁର ବ୍ଲକ୍‌ର ଏକ ବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ସ୍କୁଲ୍ କର୍ମଚାରୀ ଅସଦାଚରଣ କରିଥିବା ଭିଡିଓ ଭାଇରାଲ୍ ଘଟଣା ଏବେ ସାମ୍ନାକୁ ଆସିଛି।

ସୂଚନା ମୁତାବକ, କାକଟପୁର ବ୍ଲକ୍‌ର ଏକ ସ୍କୁଲ୍‌ରେ ଛାତ୍ରୀଙ୍କୁ ସ୍କୁଲ୍ କର୍ମଚାରୀ ଅସଦାଚରଣ କରିଥିବାର ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି। ଏହି ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣା ପରେ ଛାତ୍ରୀଙ୍କ ଅଭିଭାବକଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି। ବାଳିକା ବିଦ୍ୟାଳୟ ପରିସରକୁ ଜଣେ କର୍ମଚାରୀ କିଭଳି ଅବାଧରେ ପ୍ରବେଶ କରୁଥିଲେ ଏବଂ ଏଭଳି ଅନୈତିକ କାର୍ଯ୍ୟ କରିବାକୁ ସୁଯୋଗ ପାଇଲେ, ତାହାକୁ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କୁ ସନ୍ଦେହଘେରକୁ ଟାଣିଛନ୍ତି ସ୍ଥାନୀୟ ବାସିନ୍ଦା।

**ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ: ଜିଲା ଶିକ୍ଷାଧିକାରୀ**

ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ କହିଛନ୍ତି, ଭିଡିଓ ଭାଇରାଲ ପରେ ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ତଦନ୍ତ ଆରମ୍ଭ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଏ ସମ୍ପର୍କରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ପୋଲିସ ଏବଂ ପ୍ରଶାସନ ଏହି ଘଟଣାରେ କଠୋର ଆଭିମୁଖ୍ୟ ଗ୍ରହଣ କରି ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ କାକଟପୁର ଥାନାଧିକାରୀ ବସନ୍ତ କୁମାର ସାହୁ କହିଛନ୍ତି, ଏଭଳି ଘଟଣା ସାମ୍ନାକୁ ଆସିଛି। ଏହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ରମୁ ପାତ୍ରଙ୍କ କଂଗ୍ରେସରେ ଯୋଗଦାନ, କଂଗ୍ରେସ ମହଲରେ ଆନନ୍ଦର ଲହରୀ

ନିମାପଡ଼ା,୧୨।୩(ବିଚିତ୍ରାନନ୍ଦ ସାହୁ)

ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ବୁଧବାର ଆୟୋଜିତ ଏକ ମହାମିଶ୍ରଣ ପର୍ବରେ ସତ୍ୟବ୍ରତ ପାତ୍ର ଓରଫ ରମୁ ପାତ୍ର ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗ ଦେଇଛନ୍ତି। ରମୁ ପାତ୍ର ବିଜେଡି ଛାଡ଼ି ତାଙ୍କର ହଜାର ହଜାର ସମର୍ଥକଙ୍କ ସହ କଂଗ୍ରେସରେ ସାମିଲ ହୋଇଛନ୍ତି। ସତ୍ୟବ୍ରତ ପାତ୍ରଙ୍କ କଂଗ୍ରେସରେ ଯୋଗଦାନ ପରେ ନିମାପଡ଼ା ନିର୍ବାଚନମଣ୍ଡଳୀରେ କଂଗ୍ରେସ ଦଳ ଓ ନେତା, କର୍ମୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ଏବେ ନିମାପଡ଼ାରେ ଥିବା କଂଗ୍ରେସ କାର୍ଯ୍ୟାଳୟ ଚଳଚଞ୍ଚଳ ହୋଇଉଠିଛି। ଗତ ସାଧାରଣ ନିର୍ବାଚନ ପରଠାରୁ ନିମାପଡ଼ାରେ କଂଗ୍ରେସ ଦଳ ଏକରକମ ମୁରବି ଶୂନ୍ୟ ହୋଇପଡ଼ିଥିଲା। ଏବେ ସତ୍ୟବ୍ରତ କଂଗ୍ରେସରେ ଯୋଗଦେବା ପରେ ନିମାପଡ଼ା ନିର୍ବାଚନମଣ୍ଡଳୀର ମଙ୍ଗ ଧରିବେ ବୋଲି ଶତାଧିକ କଂଗ୍ରସ କର୍ମୀ ଆସ୍ଥା ପ୍ରକଟ କରିଛନ୍ତି। ସତ୍ୟବ୍ରତଙ୍କ ନେତୃତ୍ୱରେ ନିମାପଡ଼ାରେ କଂଗ୍ରେସ ଦଳ ଅଧିକ ମଜଭୁତ ଓ ଶକ୍ତିଶାଳୀ ହେବ ବୋଲି କଂଗ୍ରେସ ଏସ୍‌ସି ସେଲ୍‌ର ଅଧକ୍ଷ ଗୋବିନ୍ଦ ମଲ୍ଲିକ, ବ୍ଲକ ସଂଯୋଜକ ବାବୁଲି ବାରିକ, ବରିଷ୍ଠ କଂଗ୍ରେସ ନେତା ନରେନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ନିଶିକାନ୍ତ ସ୍ୱାଇଁ ପ୍ରମୁଖ ଦୃଢ଼ୋକ୍ତି ପ୍ରକାଶ କରିଥିବାବେଳେ ସତ୍ୟବ୍ରତଙ୍କର ଏହା ଘରବାହୁଡ଼ା ବୋଲି କହିଛନ୍ତି। ସତ୍ୟବ୍ରତ ୨୦୦୯ ମସିହାରେ ନିମାପଡ଼ାରୁ କଂଗ୍ରେସର ବିଧାୟକ ପ୍ରାର୍ଥୀ ହୋଇଥିବାବେଳେ ପୂର୍ବରୁ କଂଗ୍ରେସ ଦଳର ପୁରୀ ଜିଲା ସଭାପତି ଭାବେ ନିଷ୍ଠାର ସହ କାର୍ଯ୍ୟ କରିଥିଲେ।

# ମା' ଭଗବତୀ ପୀଠସ୍ଥଳୀରେ ବଣଭୋଜି


ବଣଭୋଜିରେ ଉପସ୍ଥିତ ଥିବା ଜବାହର ବିଦ୍ୟାପୀଠ ୧୯୭୭ ମାଟ୍ରିକ୍ ବ୍ୟାଚ୍‌ର ସହପାଠୀ।

ପିପିଲି,୧୨।୩ (ପ୍ରଭାତ ମହାପାତ୍ର)

ପିପିଲି ବ୍ଲକ ଅନ୍ତର୍ଗତ ଜଇସପାଟଣା ନିକଟ ମା'ଭଗବତୀ ପୀଠସ୍ଥଳୀରେ ଏକ ବଣଭୋଜି ଅନୁଷ୍ଠିତ ହୋଇଯାଇଛି। ପୁରାତନ ହାଇସ୍କୁଲ ଜବାହର ବିଦ୍ୟାପୀଠ ୧୯୭୭ ମାଟ୍ରିକ୍ ବ୍ୟାଚ୍‌ର ସହପାଠୀଙ୍କ ସହଯୋଗରେ ଏହା ହୋଇଥିଲା। ଦୀର୍ଘ ୪୯ ବର୍ଷ ପରେ ସହପାଠୀମାନେ ଏକତ୍ରିତ ହୋଇଥିବାରୁ ପରସ୍ପରକୁ କରମର୍ଦ୍ଦନ ଏବଂ କୋଳାଗ୍ରତ ଦ୍ୱାରା ଅଭିବାଦନ ଜଣାଇଥିଲେ। ହାଇସ୍କୁଲ ଓ କଲେଜ ସମୟର ଅନୁଭୂତି ଏବଂ ସ୍ମୃତିକୁ ମନେପକାଇ ଭାବବିହ୍ୱଳ ହୋଇଯାଇଥିଲେ। ତତ୍କାଳୀନ କୈଶୋରାବସ୍ଥା ଏବଂ ବର୍ତ୍ତମାନର ବରିଷ୍ଠ ନାଗରିକ ଅବସ୍ଥା, ଚାଲିଚଳନ, ବ୍ୟବହାର ଏବଂ କଥାବାର୍ତ୍ତା ମଧ୍ୟରେ ଏକ ତୁଳନାତ୍ମକ ସମୀକ୍ଷା ଆଧ୍ୟାତ୍ମିକ ମାର୍ଗରେ ପୌରାଣିକ ଉପାଖ୍ୟାନ ଦେଇ ଅନାଦି ନାୟକ ବୁଝାଇଥିଲେ। ଏହା ହୃଦୟସ୍ପର୍ଶୀ ହେବା ସହ ହାସ୍ୟରସ ସୃଷ୍ଟି କରିଥିଲା। ସକ୍ରିୟ ପୂର୍ବତନ ସହପାଠୀ ଅନାଦି ନାୟକ ଏବଂ ପ୍ରମୋଦ ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ବନ୍ଧୁମିଳନରେ ଅଖିଳ, ଲକ୍ଷ୍ମୀଧର, ଭିକାରୀ, ଶରତ, ଭାସ୍କର, ବେଣୁଧର, ରମେଶ ଏବଂ ଅନ୍ୟମାନେ ଯୋଗ ଦେଇଥିଲେ।

# 'ନୂତନ ଶିକ୍ଷାନୀତି-୨୦୨୦' ଶୀର୍ଷକ ଆଲୋଚନା

କଣାସ,୧୨।୩(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଦୟାବିହାରଠାରେ ପ୍ରତିଷ୍ଠିତ ଦୟାବିହାର ସ୍ନାତକ ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ଏବଂ ଆଇକ୍ୟୁଏସିର ମିଳିତ ସହଯୋଗରେ 'ନୂତନ ଶିକ୍ଷାନୀତି-୨୦୨୦ ଏବଂ ଭାରତର ଉଚ୍ଚଶିକ୍ଷା' ଶୀର୍ଷକ ଏକ ଆଲୋଚନା ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷା ବିଭାଗର ପ୍ରାଧ୍ୟାପକ ଡ. ଗୌରାଙ୍ଗ ଚରଣ ନନ୍ଦ, ମୁଖ୍ୟବକ୍ତା ଭାବେ ଡ. ପ୍ରଦୋଷ କୁମାର ପତି, ବଳଙ୍ଗା ଡିଗ୍ରୀ କଲେଜ, ଗାଦିବ୍ରହ୍ମ ଡିଗ୍ରୀ କଲେଜର ଶିକ୍ଷା ବିଭାଗ ବରିଷ୍ଠ ଅଧ୍ୟାପକ ଡ. ଲକ୍ଷ୍ମୀଧର ପାଇକରାୟ ପ୍ରମୁଖ ଯୋଗ ଦେଇଥିଲେ। ମନୁଷ୍ୟର ପ୍ରାଣମୟ କୋଷ, ମନୋମୟ କୋଷ, ବିଜ୍ଞାନମୟ କୋଷ, ଆନନ୍ଦମୟ କୋଷ ଓ ଅନ୍ନମୟ କୋଷର ବିକାଶ ହେଲେ ପୂର୍ଣ୍ଣାଙ୍ଗ ଶିକ୍ଷା ହୋଇପାରିବ। ଶିକ୍ଷା ହାସଲ କରିଦେଲେ କେବଳ ହେବନି, ଜୀବନରେ ଆସୁଥିବା ସମସ୍ତ ସମସ୍ୟାକୁ ସମ୍ମୁଖୀନ ହେବାର ଦକ୍ଷତା ହିଁ ସାମଗ୍ରିକ ଶିକ୍ଷା। ଆଧ୍ୟାତ୍ମିକ ମୂଲ୍ୟବୋଧରେ ଆମ ଶରୀର ଗଢ଼ା। ତେଣୁ ଆମେ ବାସ୍ତବତାଠାରୁ ଦୂରେଇ ନ ଯାଇ ଭବିଷ୍ୟତ ପିଢ଼ି ପାଇଁ କାର୍ଯ୍ୟପନ୍ଥା ଆପଣେଇବା ଦରକାର ବୋଲି ପତି ପରାମର୍ଶ ଦେଇଥିଲେ। ଶିକ୍ଷା ବିଭାଗର ଅଧ୍ୟାପିକା ସୁପ୍ରଭା ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ ପୂର୍ବକ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟତଃ ୧୫ରୁ ଉର୍ଦ୍ଧ୍ୱ ଅଧ୍ୟାପକ ଅଧ୍ୟାପକ ଯୋଗ ଦେଇଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ ।

# ରାଜ୍ୟସ୍ତରୀୟ କଳାକାର ସମାବେଶ ଉଦ୍‌ଯାପିତ

ପୁରୀ,୧୨।୩(ଅଜିତ୍ କୁମାର ମହାନ୍ତି)


କଳାକାରମାନେ ସିଂହଦ୍ୱାରରୁ ଶୋଭାଯାତ୍ରାରେ ଯାଉଛନ୍ତି ।

ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ତରଫରୁ ଅନ୍ନପୂର୍ଣ୍ଣା ଥିଏଟରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କଳାକାର ସମାବେଶ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀମନ୍ଦିର ସିଂହଦ୍ୱାର ସନ୍ନିକଟରୁ କଳାକାର ଶୋଭାଯାତ୍ରା ବାହାରି ଥିଏଟର ପର୍ଯ୍ୟନ୍ତ ଯାଇଥିଲା। ସମାବେଶକୁ କୈଳାସ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗଞ୍ଜାମ ଜିଲା ଦୁଆନପଲ୍ଲୀସ୍ଥିତ ମା'ମଙ୍ଗଳା ଓ କଳାପାଟ ନାଟ୍ୟ ସଂଘ ପ୍ରାୟୋଜିତ ଲୋକ ନାଟକ 'ଲକ୍ଷ୍ମୀ ପୁରାଣ' ମଞ୍ଚସ୍ଥ ହୋଇଥିଲା। ଗୁରୁ ବନଜ କୁମାର ସାହୁଙ୍କ ନିର୍ଦ୍ଦେଶିତ ଓ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଦ୍ୱାରା ପରିଚାଳିତ ନାଟକଟି ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା।

ଉଦ୍‌ଯାପନୀ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ମହାସଂଘ ସଭାପତି ସୀମାନ୍ତ ନଟରାଜ ଡ. ତିରୁପତି ସାହୁଙ୍କ ଅଧ୍ୟକ୍ଷତାରେ ଏକ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ନାଟ୍ୟକାର ସୁରେନ୍ଦ୍ର କୁମାର ଜେନା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଗୁରୁଗୌରବ ପ୍ରମୋଦ କୁମାର ଦାଶ ଯୋଗଦାନ କରିଥିଲେ। ଲୋକ ନାଟକ ଗବେଷକ ଡ. ବାୟାମନୁ ଚର୍ଚ୍ଚି ବିଶିଷ୍ଟ ଅତିଥି, ଆଇଆଇସିଏଟି ସାଂସ୍କୃତିକ ସମ୍ମାନ ଅଧକ୍ଷ ନାଟ୍ୟକାର ଉପେନ୍ଦ୍ର କୁମାର ଶର୍ମା ମୁଖ୍ୟବକ୍ତା ଏବଂ ନାଟ୍ୟଶ୍ରୀ ଫାଉଣ୍ଡେଶନ ଅଧକ୍ଷ ଭବାନୀ ଶଙ୍କର ମିଶ୍ର, ଦାୟିତ୍ୱରେ ଥିବା ପୁରୀ ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀ, ମୋ ଅନୁଷ୍ଠାନର ସମ୍ପାଦକ ନରେନ୍ଦ୍ର ପ୍ରସାଦ ବେହେରା, ନାଟ୍ୟକାର ଅଭୟ କୁମାର ଦାସ, ଓଡ଼ିଶା ନାଟକ ସମାରୋହ ସମିତି ସଭାପତି ଅନିଲ କୁମାର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସରକାର କଳାକାର ଭତ୍ତା ବୃଦ୍ଧି ସାଙ୍ଗକୁ ଫ୍ୟାମିଲ୍ ପେନସନ ମାନ୍ୟତା ଏବଂ କେନ୍ଦ୍ର କଳାକାର ଭତ୍ତା ବୃଦ୍ଧି ନିମନ୍ତେ ଉଭୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ମହାସଂଘ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାରୁ ଅନ୍ୟୂନ ୪୦ ପ୍ରତିଭାବାନ୍ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଜିଲା ବରିଷ୍ଠ କଳାକାର ସଂଘ ଗଠନ କରାଯାଇଥିଲା। ଅବନୀ କୁମାର ଦାସ, ବୃନ୍ଦାବନ ନାୟକ, ବିଭୂତି ଭୂଷଣ ମହାନ୍ତି, ଚୈତନ୍ୟ ମହାପାତ୍ର, ମଙ୍ଗଳା ପ୍ରଧାନ, ସତ୍ୟପ୍ରିୟ ପ୍ରଧାନ ପ୍ରମୁଖ କର୍ମକର୍ତ୍ତା ଭାବେ ଚୟନ ହୋଇଥିଲେ। ପ୍ରାରମ୍ଭରେ ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଡ. ବିଜୟ ଚନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ମାନସ ରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

